

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୭ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 17 May 2026
Vol.No. 36 ■ No.129 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ଦସକ୍ଷାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଜିନପିଙ୍ଗଙ୍କ 'ପାୱାର ପ୍ଲେ' : ଟ୍ରମ୍ପ ଯିବା ମାତ୍ରେ ମେ' ୧୯-୨୦ରେ ଚୀନ୍ ଯିବାକୁ ପୁଟିନଙ୍କୁ ନିମନ୍ତ୍ରଣ




ନୂଆଦିଲ୍ଲୀ,୧୬/୫ : ଆନ୍ତର୍ଜାତୀୟ କୂଟନୀତିରେ ପ୍ରତିଟି ପଦକ୍ଷେପ ସତର୍କତାର ସହ ବିଚାର ନକରି ନିଆଯାଇଥାଏ। ଯେତେବେଳେ ଆମେରିକା, ଚୀନ୍ ଏବଂ ରୁଷର 'ସୁପରପାୱାର ତ୍ରିକୋଣ' କଥା ଆସେ, ପ୍ରତ୍ୟେକ ବୈଠକର ଗଭୀର ଗୁରୁତ୍ୱ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବେଜିଂ ଗସ୍ତ ସମାପ୍ତ ହୋଇଛି। ଟ୍ରମ୍ପଙ୍କ ଏୟାର ଫୋର୍ସ ୱାନ୍ ବିମାନ ବେଜିଂ ଆକାଶରେ ଥିବାବେଳେ କ୍ରେମଲିନ୍ ଆନୁଷ୍ଠାନିକ ଭାବରେ ଘୋଷଣା କରିଥିଲା ଯେ, ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମଧ୍ୟ ଖୁବ୍ ଶୀଘ୍ର ଚୀନ୍ ଗସ୍ତ କରିବେ। ପୁଟିନ ମେ' ୧୯-୨୦ ତାରିଖରେ ଦୁଇ ଦିନିଆ ଚୀନ୍ ଗସ୍ତରେ ଯିବେ ବୋଲି କ୍ରେମଲିନ ଶନିବାର କହିଛି। କ୍ରେମଲିନ୍ ବିବୃତି ଅନୁଯାୟୀ, ଯାତ୍ରା ସମୟରେ, ରୁଷ ନେତା ତାଙ୍କର ଚୀନ୍ ପ୍ରତିପକ୍ଷ ସି ଜିନପିଙ୍ଗଙ୍କ ସହ ଆଲୋଚନା କରିବେ ଯେ କିପରି ମସ୍କୋ ଏବଂ ବେଜିଂ ମଧ୍ୟରେ ସହଭାଗୀତା ଏବଂ ରଣନୈତିକ ସହଯୋଗକୁ ଆହୁରି ମଜବୁତ କରାଯିବ। ପୁଟିନ ଏବଂ ଜିନପିଙ୍ଗ ପ୍ରମୁଖ ଅନ୍ତର୍ଜାତୀୟ ଏବଂ ଆଞ୍ଚଳିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ। ସେମାନଙ୍କ ଆଲୋଚନା ଶେଷରେ ଏକ ମିଳିତ ଘୋଷଣାପତ୍ରରେ ସ୍ୱାକ୍ଷର କରିବେ। ଗସ୍ତର ଅଂଶ ସ୍ୱରୂପ, ପୁଟିନ ଚୀନ୍ ପ୍ରଧାନମନ୍ତ୍ରୀ ଲି କ୍ୱିଆଙ୍ଗଙ୍କ ସହ ଅର୍ଥନୈତିକ ଏବଂ ବାଣିଜ୍ୟିକ ସହଯୋଗ ବିଷୟରେ ଆଲୋଚନା କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଗୋଟିଏ ମାସ ମଧ୍ୟରେ ବେଜିଂରେ ବିଶ୍ୱର ଦୁଇ ସର୍ବବୃହତ ମହାଶକ୍ତି ନେତାଙ୍କ ସମ୍ମିଳନୀ ଆୟୋଜନ ଭୂରାଜନୀତି ଜଗତରେ ଏକ ଭୂମିକମ୍ପଠାରୁ କମ୍ ନୁହେଁ। ଏହା ଏକ ହଠାତ୍ ନିଷ୍ପତ୍ତି ଅବା କୌଣସି ସଂଯୋଗ ନୁହେଁ, ବରଂ ଏକ ଜଟିଳ, ସୁଚିନ୍ତିତ ଏବଂ ବହୁସ୍ତରୀୟ ରଣନୀତି। ଟ୍ରମ୍ପଙ୍କ ବିଦାୟ ପରେ ପୁଟିନଙ୍କ ଚୀନ୍ ଗସ୍ତ ପଛରେ ଥିବା ନିର୍ଦ୍ଦିଷ୍ଟ କାରଣ ରହିଛି। ଦୁଇ ମହାଶକ୍ତିର ନେତାଙ୍କୁ ନିଜ ଦେଶକୁ ଡାକି ଜିନପିଙ୍ଗ ସମଗ୍ର ବିଶ୍ୱ ଶକ୍ତି ଖେଳର ରିଙ୍ଗ୍ ମାଷ୍ଟର ହୋଇଛନ୍ତି। ଚୀନ୍‌ର ପାୱାର ପ୍ଲେ ଏକ ନୂଆ ଚର୍ଚ୍ଚା ଆରମ୍ଭ କରିଛି। ଏଥିରୁ ସବୁଠାରୁ ଅଧିକ ଲାଭ ପାଇବାକୁ ଯାଉଛନ୍ତି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ। ଟ୍ରମ୍ପ ଏବଂ ପୁଟିନଙ୍କୁ ଲଗାତାର ଆତିଥ୍ୟ ଦେଇ, ସି ଜିନପିଙ୍ଗ ବିଶ୍ୱକୁ ଏକ ଦୃଢ଼ ବାର୍ତ୍ତା ଦେଇଛନ୍ତି ଯେ ବିଶ୍ୱ ଶକ୍ତିର କେନ୍ଦ୍ର ୱାଶିଂଟନରୁ ବେଜିଂକୁ ସ୍ଥାନାନ୍ତରିତ ହୋଇଛି। ଏହା ଏକ ବିଶ୍ୱସ୍ତରୀୟ ଶକ୍ତି ଖେଳ । ଜିନପିଙ୍ଗ ପ୍ରମାଣ କରିଛନ୍ତି ଯେ, ଯଦି ଆମେରିକା ନିଜର ଅର୍ଥନୀତିକୁ ବଞ୍ଚାଇବାକୁ ଚାହେଁ, ତେବେ ତାକୁ ବେଜିଂ ଆଡକୁ ଫେରିବାକୁ ପଡିବ, ଏବଂ ଯଦି ରୁଷ ପାଶ୍ଚାତ୍ୟ ପ୍ରତିବନ୍ଧକର ମୁକାବିଲା କରିବାକୁ ଚାହେଁ, ତେବେ ତାକୁ ମଧ ଚୀନ୍‌ର ସହାୟତା ନେବାକୁ ପଡିବ। ଚୀନ୍ ଆଉ ଏକ ଆଞ୍ଚଳିକ ଶକ୍ତି ନୁହେଁ ବରଂ ବିଶ୍ୱର ସବୁଠାରୁ ବଡ଼ ଶକ୍ତି, ଯାହା ବିନା ବିଶ୍ୱ ଶାନ୍ତି କିମ୍ବା ଯୁଦ୍ଧ ସମ୍ପର୍କରେ କୌଣସି ନିଷ୍ପତ୍ତି ନେବା ସମ୍ଭବ ନୁହେଁ। ଟ୍ରମ୍ପଙ୍କ ବିଦାୟ ପରେ ପୁଟିନଙ୍କ ଚୀନ୍ ଗସ୍ତର ସବୁଠାରୁ ବଡ କାରଣ ହେଉଛି ବିଶ୍ୱାସର ଅଭାବ ଏବଂ ଅସ୍ଥିରତା। ରୁଷ ପଶ୍ଚିମ ଦେଶମାନଙ୍କଠାରୁ କଠିନ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି, ଏବଂ ଏହାର ଅର୍ଥନୀତି ସମ୍ପୂର୍ଣ୍ଣ ଭାବରେ ଚୀନ୍ ବାଣିଜ୍ୟ ଏବଂ ସମର୍ଥନ ଉପରେ ନିର୍ଭରଶୀଳ। ଡୋନାଲ୍ଡ ଟ୍ରମ୍ପ ଜଣେ ବ୍ୟବସାୟୀ ଏବଂ ତାଙ୍କର ଚୁକ୍ତି ପାଇଁ ଜଣାଶୁଣା। ପୁଟିନ ନିସନ୍ଦେହରେ ଚିନ୍ତିତ ଯେ ବାଣିଜ୍ୟ ଯୁଦ୍ଧ ସମାପ୍ତ କରିବା ଏବଂ ଚୀନ୍ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବା ବଦଳରେ ଡୋନାଲ୍ଡ ଟ୍ରମ୍ପ ସି ଜିନପିଙ୍ଗଙ୍କ ସହିତ ଏକ 'ଗୁପ୍ତ ଚୁକ୍ତି' କରିପାରନ୍ତି। ଯଦି ପାଶ୍ଚାତ୍ୟ ପ୍ରତିବନ୍ଧକ ପରେ ଚୀନ୍ ମଧ ରୁଷକୁ ପରିତ୍ୟାଗ କରେ, ତେବେ ଏହାର ଅର୍ଥନୀତି ପଙ୍ଗୁ ହୋଇପାରେ।

◆◆ପୃଷ୍ଠା ୭

## ଆଶ୍ୱାସନା ସତ୍ତ୍ୱେ ବି ସରୁନି ପେଟ୍ରୋଲ ଡିଜେଲ ଯନ୍ତ୍ରଣା: ତେଲ ପାଇଁ ଘଣ୍ଟା ଘଣ୍ଟା ସଂଘର୍ଷ



ଭୁବନେଶ୍ୱର, ୧୬/୫ (ନି.ପ୍ର): ଆଜି ବି ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଛି ପେଟ୍ରୋଲ, ଡିଜେଲ ପାଇଁ ଲୋକଙ୍କ ସଂଘର୍ଷର ଦୃଶ୍ୟ । ରାତି ପାହିଲାବେଳକୁ ପେଟ୍ରୋଲ ପମ୍ପରେ ଭିଡ଼ ଲଗାଇଥିଲେ ଲୋକେ । ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ରହି ଗାଡ଼ିରେ ତେଲ ପକାଇଥିଲେ । ଅନ୍ୟପଟେ ଆଜି ପୁଣି ଯୋଗାଣ ମନ୍ତ୍ରୀ ପୁଣି ବୈଠକ କରିଛନ୍ତି । ରାଜ୍ୟରେ ତେଲ ଅଭାବ ନାହିଁ ବୋଲି ଦୋହରାଇଛନ୍ତି ତୈଳ କମ୍ପାନି ଅଧିକାରୀ । ସରକାର, ମନ୍ତ୍ରୀ, ବିଭାଗ ଓ ତୈଳ ଯୋଗାଣକାରୀ କମ୍ପାନି କହୁଛନ୍ତି, ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଅଭାବ ନାହିଁ । ପର୍ଯ୍ୟାପ୍ତ ପରିମାଣର ତେଲ ମହଜୁଦ ଅଛି । ପେଟ୍ରୋଲ ଟାଙ୍କିରେ ଭିଡ ନ ଲଗାଇବାକୁ ଅପିଲ କରୁଛନ୍ତି । ହେଲେ ଏମାନଙ୍କ କଥାକୁ ଭରସି ପାରୁନାହାନ୍ତି ଲୋକେ । ଯେଉଁଥିପାଇଁ ଗତ ୩ ଦିନ ଭଳି ଆଜି ବି ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପର ଅବସ୍ଥା ଏମିତି।

◆◆ପୃଷ୍ଠା ୭

## ପ୍ରଶ୍ନପତ୍ର ଲିକ୍ ପଛରେ ଥିବା ଅଭିଯୁକ୍ତ ମାଷ୍ଟରମାଇଣ୍ଡଙ୍କୁ ଗିରଫ

ନୂଆଦିଲ୍ଲୀ, ୧୬/୫: କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ(ସି.ବି.ଆଇ.) ଏନ୍. ଇଇଟି.-ୟୁ. ଜି. ପ୍ରଶ୍ନପତ୍ର ଲିକ୍ ମାମଲାରେ ଜୀବବିଜ୍ଞାନ ପ୍ରଶ୍ନପତ୍ର ଲିକ୍ ପଛରେ ଥିବା ଅଭିଯୁକ୍ତ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିଛି। ଏହି ଏଜେନ୍ସି ପୁଣେର ଉଦ୍ଭିଦ ବିଜ୍ଞାନ ଶିକ୍ଷକ ମନୀଷା ଗୁରୁନାଥ ମନ୍ଦାରେଙ୍କୁ ଏଠାରୁ ଗିରଫ କରିଥିଲା। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍.ଟି.ଏ.) ଦ୍ୱାରା ତାଙ୍କୁ ଏନ୍. ଇଇଟି.-ୟୁ. ଜି. ୨୦୨୬ ପରୀକ୍ଷା ପ୍ରକ୍ରିୟାରେ ଜଣେ ବିଶେଷଜ୍ଞ ଭାବେ ନିଯୁକ୍ତ କରାଯାଇଥିଲା। ସି. ବି. ଆଇ. କହିଛି ଯେ ମନୀଷା ମାନ୍ଧାରେଙ୍କ ପାଖରେ ଉଦ୍ଭିଦ ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ ସମ୍ବନ୍ଧୀୟ କାଗଜପତ୍ର ସବୁ ଉପଲବ୍ଧ ଥିଲା। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଏପ୍ରିଲ ମାସରେ ସେ ପୁଣେର ମନୀଷା ୱାଘମାରେଙ୍କ ମାଧ୍ୟମରେ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ଏକତ୍ରିତ କରିଥିଲେ ଏବଂ ତାଙ୍କ ପୁଣେ ବାସଭବନରେ ସ୍ୱତନ୍ତ୍ର କୋଚିଂ କ୍ଲାସ୍ ପରିଚାଳନା କରିଥିଲେ।

## ଭାରତକୁ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ,୧୬/୫ : ପ୍ରବଳ ଖରା ଓ ଗରମ ମଧ୍ୟରେ ଆଶ୍ୱସ୍ତି ଖବର ଆସିଛି। ଭାରତକୁ ବିଧିବଦ୍ଧ ଭାବେ ପ୍ରବେଶ କରିଛି ଚଳିତ ବର୍ଷର ଦକ୍ଷିଣ ପଶ୍ଚିମ ମୌସୁମୀ। ଧାର୍ଯ୍ୟ ସମୟ ଆଗରୁ ମୌସୁମୀ ପ୍ରବେଶ ସମସ୍ତଙ୍କୁ ଉତ୍ସାହିତ କରିଛି। ଆଜି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରଥମ ପର୍ଯ୍ୟାୟରେ ଆଣ୍ଡାମାନ ଦ୍ୱୀପକୁ ସ୍ପର୍ଶ କରିଛି। ଆଣ୍ଡମାନାର କିଛି ଅଂଶ ସମେତ ନିକୋବର ଦ୍ୱୀପପୁଞ୍ଜରେ ମୌସୁମୀ ନିଜର ଉପସ୍ଥିତି ଜାହିରି କରିଛି। ଦକ୍ଷିଣପୂର୍ବ ଆରବ ସାଗର, ଦକ୍ଷିଣପୂର୍ବ ବଙ୍ଗୋପସଗାର ଓ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ମଧ ମୌସୁମୀ ସକ୍ରିୟ ରହିଛି। ଏହା ଧୀରେଧୀରେ ଆଗକୁ ବଢୁଥିବା ମଧ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।ମୌସୁମୀ ଆଗମନ ଯୋଗୁ ସେଠାରେ ମଧ ଆଜି ସକାଳ ଠାରୁ ବର୍ଷା ଲାଗି ରହିଛି। ଆଣ୍ଡାମାନରେ ମୌସୁମୀ ଧାର୍ଯ୍ୟ ସମୟରୁ ୫ରୁ ୬ ଦିନ ଆଗରୁ ପହଞ୍ଚିଛି। ତେଣୁ କେରଳମରେ ମଧ ଏହା ମେ' ୨୬ ବେଳକୁ ପହଞ୍ଚି ସାରିଥିବ ବୋଲି ଆକଳନ କରାଯାଉଛି। ସାଧାରଣତଃ ମୌସୁମୀ ଜୁନ ୧ ବେଳକୁ କେରଳମ ଛୁଇଁ ଥାଏ। ଏହାର ୭ରୁ ୧୦ ଦିନ ପରେ ଏହା ଓଡ଼ିଶାରେ ପ୍ରବେଶ କରିଥାଏ। ଯଦି ମେ' ୨୬ ବେଳକୁ ମୌସୁମୀ କେରଳ ଛୁଇଁବ, ତା'ହେଲେ ଜୁନ ୫ କିମ୍ବା ୬ ସୁଦ୍ଧା ଏହା ଓଡ଼ିଶା ଛୁଇଁବାର ମଧ ସମ୍ଭାବନା ରହିଛି। ୨୦୨୬ ବର୍ଷରେ ମୌସୁମୀ ଆଗୁଆ ଭାରତରେ ପ୍ରବେଶ କରିଥିଲେ ହେଁ ଏହାର ପ୍ରଭାବରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇପାରେ ବୋଲି ଆଇଏମଡି ଆକଳନ କରି ସାରିଛି। ଆଇଏମଡିର କହିବା କଥା ଯେ ଚଳିତ ବର୍ଷ ସମଗ୍ର ଦେଶରେ ଦୀର୍ଘ ଅବଧିରେ ହାରହାରି ୯୨% ଯାଏ ବର୍ଷା ହେବ। ଏହି ଆକଳନ ୫% ଅଧିକ କିମ୍ବା ୫% କମ ହୋଇପାରେ। ଜୁନରୁ ସେପ୍ଟେମ୍ବର ମଧ୍ୟରେ ୯୦ରୁ ୯୫% ବର୍ଷା ହେଲେ ଏହାକୁ ସ୍ୱାଭାବିକ ଠାରୁ କମ ବର୍ଷା ବୋଲି କୁହାଯାଏ।

◆◆ପୃଷ୍ଠା ୭

## ଆଜି ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ ନୀତିନ ନବୀନ

ଭୁବନେଶ୍ୱର, ୧୬/୫ (ନି.ପ୍ର): ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ଆସନ୍ତା କାଲି (ରବିବାର)ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ଶ୍ରୀ ନୀତିନ ନବୀନ । ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ସାଧାରଣ ଯାତ୍ରୀବାହୀ ବିମାନରେ ଆସନ୍ତା କାଲି ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ । ସାଂପ୍ରତିକ ବୈଶ୍ୱିକ ତୈଳସଂକଟ ଦୃଷ୍ଟିକୋଣରୁ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ନିରାଡମ୍ବର ଭାବେ ରାଷ୍ଟ୍ରୀୟ ସଭାପତିଙ୍କୁ ସ୍ୱାଗତ କରାଯିବ। ରାଜ୍ୟ ସଭାପତି, ମୁଖ୍ୟମନ୍ତ୍ରୀଙ୍କ ସମେତ ଶୀର୍ଷ ନେତୃବୃନ୍ଦ ରାଷ୍ଟ୍ରୀୟ ସଭାପତିଙ୍କୁ ବିମାନବନ୍ଦରରେ ସ୍ୱାଗତ ଜଣାଇବେ ବୋଲି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି । ୧୮ ତାରିଖ (ସୋମବାର) ଦିନ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ 'ରାଜ୍ୟ କୋର୍ କମିଟି' ବୈଠକରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ଯୋଗଦେବେ । ଏହା ପରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ଖୋର୍ଦ୍ଧା ଜିଲ୍ଲା ଜଟଣୀସ୍ଥିତ ଆଇଆଇଟି ନିକଟସ୍ଥ ଏସିଆନ

◆◆ପୃଷ୍ଠା ୭

## ଖଣି କମ୍ପାନୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତାଗିଦ୍


### ବିସ୍ଥାପିତଙ୍କ ସାମାଜିକ ଓ ଅର୍ଥନୀତି ପ୍ରତି ଧ୍ୟାନ ଦିଅ




ଭୁବନେଶ୍ୱର, ୧୬/୫ (ନି.ପ୍ର): ଓଏମସି ସାଜିବ ପଥ ଦେଶର ପଥ ପ୍ରଦର୍ଶକ । ସରକାରଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ସୁଖ ଓ ଦୁଃଖର ସାଥୀ ହେବ ଓଡ଼ିଶା ମାଇନିଂ କର୍ପୋରେସନ । ୨୦୩୬ ବେଳକୁ ୧୦୦ ନିୟୁତ ଟନ ଖଣି ଉତ୍ତୋଳନ ପାଇଁ ଟାର୍ଗେଟ ରହିଛି । ହେଲେ ଖଣି ବିସ୍ଥାପିତ ଲୋକଙ୍କ ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶା ଖଣି ନିଗମ ପ୍ରତିଷ୍ଠା ଦିବସ ମଂଚରୁ କମ୍ପାନୀଙ୍କୁ ଉତ୍ତରଦାୟିତ୍ୱର ପାଠ ପଢ଼ାଇଛନ୍ତି ମୁଖ୍ୟମନ୍ତ୍ରୀ । ଖଣି ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିବା ସହ କହିଛନ୍ତି, ଖାଲି ଖୋଳି ନେଇଗଲେ ହେବନି। ମୁଁ ଖଣି ଅଞ୍ଚଳରୁ ଆସୁଛି, ମୁଁ ଜାଣିଛି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା କ'ଣ ରହିଛି । ଖଣି ନିଗମର ୭୧ ତମ ପ୍ରତିଷ୍ଠା ଦିବସରେ ଯୋଗ ଦେଇ ଖଣି ବିସ୍ଥାପିତ ଲୋକଙ୍କ କରୁଣ କାହାଣୀ ମନେ ପକାଇ ତାଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ୪୫ ନିୟୁତ ଟନ୍ ଖଣି ସାମଗ୍ରୀ ଉତ୍ତୋଳନ କରି ରେକର୍ଡ କରିଛି ଓଏମ୍‌ସି । ୨୦୩୬ ସୁଦ୍ଧା ୧୦୦ ନିୟୁତ ଟନ୍ ଖଣି ଉତ୍ତୋଳନ କରିବାକୁ ଲକ୍ଷ୍ୟ ରଖିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଏମସି ଖଣି ଅଂଚଳବାସୀଙ୍କ ପାଇଁ ସକରାତ୍ମକ ପରିବର୍ତ୍ତନ ଆଣିଛି । ଓଏମସି ସରକାରଙ୍କ ସୁରକ୍ଷାଦାତା ସାଜିଛି । ଉଭୟ ସୁଖ ଓ ଦୁଃଖ ସମୟରେ ସରକାରଙ୍କ ସାଥୀରେ ଛିଡ଼ା ହୋଇଛି ଓଏମ୍‌ସି । ଏହାସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଏମସି ଦ୍ୱାରା ପ୍ରଭାବିତ ଅଞ୍ଚଳରେ ମେଗା ହେଲ୍‌ଥ କ୍ୟାମ୍ପ କରିବା ଆବଶ୍ୟକ।

◆◆ପୃଷ୍ଠା ୭

## ଖଇରା ମାଇନିଂ ଅଧିକାରୀଙ୍କୁ ଆକ୍ରମଣ କରିବା ସହ ଗାଡ଼ିର କାଚ ଭାଙ୍ଗିଲେ ମୋରମ୍ ମାଫିଆ




ବାଲେଶ୍ୱର/ଖଇରା, ୧୬/୫ (ନି.ପ୍ର): ଖଇରା ମାଇନିଂ ଅଧିକାରୀଙ୍କୁ ଆକ୍ରମଣ କରିବା ସହ ଗାଡ଼ିର କାଚ ଭାଙ୍ଗିଲେ ମୋରମ୍ ମାଫିଆ। ବାଲେଶ୍ୱର ଜିଲ୍ଲା ଖଇରା ଜୁନିୟର ମାଇନିଂ ଅଧିକାରୀଙ୍କୁ ବିଳମ୍ବିତ ରାତିରେ ଆକ୍ରମଣ କରିବା ସହ ଗାଡିକୁ ପଥର ଫିଙ୍ଗିବା ସହ ଗାଡ଼ିର କାଚ ଭାଙ୍ଗିଲେ ମୋରମ୍ ମାଫିଆ।

◆◆ପୃଷ୍ଠା ୭

## ମୁମ୍ବାଇ ପରେ ତରଭୁଜକୁ ନେଇ ଓଡ଼ିଶାରେ ବି ବଢ଼ିଲା ଚର୍ଚ୍ଚା: ସପ୍ତମ ଶ୍ରେଣୀ ଛାତ୍ରର ମୃତ୍ୟୁ



ଅଘଟଣ ପଛର ସତ ଖୋଜା ଚାଲିଥିବାବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଆଶଙ୍କା, ତରଭୁଜ ନୁହେଁ, ବରଂ ଖାଦ୍ୟ ବିଷକ୍ରିୟାରୁ ଏଭଳି ଅଘଟଣ ଘଟିଥାଇପାରେ। ପୁଣି ଡରାଇଲା ତରଭୁଜ। ସକାଳେ ଖାଇଲେ, ରାତିରେ ବିଗିଡ଼ିଲା ଦେହ।

ଭୁବନେଶ୍ୱର, ୧୬/୫ (ନି.ପ୍ର): ମୁମ୍ବାଇ ପରେ ତରଭୁଜକୁ ନେଇ ଓଡ଼ିଶାରେ ବି ବଢ଼ିଲା ଚର୍ଚ୍ଚା। ତରଭୁଜ ଖାଇ ପରିବାରର ୫ ଜଣ ଅସୁସ୍ଥ ହେବା ସହ ଜଣେ ସପ୍ତମ ଶ୍ରେଣୀ ଛାତ୍ରର ମୃତ୍ୟୁ ପରେ ସ୍ତବ୍ଧ କେନ୍ଦ୍ରାପଡ଼ା ଜିଲ୍ଲା। ଗତକାଲି ପରିବାର ସହ ପୋଇ ରାଇ ଖାଇଥିଲେ, ହେଲେ ପୂର୍ବରୁ ଖାଇଥିବା ତରଭୁଜକୁ ନେଇ ଏବେ ସନ୍ଦେହ ଉପୁଜିଛି। ଏବେ ବଡ଼ ଚାଲିଗଲା ଜୀବନ, ମେଡିକାଲରେ ପରିବାର। ମୁମ୍ବାଇରେ ତରଭୁଜ ଖାଇ ପୁରା ପରିବାରର ଜୀବନ ଯିବା ଘଟଣା ସାରା ଦେଶକୁ ଦୋହଲାଇ ଦେଇଥିଲା। ଏବେ ଏମିତି କିଛି ଘଟଣାର ଅଭିଯୋଗ ଆସିଛି କେନ୍ଦ୍ରାପଡ଼ାରୁ। ଅନନ୍ତ ନାରାୟଣ ସେନାପତିଙ୍କ ପରିବାରରେ ଯାହା ଘଟିଛି ତାହା ପୁଣି ତରଭୁଜକୁ ନେଇ ଦ୍ୱନ୍ଦ୍ୱ ଓ ଡର ବଢ଼ାଇଛି।

◆◆ପୃଷ୍ଠା ୭

## ବାଘଛାଲ ଜବତ: ୩ ଗିରଫ

ବ୍ରହ୍ମପୁର, ୧୬/୫ (ନି.ପ୍ର): ବାଘଛାଲ ଚାଲାଣର ଏକ ରାକେଟ୍‌ର ପର୍ଦ୍ଦାଫାସ କରିଛି ବ୍ରହ୍ମପୁର ପୁଲିସ। ଗଞ୍ଜାମ ଜିଲ୍ଲା ଜରଡ଼ା ପୁଲିସ ଥାନା ଇନ୍ସପେକ୍ଟର ମୀନାକ୍ଷୀ ଦଳବେହେରାଙ୍କ ଅଭିଯୋଗ କ୍ରମେ ବ୍ରହ୍ମପୁର ପୁଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ଏକ ପୂର୍ଣ୍ଣାଙ୍ଗ ବାଘଛାଲ, ୨ଟି ଜୀବନ୍ତ ବୋମା, ଗୋଟିଏ ଖଣ୍ଡା, ଗୋଟିଏ ଲୁହା ରଡ୍ ଏବଂ ଗୋଟିଏ ଛୁରୀ ଜବତ କରିଛି। ପୁଲିସ କହିଛି ଅଭିଯୁକ୍ତମାନେ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ଅଧୀନ ଚଚଡାଖଟା ଗାଁ ନାରାୟଣ ନାୟକଙ୍କ ପୁଅ ଗୋବିନ୍ଦ ଚନ୍ଦ୍ର ନାୟକ (୪୭), ବାରଡ଼ା ଗାଁର ରବୀନ୍ଦ୍ର ରଇତଙ୍କ ପୁଅ ଗୁଞ୍ଜୁ ରଇତ (୬୦) ଏବଂ ମଙ୍ଗରାଜପୁର ଗାଁର ସ୍ୱର୍ଗତ ସୋମନାଥ ବଡ଼ମୁଣ୍ଡିଙ୍କ ପୁଅ ରିତୁନ ବଡ଼ମୁଣ୍ଡି (୨୫)। ପୁଲିସ କହିଛି ଗତକାଲି ଅପରାହ୍ଣ ପ୍ରାୟ ୩ଟା ୪୫ରେ ଜରଡ଼ା ଥାନାକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ, ଧନାବଡ଼ା ଆଙ୍କୁଳି ଅଞ୍ଚଳରେ କିଛି ଲୋକ ବାଘଛାଲ ଚାଲାଣ ପାଇଁ ଉଦ୍ୟମ କରୁଛନ୍ତି। ଏହି ସୂଚନା ଆଧାରରେ ପୁଲିସ କାଳବିଳମ୍ବ ନକରି ଘଟଣାସ୍ଥଳରେ ପହଞ୍ଚି ଥିଲା।

◆◆ପୃଷ୍ଠା ୭

## ଭାରତରେ ଜବତ ଜିହାଦୀ ଡ୍ରଗ୍ସ: ଜବତ ଟାବଲେଟ୍ ମୂଲ୍ୟ ୧୮୨ କୋଟି



ନୂଆଦିଲ୍ଲୀ,୧୬/୫ : ଆନ୍ତର୍ଜାତିକ ଡ୍ରଗ୍ସ ସିଣ୍ଡିକେଟ୍ ଓ ଟେରର ଫଣ୍ଡିଂ ବିରୋଧରେ ଭାରତକୁ ବଡ଼ଧରଣର ସଫଳତା ମିଳିଛି । ପ୍ରଥମ ଥର ପାଇଁ କେପ୍ଟାଗନ୍ ଡ୍ରଗ୍ସ ଜବତ କରିଛି ଭାରତର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ -ଏନ୍‌ସିବି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୂଚନା ଦେଇଛନ୍ତି ଯେ, ଏନ୍‌ସିବି ଅପରେସନ୍ ରେଜପିଲ୍ ଅନ୍ତର୍ଗତ ୧୮୨ କୋଟି ଟଙ୍କାର ବିପୁଳ ପରିମାଣର କେପ୍ଟାଗନ୍ ଡ୍ରଗ୍ସ ଜବତ କରିଛି। ଏହା ଆତଙ୍କବାଦୀ ନେଟୱର୍କ ଭିତରେ ଜିହାଦୀ ଡ୍ରଗ୍ସ ଭାବରେ ପରିଚିତ। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଏନ୍‌ସିବିକୁ ପ୍ରଶଂସା କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଏକ୍ସରେ ଏକ ପୋଷ୍ଟ କରି କହିଛନ୍ତି, ମଧ୍ୟପ୍ରାଚ୍ୟକୁ ଯାଉଥିବା ଡ୍ରଗ୍ସ ଚାଲାଣର ପର୍ଦ୍ଦାଫାସ ଓ ଜଣେ ବିଦେଶୀ ନାଗରିକଙ୍କୁ ଗିରଫ କରାଯିବା ଡ୍ରଗ୍ସ ବିରୋଧରେ ଶୂନ୍ୟ ସହନଶୀଳତା ପ୍ରତି ଆମର ପ୍ରତିବଦ୍ଧତାର ଉଦାହରଣ। ଭାରତ ଭିତରକୁ ଆସୁଥିବା ଓ ଭାରତ ଦେଇ ଅନ୍ୟ ଦେଶକୁ ଯାଉଥିବା ପ୍ରତ୍ୟେକ ଡ୍ରଗ୍ସ ଜବତ କରାଯିବ ବୋଲି ଶାହ କହିଛନ୍ତି।

# ପୁରୀରେ କବି ଶ୍ରୀ କୃଷ୍ଣ ଜଗଦେବଙ୍କ ପୁସ୍ତକ 'କବିତା କୁସୁମାଞ୍ଜଳି' କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଲୋକାର୍ପିତ

ପୁରୀ, ୧୬/୫ (ନି.ପ୍ର): ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ପେଣ୍ଠସ୍ଥଳ ପବିତ୍ର ପୁରୀ ମାଟିରେ ଆଜି ପବିତ୍ର 'ସାବିତ୍ରୀ ଅମାବାସ୍ୟା' ତିଥିରେ ବିଶିଷ୍ଟ କବି ତଥା ସ୍ତମ୍ଭକାର ଶ୍ରୀଯୁକ୍ତ କୃଷ୍ଣ ଜଗଦେବଙ୍କ ନୂତନ କବିତା ସଂକଳନ 'କବିତା କୁସୁମାଞ୍ଜଳି' ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଯାଇଛି । ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁସ୍ତକଟିକୁ ଉନ୍ମୋଚନ କରିବା ସହ କବି ଓ ପ୍ରକାଶକଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି ।



ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, 'କବିତା କୁସୁମାଞ୍ଜଳି' କେବଳ କେତୋଟି ଶବ୍ଦର ସମାହାର ନୁହେଁ, ବରଂ ଏହା ଭକ୍ତି, ସମାଜ ଓ ରାଷ୍ଟ୍ରପ୍ରେମର ଏକ ଅପୂର୍ବ ନିଦର୍ଶନ । ଏହି କବିତା ସଂକଳନରେ ଭଗବତ ସମର୍ପଣ ସହ ସାମାଜିକ ସମ୍ବେଦନଶୀଳତାର ଏକ ଅପୂର୍ବ ସମନ୍ୱୟ ରହିଛି । କୃଷ୍ଣ ଭାଇ ହେଉଛନ୍ତି ଜଣେ ବହୁମୁଖୀ ପ୍ରତିଭା, ଯାହାଙ୍କ ଭିତରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସଂସ୍କାର ଓ ପୁରୀ ମାଟିର ଚେତନା ଭରି ରହିଛି । ସେ ସଂଘ ପରିବାରର ଜଣେ ପ୍ରମୁଖ ପ୍ରଚାରକ ଓ ଭାରତୀୟ ଜନତା ପାର୍ଟିର ନିଷ୍ଠାପର କାର୍ଯ୍ୟକର୍ତ୍ତା ଭାବେ ନିଜ ସୁଖ ଅପେକ୍ଷା ସାରା ଜୀବନ ସମାଜର କଲ୍ୟାଣ ପାଇଁ ତପସ୍ୟା କରିଛନ୍ତି । ତାଙ୍କ ଲେଖନୀରେ ସାରଗର୍ଭକ ସ୍ତମ୍ଭମାନ ରଚନା କରି ସେ ସମାଜକୁ ସଦାବେଳେ ପ୍ରଭାବିତ ଓ ଅନୁପ୍ରାଣିତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପୁସ୍ତକର ପ୍ରଥମ କବିତାକୁ ନେଇ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଏକ ଅଭୁଲା ସ୍ମୃତି ଚାରଣ କରି କହିଥିଲେ ଯେ, ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟରେ ଇତିହାସ ସଂକଳନ ପାଇଁ ସଂଘ କାର୍ଯ୍ୟକର୍ତ୍ତା ଭାବେ ମୋଦୀଜୀ ଓଡ଼ିଶା ଆସିଥିଲେ । ପୁରୀ ପଥୁରିଆ ସାହି କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଯୋଗୁଁ ସେ କୃଷ୍ଣ ଭାଇଙ୍କ ସ୍କୁଟରରେ ବସି ତାଙ୍କ ଗାଁକୁ ଯାଇଥିଲେ । ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ହେଲିକପ୍ଟରରୁ ଓହ୍ଲାଇବା କ୍ଷଣି ଲାଇନ୍‌ଅପ୍‌ରେ ଠିଆ ହୋଇଥିବା ନିଜର ସେହି ପୁରୁଣା ସହଯୋଗୀଙ୍କୁ 'ଆରେ କୃଷ୍ଣ ଜଗଦେବ ତୁମ୍ ଖଡ଼େ ହୋ !' କହି ଆଦର କରିବା ଏବଂ କୃଷ୍ଣ ଭାଇଙ୍କ ବିଷୟରେ ଆଲୋଚନା କରିବା ପ୍ରଧାନମନ୍ତ୍ରୀଙ୍କର ତାଙ୍କ ପ୍ରତି ଥିବା ସମ୍ମାନ ଓ ସହୃଦୟତାର ପ୍ରମାଣ ଦିଏ । କୃଷ୍ଣ ଭାଇ ନିଜ ନିଷ୍ଠା ବଳରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନେକ ସାମାଜିକ କାର୍ଯ୍ୟକର୍ତ୍ତା ଗଢ଼ିଛନ୍ତି।

ଚଳିତ ୨୦୨୬ ବର୍ଷର ସାଂସ୍କୃତିକ ମହତ୍ତ୍ୱ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜିକି ପ୍ରାୟ ୧୦୦୦ ବର୍ଷ ପୂର୍ବେ ଅର୍ଥାତ୍ ୧୦୨୬ରେ ଆକ୍ରାନ୍ତାମାନଙ୍କ ଦ୍ୱାରା ସୋମନାଥ ମନ୍ଦିର ଲୁଣ୍ଠନ ପରେ ଭାରତବର୍ଷ ଯେଉଁ ଆତ୍ମବିଶ୍ୱାସ ହରାଇଥିଲା, ଆଜି ସେହି ୧୦୦୦ ବର୍ଷ ପରେ ପ୍ରଭୁ ସୋମନାଥ ଓ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ଦେଶରେ ସାଂସ୍କୃତିକ ଜାଗରଣର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଉଛି । ଏହି ଆଧାରରେ ଆମେ ଆଜି କେବଳ ଆମର ସାଂସ୍କୃତିକ ଗୌରବକୁ ଫେରାଇ ଆଣୁନାହୁଁ, ବରଂ ଏହି ଜାଗରଣ ହିଁ ଆମର ଆତ୍ମବିଶ୍ୱାସକୁ ଦ୍ୱିଗୁଣିତ କରିଛୁ, ଯାହା 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ଗଠନର ମୂଳଦୁଆ ସାଜିଛି । ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଏବଂ ଓଡ଼ିଆ ଅସ୍ମିତା ଏହି ବିକାଶ ଯାତ୍ରାର ମୁଖ୍ୟ ସାରଥି ସାଜିବ।

ଏହି ସାରସ୍ୱତ ସମାରୋହ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ କହିଥିଲେ ଯେ, ଉତ୍କଳମଣିଙ୍କ ତ୍ୟାଗ, ସେବା ଓ ସଂସ୍କାର ସର୍ବଦା ଆମ ସମାଜକୁ ଅନୁପ୍ରାଣିତ କରିବ। ସାରସ୍ୱତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକମାନଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ପୁସ୍ତକ ଉପହାର ପାଇଁ ସେ ସମସ୍ତଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ କୃଷ୍ଣ ଭାଇଙ୍କ ଦୀର୍ଘାୟୁ ଏବଂ 'କବିତା କୁସୁମାଞ୍ଜଳି' ପୁସ୍ତକର ସର୍ବବ୍ୟାପୀ ସଫଳତା କାମନା କରିଛନ୍ତି।

# ବୈପାରୀଗୁଡା ଶହୀଦ ଲକ୍ଷ୍ମୀଣ ନାୟକ କଲେଜରେ ସାଇନ୍ସ ଓ କମର୍ସ ବିଭାଗ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି

ଜୟପୁର, ୧୬/୫ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡା ଶହୀଦ ଲକ୍ଷ୍ମୀଣ ନାୟକ କଲେଜରେ ସାଇନ୍ସ ଓ କମର୍ସ ବିଭାଗ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ସ୍ଥାନୀୟ ସମାଜସେବୀ ତଥା ପୂର୍ବତନ କଲେଜ ଛାତ୍ର ଅଭିମନ୍ୟୁ ରୋଗଡି । ଶିକ୍ଷାର ଉନ୍ନତି ପାଇଁ କଲେଜ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ସରକାର ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଛାତ୍ରଛାତ୍ରୀଙ୍କୁ ସ୍ୱାବଲମ୍ବୀ ଏବଂ ଚାକିରି ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ନୂଆ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରାଯାଉଛି । କିନ୍ତୁ, ବୈପାରୀଗୁଡା ଠାରେ ମାଟ୍ରିକ ପରେ କଲେଜରେ କେବଳ ଆର୍ଟ କଳା ବିଭାଗ ରହିଛି । ବ୍ଲକରେ ୨୦ଟି ପଂଚାୟତର ୧୮ଟି ହାଇସ୍କୁଲ ପିଲା ସମେତ ଆଖପାଖ ବ୍ଲକରୁ ମଧ୍ୟ ଛାତ୍ର ଛାତ୍ରୀ ବୈପାରୀଗୁଡା କଲେଜ ଉପରେ ନିର୍ଭର କରନ୍ତି । ଏଠାରେ ସାଇନ୍ସ ଓ କମର୍ସ ବିଭାଗରେ ପଢ଼ିବା ପାଇଁ ସୁବିଧା ନାହିଁ । ବ୍ଲକ ସ୍ତରର କଲେଜରେ ସାଇନ୍ସ ଓ କମର୍ସ ପଢ଼ିବା ପାଇଁ ସୁବିଧା ନଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଦୂର ସହରକୁ ଯିବାକୁ ପଡୁଛି । ଦୂର ସହରରେ ରହି ପଢ଼ିବା ଅଭିଭାବକଙ୍କ ପାଇଁ ବ୍ୟୟବହୁଳ ହୋଇଥାଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସାଇନ୍ସ ଓ କମର୍ସ ବିଭାଗ ଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଉପଯୁକ୍ତ ଲାବୋରେଟୋରୀ ଏବଂ ଶିକ୍ଷକଙ୍କ ପଦବୀ ସୃଷ୍ଟି କରି ଶିକ୍ଷାର ମାନ ବୃଦ୍ଧି ପାଇଁ ଦାବୀ କରିଛନ୍ତି ସ୍ଥାନୀୟ ସମାଜସେବୀ ଅଭିମନ୍ୟୁ ରୋଗଡି । ସମାଜସେବୀ ତଥା ପୂର୍ବତନ କଲେଜ ଛାତ୍ର ଅଭିମନ୍ୟୁ ରୋଗଡି ଶହୀଦ ଲକ୍ଷ୍ମଣ ନାୟକ କଲେଜର ସମସ୍ୟାକୁ ନେଇ ଓଡିଶା ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଅନଲାଇନ ଅଭିଯୋଗ କରିଥିବା ବେଳେ ଆଜି ଏହାର ପ୍ରତି ଉତର ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରୁ ପଠାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଚିଠିରେ ଉଲ୍ଲେଖ ଅଛି ସିଏମଓ୨୦୨୬ ଅନୁଯାଇ ଅଭିଯୋଗ ଗ୍ରହଣ କରାଯାଇଛି ଏବଂ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଦର୍ଶାଯାଇଛି । ଦାବୀ ପୂରଣ ହେଲେ ଗ୍ରାମାଂଚଳ ପିଲାମାନେ ସୁବିଧାରେ ନିଜ ଅଂଚଳରେ ଶିକ୍ଷା ଗ୍ରହଣ କରିବେ ।

# କଳିଙ୍ଗ ବୈଶ୍ୟ ଯୁବକ ସେବା ସଂଘ ପକ୍ଷରୁ ଅନ୍ନ ସେବା କାର୍ଯ୍ୟକ୍ରମ

କନ୍ଧମାଳ, ୧୬/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ କଳିଙ୍ଗ ବୈଶ୍ୟ ଯୁବକ ସେବା ସଂଘ (ପ୍ରଥମ) ପକ୍ଷରୁ ଭୋଜନ ସେବା କାର୍ଯ୍ୟ ଚଳିତ ସପ୍ତବିଂଶ ତମ ମା ନାରାୟଣୀ ଠାକୁରାଣୀ ଯାତ୍ରା ଅବସରରେ ହଜାର ହଜାର ଭକ୍ତଙ୍କ ପାଇଁ ମୁଖ୍ୟ ରାସ୍ତାର ଷ୍ଟେଟବ୍ୟାଙ୍କ ନିକଟରେ ଆୟୋଜନ କରାଯାଇଥିଲା । ସନ୍ଧ୍ୟାରୁ ରାତ୍ର ୧୨ଟା ପର୍ଯ୍ୟନ୍ତ ଶହ ଶହ ଜନସାଧାରଣ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭୋଜନ କରୁଥିବାର ଦେଖିବାକୁ ମିଳିଥିଲା କ୍ଷ ଯାତ୍ରା ଦେଖିବାକୁ ଆସୁଥିବା ଦର୍ଶକ ଯାତ୍ରା ଦେଖିବା, ମିନକ୍ଷବଜାର ବୁଲିବା ସହ ଭୋଜନ ବ୍ୟବସ୍ଥା ହୋଇଥିବାରୁ ସଂଘକୁ ଆନ୍ତରିକ ସାଧୁବାଦ ଜଣାଇଛନ୍ତି ।

# ବିଦ୍ୟୁତ୍ ତାରରେ ରିଟର୍ନ କରେଣ୍ଟ ଲାଗି ମହିଳା ଆହତ: ଥାନାରେ ଅଭିଯୋଗ

ଝାରସୁଗୁଡା, ୧୬/୫ (ନି.ପ୍ର): କୋଲାବିରା ଥାନା ରଘୁନାଥପାଲି ବିଦ୍ୟୁତ୍ ସେକ୍ସନ ଅଧିନସ୍ଥ ଭୀମଟିକ୍ରା ଗ୍ରାମରେ ଝଡ଼ବର୍ଷାରେ ଛିଣ୍ଡି ଯାଇ ତଳେ ପଡ଼ିଥିବା ବିଦ୍ୟୁତ୍ ତାରରେ କରେଣ୍ଟ ଆସିଯିବାରୁ ଜଣେ ମହିଳାଙ୍କୁ କରେଣ୍ଟ ଲାଗି ଆହତ ହୋଇଥିବା ଅଭିଯୋଗ ହୋଇଛି । ଆହତ ମହିଳା ହେଲେ ଏହି ଗ୍ରାମର ଦୁର୍ଯୋଧନ ପ୍ରଧାନଙ୍କ ଅବିବାହିତ ଝିଅ କିଶୋରୀ ପ୍ରଧାନ(୪୭) । ଦୁର୍ଯୋଧନଙ୍କ ଘର ଉପର ଦେଇ ନିକଟସ୍ଥ ଏକ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଛି । ତେବେ ଅପରାହ୍ନରେ ହୋଇଥିବା ଝଡ଼ ବର୍ଷାରେ ଗଛ ଭାଙ୍ଗି ପଡ଼ିବାରୁ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା । ଝଡ଼ ବର୍ଷା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଭିମଟିକ୍ରା ଗ୍ରାମକୁ ଯାଇ ବିଦ୍ୟୁତ୍ ତାରକୁ ଦୁର୍ଯୋଧନଙ୍କ ଘର ସମ୍ମୁଖରେ ଗଦା କରି ରଖିଦେଇଥିଲେ । ତେବେ କୌଣସି ଏକ ଘରର ଇନଭର୍ଟରରୁ ରିଟର୍ନ କରେଣ୍ଟ ଆସି ବିଦ୍ୟୁତ୍ ତାରରେ ସରବରାହ ଥିବା ଅଭିଯୋଗ ହୋଇଛି । କିଶୋରୀ ଆଜି ସକାଳୁ ରିଟର୍ନ କରେଣ୍ଟ ବିଷୟରେ ଜାଣି ନ ପାରି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ ଓ କରେଣ୍ଟ ତାରରେ ଲାଗି ଯାଇଥିଲେ । ଆଖପାଖ ଲୋକ ବାଡ଼ିରେ ତାରକୁ ପିଟି କିଶୋରୀଙ୍କୁ ଉଦ୍ଧାର କରି କୋଲାବିରା ଡାକ୍ତରଖାନା ନେଇଥିଲେ । ଚିକିତ୍ସା ପରେ ଅପରାହ୍ନରେ କିଶୋରୀ ଘରକୁ ଫେରିଥିବା ସୂଚନା ମିଳିଛି । ଏନେଇ ଆହତ କିଶୋରୀଙ୍କ ପୁତୁରା ଜିତେନ୍ଦ୍ର ପ୍ରଧାନ ବିଦ୍ୟୁତ୍ ବିଭାଗର ଅବହେଳା କାରଣରୁ ତାଙ୍କ ମାଉସୀ ଆହତ ହୋଇଥିବା ବେଳେ ମରଣ ମୁହଁରୁ ବଞ୍ଚି ଯାଇଛନ୍ତି ବୋଲି ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କୋଲାବିରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ପକ୍ଷରୁ ତଦନ୍ତ ଚାଲୁଛି ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି । ଏନେଇ ବିଭାଗୀୟ ସେକ୍ସନ ଅଫିସର୍ କମଳ ଲୋଚନ ପାତ୍ରଙ୍କୁ ଯୋଗାଯୋଗ କରାଯିବାରୁ ସେ ଏ ଘଟଣା ବିଷୟରେ ପୂର୍ବରୁ ଅବଗତ ନ ଥିଲେ । ତେବେ ତାଙ୍କ କର୍ମଚାରୀଙ୍କ କହିବା ଅନୁଯାୟୀ ଝଡ଼ ତୋଫାନ ପରେ ଟ୍ରାନସଫର୍ମରରୁ ଲାଇନ୍ କାଟି ଦିଆଯାଇଥିଲା । ଏପରିକି କର୍ମଚାରୀ ମାନେ ମଧ୍ୟ ତାରକୁ ହାତରେ ଗୋଟାଇ ଗୋଟିଏ ସ୍ଥାନରେ ରଖିଥିଲେ । ସେ ସମୟରେ ମଧ୍ୟ ତାରରେ କରେଣ୍ଟ ନଥିଲା । ତେବେ କିଭଳି ତାରରେ କରେଣ୍ଟ ଆସିଲା ତାହା ତାଙ୍କ ପକ୍ଷରୁ ତଦନ୍ତ କରାଯାଉଛି ବୋଲି କହିବା ସହ ଏବେ ମହିଳା ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଥିବା ନେଇ ସୂଚନା ଦେଇଛନ୍ତି ।

# ତିନି ଦଫା ଦାବିପୂରଣ ନେଇ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ ଚେତାବନୀ

ଜୟପୁର, ୧୬/୫ (ନି.ପ୍ର): ରାଜ୍ୟ ରେ ଅଉଟସୋର୍ସିଙ୍ଗ କର୍ମଚାରୀ ଙ୍କୁ ରାଜ୍ୟ ସରକାର ପ୍ରତ୍ୟେକ ଦିନ ଛଟେଇ କରୁଛନ୍ତି । ଛଟେଇ କରାଯିବ ନାହିଁ ବୋଲି ରାଜ୍ୟ ସରକାର କହୁଥିବା ବେଳେ ଛଟେଇ ଜାରି ରହିଛି କ୍ଷ ଆଜି ଯାଏଁ କମିଟି ଗଠନ ହୋଇପାରିଲା ନାହିଁ । ତିନି ଦଫା ଦାବିପୂରଣ ପାଇଁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ ହେବାକୁ ଯାଉଛି । କଥା ଦେଇ କଥା ରଖୁ ନାହାନ୍ତି ମୋହନ ସରକାର । ପ୍ରତ୍ୟେକ ଦିନ ନିର୍ଯ୍ୟାତିତ ହୋଉଛନ୍ତ କର୍ମଚାରୀ । କ୍ଷମତାକୁ ଆସିବା ଆଗରୁ ଦୃଢ ପ୍ରତିଶୃତି, କ୍ଷମତାରେ ବସିଲା ପରେ ଆଉ ପାଖ ମଡେଇ ଦେଉ ନାହାନ୍ତି। ଗତ ମାଚ୍ଚ ମାସରେ ଆନ୍ଦୋଳନ ଚାଲିଥିବା ବେଳେ ଦାବି ପୁରଣ ନେଇ ପ୍ରତିଶ୍ରୁତି ଦେଇଥିଲେ । ହେଲେ ବି କିଛି ଫଳପ୍ରଦ ହେଉ ନାହିଁ । ୨୪ ବର୍ଷର ସରକାରରେ ବିଭିନ୍ନ କାରଣରୁ ୨୯୭ ଜଣ ଛଟେଇ ହୋଇଥିଲେ । କିନ୍ତୁ ୨ ବର୍ଷର ସରକାର, ଚାରି ହଜାରରୁ ଉର୍ଦ୍ଧ୍ୱକର୍ମଚାରୀ ଙ୍କୁ ଅତ୍ୟନ୍ତ ନିଷ୍ଠୁର, ଅର୍ନ୍ୟାୟ ଓ ଅବିଚାରିତ ଭାବେ ଛଟେଇ କରି ସେମାନଙ୍କ ଅସହାୟ ପରିବାରକୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଛନ୍ତି । ବର୍ଷବର୍ଷ ଧରି ନିଷ୍ଠାପର ଭାବେ ସେବା ଯୋଗାଇ ଆସୁଥିଲେ ମଧ୍ୟ ସ୍ଥାୟୀ କରା ଯାଉନି,ବାରମ୍ବାର ଆବେଦନ ନିବେଦନ କଲେ ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ମହାସଙ୍ଘକୁ ଶୁଣିବା ପାଇଁ ଦୁଇ ମିନିଟ ସମୟ ଦେଉନାହାନ୍ତି ମାତ୍ର ବିଭିନ୍ନ ଗଣ ମାଧ୍ୟମ ମାନଙ୍କ ପ୍ରଶ୍ନ ରେ ବରେଣ୍ୟ ଲୋକଙ୍କ ମୁଖ୍ୟମନ୍ତ୍ରୀ ଉତ୍ତର ରଖୁଛନ୍ତି ଯେ ଆମେ ସରଜମିନ ତଦନ୍ତ କରୁଛୁ କିଛି ଭଲ ନିଷ୍ପତି ନିଆଯିବ କିନ୍ତୁ କେବେ ସେ ନିଷ୍ପତି ନେବେ କିଛି ଜଣାପଡିଲା ନାହିଁ । ରାଜ୍ୟର ସମଗ୍ର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ଓଡିଶାର ନାଗରିକ ଭାବେ ବିଚାର କରୁନାହାନ୍ତି ଓ ଆର୍ଥିକ ମାନସିକ ଚାପପକେଇ ସେମାନକ ସଂସାରକୁ ରସାତଳକୁ ନେଇଯାଉଛନ୍ତି ବୋଲି ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସରକାରଙ୍କ ଏଭଳି ଜନ ବିରୋଧୀ ଶୋଷଣ ଓ ଅହଂକାର କୁ ବିରୋଧ କରି ନ୍ୟାୟ ପାଇବା ଆଶାରେ ପୁଣି ଆନ୍ଦୋଳନ କୁ ଓହ୍ଲାଇବାକୁ ମହାସଂଘ ସଜବାଜ ହେଲାଣି । ତିନି ଦଫା ଦାବି ପୂରଣ ପାଇଁ ମହାସଂଘ ପକ୍ଷରୁ ଚଳିତ ବର୍ଷ ଆନ୍ଦୋଳନ କରାଯାଇଥିଲା। ଗତବର୍ଷ ଆନ୍ଦୋଳନ ସ୍ଥଳକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଦୁଇଜଣ ବିଧାୟକ ମହୋଦୟ ଆସି ମୁଖ୍ୟମନ୍ତ୍ରୀ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଏକ କମିଟି ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠନ କରିଛନ୍ତି ବୋଲି ଘୋଷଣା କଲେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ମଧ୍ୟ କରେଇଦେଲେ । କିନ୍ତୁ ମାସ ମାସ ବିତିଥିଲେ ବି ମୁଖ୍ୟମନ୍ତ୍ରୀ ସମୟଦେଲେ ନାହିଁ କି ସମସ୍ୟାର ସମାଧାନ ପାଇଁ ସାମାନ୍ୟ ସୌଜନ୍ୟ ପ୍ରକାଶ କଲେ ନାହିଁ । ଦୀର୍ଘବର୍ଷର ସଫଳ ସେବା ଓ ଅଭିଜ୍ଞତାକୁ ଆଧାର କରି ସ୍ଥାୟୀ କରିବା, ଛଟେଇ ବନ୍ଦ ସହ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ଡେଲି ଓ୍ୱେଜେସ ଆଉଟସୋର୍ସିଙ୍ଗ ଦୈତ୍ୟ ବ୍ୟବସ୍ଥା ବଦଳ ରେ ଏକକ ବ୍ୟବସ୍ଥା ଗ୍ରହଣ କରିବା ଓ ସ୍ଥାୟୀ ହେବା ପର୍ଯ୍ୟନ୍ତ ଚାକିରି ନିରାପତ୍ତା ଯୋଗାଇ ଦେବା ଆଦି ତିନି ଦଫା ଦାବି ନେଇ ଖୁବ ଶୀଘ୍ର ଆନ୍ଦୋଳନ ହେବାକୁ ଯାଉଛି ।

# ଶିଶୁର ଜୀବନ ବଂଚାଇଲେ ସନ୍ଦିପ

ବଲାଙ୍ଗୀର, ୧୬/୫ (ନି.ପ୍ର): ଆଜି ବଲାଙ୍ଗୀର ଭୀମଭୋଇ ହସ୍ପିଟାଲ ଶିଶୁ ବିଭାଗରେ ଟିଟିଲାଗଡ଼ ବ୍ଲକ ଶିଲଂଣ୍ଡା ଗ୍ରାମର ପାଂଚ ବର୍ଷ ଶିଶୁ ଲକ୍ଷ୍ମୀପ୍ରିୟା ସେଲମା ଜଣ୍ଡିସ ରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ଜରୀରୀକାଳନ ପରିସ୍ଥିତି ରେ ରକ୍ତର ଆବଶ୍ୟକ ହେବାରୁ ତାଙ୍କ ମାମୁ ତୋଫାନ ଗହିର ଓ ତାଳଧ୍ୱଜ ନାଗ କୌଣସି ମତେ ଖବର ପାଇ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କୁ ଫୋନ କରି ରକ୍ତ ପାଇଁ ସହଯୋଗ ମାଗିଥିଲେ। ଖବର ପାଇବା ମାତ୍ରେ ଶ୍ରୀ ଭୋଇ ଗେଲିଗୋଟ ପଡ଼ା ନିବାସୀ ଯୁବ କୁଲୁତା ସମାଜ ସଦସ୍ୟ ସନ୍ଦିପ ପ୍ରଧାନଙ୍କ ଘରକୁ ଯାଇ ତାଙ୍କୁ ନିଜ ଗାଡିରେ ବସାଇ ଆଣି ବଲାଙ୍ଗିର ମେଡିକାଲ ରକ୍ତ ଭଣ୍ଡାରରେ ରକ୍ତଦାନ କରିଥିଲେ। ରକ୍ତଦାନ ପରେ ଶ୍ରୀ ପ୍ରଧାନଙ୍କୁ ଯୁବ ସଂଗଠନ ତରଫରୁ ଉପଢୌକନ, ମାନପତ୍ର ଓ ଚାରା ବୃକ୍ଷ ସହ ସମ୍ମାନିତ କରାଯାଇଥିଲା। ଆଜି ପବିତ୍ରୀ ବ୍ରତ ଅବସରରେ ସମସ୍ତ ଗୃହିଣୀ ନିଜ ସ୍ୱାମୀଙ୍କ ପାଇଁ ପୂଜାର୍ଚ୍ଚନା କରୁଥିବାବେଳେ ସନ୍ଦିପ ପ୍ରଧାନ ସେ ସମୟରେ ଘରୁ ବାହାରି ଆସି ରକ୍ତଦାନ କରି ଶିଶୁର ଜୀବନ ବଂଚାଇଛନ୍ତି। ଏଭଳି ଜଟିଳ ପରିସ୍ଥିତିରେ ରକ୍ତର ସହଯୋଗ କରି ଥିବାରୁ ତୋଫାନ ଗହିର ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜ କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏ ଅବସରରେ ବର୍ଷା ଋତୁରେ ୫୦ଟି ଗଛ ଲଗାଇବା ପାଇଁ ଅସୀମ ଭୋଇ ରୋଗିଙ୍କ ସମ୍ପର୍କୀୟଙ୍କ କହିଛନ୍ତି।

# ଜାତୀୟ ଆୟ ଭିତ୍ତିକ ମେଧାବୃତି ପରୀକ୍ଷା ଫଳ ପ୍ରକାଶିତ ସୌମ୍ୟରଞ୍ଜନ ବୋରିଗୁମ୍ମା ବ୍ଲକ ଟପ୍ପର: ଜିଲ୍ଲାରେ ତୃତୀୟ

ଜୟପୁର, ୧୬/୫ (ନି.ପ୍ର): ଚଳିତ ବର୍ଷ କେନ୍ଦ୍ର ସରକାରଙ୍କଏନ୍‌ଏମ୍‌ଏମ୍‌ଏସ୍)ଜାତୀୟ ଆୟ ଭିତିକ ମେଧାବୃତି ପରୀକ୍ଷା ଫଳ ଆଜି ସଂଧ୍ୟାରେ ପ୍ରକାଶ ପାଇଛି। ଏଥିରେ କୋରାପୁଟ ଜିଲ୍ଲାରେ ବୋରିଗୁମ୍ମା ସଦର ଦାସିରି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସୌମ୍ୟରଞ୍ଜନ ପ୍ରଧାନ ବୋରିଗୁମ୍ମା ବ୍ଲକରେ ଟପ୍ପର ହୋଇଥିବାବେଳେ ଜିଲ୍ଲାର ତୃତୀୟ ଟପ୍ପର ଭାବେ ରହିଛନ୍ତି। ସେ ବୋରିଗୁମ୍ମା ବାସିନ୍ଦା ହୋଇଥିବାବେଳେ ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ବ୍ଲକ ଟପ୍ପର ଛାତ୍ର ସୌମ୍ୟ ରଞ୍ଜନଙ୍କ ପିତା ସନ୍ତୋଷ କୁମାର ପ୍ରଧାନ ବୋରିଗୁମ୍ମା ବ୍ଲକ ଟିପିଏସ୍‌ଓଡିଏଲ୍‌ର ଲାଇନ୍‌ମ୍ୟାନ ଏବଂ ମାତା ସିଲି ପ୍ରଧାନ ଗୃହଣୀ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଦୈନିକ ୫ରୁ ୬ ଘଂଟା ପାଠ ପଢ଼ିବା ସହିତ ବିଦ୍ୟାଳୟରେ ପାଠପଢ଼ା ସହିତ ଟ୍ୟୁସନ ମଧ୍ୟ କରୁଥିଲେ। ସେହିପରି ପିତା ଓ ମାତାଙ୍କ ଆଶୀର୍ବାଦ ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା ମହାପାତ୍ର ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଆଜି ଏହି ସଫଳତା ପାଇଥିବା ନେଇ ସୌମ୍ୟ ପ୍ରକାଶ କରିଥିଲେ। ଏହିପରି ସଫଳତା ନେଇ ସେ ଖୁସିରେ ରହିଥିବା ବେଳେ ଆଗାମୀ ଦିନରେ ମେଟ୍ରିକ ଏବଂ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ କିଭଳି ସଫଳତା ପାଇବେ ତାଙ୍କ ଲକ୍ଷ୍ୟ ରହିବ ବୋଲି କହିଛନ୍ତି। ଭଲ ନମ୍ବର ପାଇବା ନେଇ ଆଶା ରଖୁଥିଲେ, କିନ୍ତୁ କୋରାପୁଟ ଜିଲ୍ଲାର ତୃତୀୟ ଟପ୍ପର ଓ ବ୍ଲକ ତାଲିକାରେ ପ୍ରଥମ ରହିଥିବା ଯୋଗୁଁ ବହୁ ଖୁସି ରହିଥିବା ନେଇ ପ୍ରକାଶ କରିଛନ୍ତି। ବୋରିଗୁମ୍ମା ବ୍ଲକରେ ସମୁଦାୟ ୧୦ ଜଣ ଛାତ୍ରଛାତ୍ରୀ ପାସ୍ କରିଥିବାବେଳେ ତନ୍ମଧ୍ୟରୁ ବୋରିଗୁମ୍ମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪. କୁମୁଲି ସରକାରୀ ହାଇସ୍କୁଲର ୨. ସରକାରୀ ୟୁ ଜି ହାଇସ୍କୁଲ କାଠରଗଡ଼ା, ଶଶାହାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ୟୁଜି ହାଇସ୍କୁଲ ପଣ୍ଡସଗୁଡ଼ାରୁ ଜଣେ ଲେଖାଏଁ ପାସ୍ କରିଥିବା ଜଣାପଡ଼ିଛି। ଏହି ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ସ୍କୋଲାରସିପ୍ ବାବଦରେ ବାର୍ଷିକ ୧୨୦୦ ହଜାର ଟଙ୍କା ଏବଂ ଚାରିବର୍ଷ ପାଇଁ ସମୁଦାୟ ୪୮୦୦୦/-ଟଙ୍କା ମିଳିବ ବୋଲି ସରକାରଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

# ୨୪ ଟିକିଆ ହାତୀପଲ ଆମ୍ବ ଓ କଦଳୀ ବଗିଚା କଲେ ନଷ୍ଟ

ବଲାଙ୍ଗୀର, ୧୬/୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅଂଚଳରେ ଦୀର୍ଘ ୨ବର୍ଷ ଧରି ୨୪ଟିକିଆ ବଣୁଆ ହାତୀପଲ ଆତଙ୍କ ସୃଷ୍ଟି କରୁଥିବାବେଳେ ଚାଷୀମାନେ ତ୍ରାହି ତ୍ରାହି ଡାକୁଛନ୍ତି। ରାତ୍ରିରେ ଏହି ବଣୁଆ ହାତୀପଲ ହଳଦୀ ପଂଚାୟତ ନିକଟବର୍ତ୍ତୀ ପାତଲପଡ଼ା, ଗ୍ରାମର ଚାଷୀ ରଘୁନାଥ ରଣା ପି-ଦନାର ରଣାଙ୍କ ଧାନ ଖଳାରେ ଥିବା ୧୦୦ ବସ୍ତାରୁ ବେଶୀ ଧାନକୁ ସମ୍ପୂର୍ଣ୍ଣ ଖାଇ ରୁଚି ଦଳି ଦେଇଥିଲେ। ସେହିପରି ଡଙ୍ଗରପଡ଼ା ଗ୍ରାମର ପୂର୍ଣ୍ଣାନନ୍ଦ କମ୍ପଙ୍କ ବହୁ ଧାନ ଗଛ ଓ କଦଳୀ ଗଛ ଓ ଆମ୍ବଗଛ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବାବେଳେ ଅନେକ ଚାଷୀଙ୍କ ଧାନ ଫସଲ ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରି କ୍ଷତି ପୂରଣ ଦେବାକୁ ଦାବି କରିଛନ୍ତି। ଏହି ୨୪ଟିକିଆ ହାତୀପଲ ବିଭିନ୍ନ ଦଳରେ ବିଭକ୍ତ ହୋଇ ବେଳେ ଚାଷୀଙ୍କ ସୋଲାର ବୋରୱେଲ୍‌ର ପ୍ୟାନେଲ ଭାଙ୍ଗୁଥିବାବେଳେ ପ୍ରବଳ ଗ୍ରୀଷ୍ମରେ ବହୁ କଷ୍ଟରେ କରିଥିବା ଚାଷ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଆଉ ବେଳେବେଳେ ଗାଁ ଭିତରକୁ ପଶିଆସି ଆତଙ୍କ ମଧ୍ୟ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ମୁରିବାହାଲ ଫରେଷ୍ଟର ଧୃବଚରଣ ବଗର୍ତ୍ତୀଙ୍କୁ ପଚାରିବାରୁ ଚାଷୀଙ୍କୁ କ୍ଷତିପୂରଣ ପାଇଁ ଆବେଦନ କରିବାକୁ ପରାମର୍ଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ଓ ଫରେଷ୍ଟର ଧୃବଚରଣ ବଗର୍ତ୍ତୀଙ୍କ ଆଦେଶ କ୍ରମେ ଦୁଇଜଣ ଆଇ.ପି.ସି.ଇ.ଏ., କ୍ୱାଡ କର୍ମଚାରୀ, ଗୁଣନିଧି ପୁଟେଲ ଓ ସୁନିଲ ତାଣ୍ଡି ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ।

# ଶ୍ରମିକ ଛଟେଇ ଦାବିରେ କଳାବ୍ୟାଚ ପିନ୍ଧିଲେ ବିଦ୍ୟୁତ୍ କର୍ମଚାରୀ

ଧର୍ମଶାଳା, ୧୬/୫ (ନି.ପ୍ର): ଟିପିଏନ୍‌ଓଡିଏଲ୍ ବିରୋଧରେ ଛଟେଇ ଠିକା ବିଦ୍ୟୁତ୍ କର୍ମଚାରୀମାନେ ସେମାନଙ୍କର ବିଭିନ୍ନ ଦାବି ନେଇ ଆଜି କଳା ବ୍ୟାଚ ପରିଧାନ କରି ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଆଜି ରସୁଲପୁର ବ୍ଲକ ବ୍ରହ୍ମବରଦା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ଆଗରେ ସମସ୍ତ ଠିକା ବିଦ୍ୟୁତ୍ କର୍ମଚାରୀ କଳା ବ୍ୟାଚ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। କଷ୍ଟମର କେୟାର,ଷ୍ଟ୍ରକଚର ଅପରେଟର ଓ ହେଲଫର , ବିଦ୍ୟୁତ୍ ବିଛିନ୍ନ ସ୍କାଡ ଓ ପ୍ରତ୍ୟକ ଡିଭିଜନର ଜଣେ ଲାଇନ ମ୍ୟାନ ଓ ଜଣେ ହେଲଫରଙ୍କୁ ଟାଟା କମ୍ପାନୀ ଛଟେଇ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କମ୍ପାନୀ କର୍ତ୍ତୃପକ୍ଷ ତୁରନ୍ତ ପ୍ରତିହାର କରିବାକୁ ଜତିନ୍ଦ୍ର କର,ସୁବ୍ରତ ପାଣିଗ୍ରାହୀ, ଗୌରାଙ୍ଗ ବାରିକ୍, ବିଜୟ କୁମାର ବାରିକ୍, ସିଦ୍ଧେଶ୍ୱର ପତି, ମୁକ୍ତକାନ୍ତ ସାହୁ, ମଳୟ କୁମାର ଦାସ, ମନୋଜ ପରିଡା, ବୃଷଭାନୁ ଦାସ, ଇସଲାମ ଅଲ୍ଲୀ, ସେକ୍ ଫଜଲା, ହୃଷିକେଶ ଜେନା, ନିହାର ରଂଜନ ସାହୁ, ଶରତ ସାମଲ,ବିରଂଚି ବେହେରା,ଏମଡି ଅବଦୁଲ ବାସିଦ ଓ ଲୋପାମୁଦ୍ୟା ରାଉତ ପ୍ରମୁଖ କଳା ବ୍ୟାଚ ପିନ୍ଧି ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ଯଦି ସେମାନଙ୍କ ଦାବିକୁ କମ୍ପାନୀ କର୍ତ୍ତୃପକ୍ଷ ମାନି ନନିଅନ୍ତି ତେବେ ଆଗାମୀ ଦିନରେ ଆଲୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଇବ ନଦୀରୁ ପାଣି ଉଠାଣିକୁ ନେଇ ତୀବ୍ର ବିରୋଧ: ୫୦ ଗ୍ରାମରେ ଜଳ ସଙ୍କଟ ଆଶଙ୍କା

ଝାରସୁଗୁଡା , ୧୬/୫ (ନି.ପ୍ର): ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ମରାକୁଟାସ୍ଥିତ ଓଡିଶା ମେଟାଲିକ କମ୍ପାନୀ ଦ୍ୱାରା ଇବ ନଦୀରୁ ପାଣି ଉଠାଯିବାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମରାକୁଟା, ଜମେରା, ଏଚ୍ କଣ୍ଟାପାଲି ସହିତ ବ୍ରଜରାଜନଗର ପୌର ପରିଷଦ ଅଞ୍ଚଳର ଗ୍ରାମବାସୀମାନେ କମ୍ପାନୀ ବିରୋଧରେ ବେଆଇନ ଭାବେ ପାଣି ଉଠାଯାଉଥିବା ଅଭିଯୋଗ କରି ଗତ ତିନି ଦିନ ଧରି ଧାରଣାରେ ବସିଥିଲେ। ଶୁକ୍ରବାର ରାତିରେ ଝାରସୁଗୁଡା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ମଧ୍ୟସ୍ଥତାରେ ଧାରଣାକାରୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କମ୍ପାନୀ ପକ୍ଷରୁ ୭୨ ଘଣ୍ଟା ମଧ୍ୟରେ ସମସ୍ତ ଅଭିଯୋଗ ଉପରେ ସ୍ପଷ୍ଟୀକରଣ ଓ ସମାଧାନର ପ୍ରତିଶ୍ରୁତି ଦିଆଯାଇଥିବାରୁ ଧାରଣା କାରୀମାନେ ସାମୟିକ ଭାବେ ଧାରଣାରୁ ଓହରିଛନ୍ତି। ତେବେ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେ ମୁଖ୍ୟ ଚିନ୍ତାର ବିଷୟ ହେଉଛି, ଯଦି ପୁଣି କମ୍ପାନୀକୁ ଇବ ନଦୀରୁ ପାଣି ଉଠାଇବାକୁ ଅନୁମତି ମିଳେ, ତେବେ ନଦୀକୂଳରେ ଥିବା ପ୍ରାୟ ୫୦ଟି ଗ୍ରାମ ଭୟଙ୍କର ଜଳ ସଙ୍କଟର ସମ୍ମୁଖୀନ ହେବେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗ୍ରୀଷ୍ମ ଋତୁରେ ନଦୀର ଜଳସ୍ତର କମିଯାଉଥିବାରୁ ପାଣି ଉଠାଣି ଚାଲିଥିଲେ ପାନୀୟ ଜଳ, ଚାଷବାସ ଓ ଗୃହପାଳିତ ପଶୁପକ୍ଷୀ ପାଇଁ ଗୁରୁତର ସମସ୍ୟା ହେବ। ସୂଚନା ଅନୁସାରେ, ହୀରାକୁଦ ଡ୍ୟାମ ପ୍ରକଳ୍ପ ଓ ଜଳସେଚନ ବିଭାଗର ନିୟମ ଅନୁଯାୟୀ, ଅଣମୌସୁମୀ ସମୟରେ ଇବ ନଦୀରୁ ପାଣି ଉଠାଣି ଉପରେ କିଛି ନିୟନ୍ତ୍ରଣ ରହିଛି। ନଦୀ ମଧ୍ୟରେ ବନ୍ଧ ନିର୍ମାଣ କିମ୍ବା ମାଟି ଖୋଳି ପାଣି ସଂରକ୍ଷଣ କରିବାକୁ ମଧ୍ୟ ନିଷେଧ ଥିବା କୁହାଯାଉଛି। ଏହି ସମସ୍ତ ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ଆଣି ସ୍ଥାନୀୟ ଲୋକେ ବିରୋଧ ଜାରି ରଖିଛନ୍ତି। ଗ୍ରାମବାସୀମାନେ କହିଛନ୍ତି, କମ୍ପାନୀକୁ ଯଦି ପୁଣି ପାଣି ଉଠାଇବାକୁ ଅନୁମତି ଦିଆଯାଏ, ତେବେ ପୁନର୍ବାର ଆନ୍ଦୋଳନ ତୀବ୍ର କରାଯିବ। ଏହା ସହ ମତ୍ସ୍ୟଜୀବୀ, ପନିପରିବା ଚାଷୀ ଓ ଗରିବ ପରିବାରମାନଙ୍କ ଜୀବିକା ମଧ୍ୟ ପ୍ରଭାବିତ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ମଇ ୨୦୨୬
email :
rabibarachayan2015@gmail.com





# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୩୪ ବୁଦ୍ଧଙ୍କ ଆନନ୍ଦ-ବାଣୀ

ବୁଦ୍ଧ ମାରଙ୍କ (ମାୟାର) ସବୁଠାରୁ ଭୟଙ୍କର ଆକ୍ରମଣକୁ ସହ୍ୟ କରିଥିଲେ। ଶେଷରେ ଏ ଦୁଷ୍ଟ ପଛକୁ ହଟିଲା ଏବଂ ସେ ଉତ୍ତୋଳନ କରିଥିବା କ୍ରୋଧପୂର୍ଣ୍ଣ ଝଡ଼ ଶାନ୍ତ ହୋଇଗଲା। ଏବେ ଭଗବାନଙ୍କ ମନ ଶାନ୍ତ ହୋଇଗଲା। ମହା ଅନ୍ଧକାର ଦୂର ହୋଇଗଲା ଏବଂ ପୂର୍ଣ୍ଣଚନ୍ଦ୍ର ଓ ତାରକାମାନେ ପୁନଃ ଦୃଶ୍ୟମାନ ହେଲେ।

ଭଗବାନ ଗଭୀର ଧ୍ୟାନରେ ଲୀନ ହୋଇଗଲେ। ମନୁଷ୍ୟ ବୋଧଶକ୍ତିର ସୀମା ବାହାରକୁ ଯାଇ ଦୁନିଆର ବାସ୍ତବ ସ୍ଥିତିକୁ ଲକ୍ଷ୍ୟ କଲେ। ସୂର୍ଯ୍ୟ ଆଡ଼କୁ ଅନାୟାସରେ ଉଡୁଥିବା ଏକ ବାଜପକ୍ଷୀ ପରି ତାଙ୍କ ମନ ଦ୍ରୁତଗତିରେ ସମ୍ମୁଖକୁ ଓ ଊର୍ଦ୍ଧ୍ୱକୁ ଗତିକଲା।

ସେ ନିଜର ପୂର୍ବଜନ୍ମକୁ ଏବଂ ସମସ୍ତ ପୂର୍ବଜନ୍ମର ଭଲ-ମନ୍ଦ କାର୍ଯ୍ୟକୁ ଲାଭ-କ୍ଷତି ସହିତ ଦେଖିଲେ। ତାଙ୍କ ମନ ଯେତେବେଳେ ଉଚ୍ଚକୁ ଉଠୁଥିଲା ଓ ଦ୍ରୁତଗତିରେ ଆଗକୁ ବଢୁଥିଲା, ସେ ସମଗ୍ର ମାନବଜାତିର ଜନ୍ମ-ମୃତ୍ୟୁ ଚକ୍ରକୁ ଦେଖିବାକୁ ପାଇଲେ। ସେ ଜୀବମାନଙ୍କର କର୍ମାନୁଯାୟୀ ବାରମ୍ବାର ଜନ୍ମନେବା ଓ ମୃତ୍ୟୁବରଣ କରିବାର ପ୍ରକ୍ରିୟାକୁ ମଧ୍ୟ ଦେଖିଲେ।

ଯେଉଁମାନେ ସୁକାର୍ଯ୍ୟ କରିଥିଲେ ସେମାନଙ୍କୁ ଦିବ୍ୟଜନ୍ମର ପୁରସ୍କାର ଦିଆଯାଉଥିଲା। ଯଦିଓ ଏ ପୁରସ୍କାରସମୂହ ପୃଥିବୀର ଆନନ୍ଦ ଅପେକ୍ଷା ଅଧିକ ସମୟ ପାଇଁ ଥିଲା; ମାତ୍ର ସେଗୁଡ଼ିକ ଥିଲା କ୍ଷଣସ୍ଥାୟୀ। ଯେଉଁମାନେ ନର୍କଯନ୍ତ୍ରଣା ଭୋଗୁଥିଲେ, ସେମାନେ ପୁନର୍ଜନ୍ମ ଚକ୍ରରେ ଆବଦ୍ଧ ହୋଇ ରହୁଥିଲେ। ସମସ୍ତ ପ୍ରାଣୀ ଅଜ୍ଞାନ ଓ ଦୁଃଖର ଜଗତରେ ଥିଲେ ଆବଦ୍ଧ।

ଯେତେବେଳେ ତାଙ୍କର ଦୃଷ୍ଟି ସ୍ଫଟିକ ପରି ସ୍ୱଚ୍ଛ ହୋଇଗଲା, ସେତେବେଳେ ମଣିଷର ତଥାକଥିତ ଆତ୍ମାକୁ ଦେଖିଲେ ଯାହାକୁ ମଣିଷ ନିଜର ବୋଲି ଦାବି କରେ, ତାହା ତାଙ୍କ ସମ୍ମୁଖରେ ବୁଣା ହୋଇନଥିବା ପୋଷାକର ସୂତା ପରି ଖଣ୍ଡଖଣ୍ଡ ହୋଇ ରଖାଯାଇଥିଲା। ସେ ଦେଖିଲେ ଅସ୍ତିତ୍ୱ-ଶୃଙ୍ଖଳର କାରଣ ହେଉଛି ଅଜ୍ଞାନ। କାରଣ ଅଜ୍ଞାନ ମନୁଷ୍ୟ ମୂଲ୍ୟହୀନ ଓ କ୍ଷଣସ୍ଥାୟୀ ବସ୍ତୁଗୁଡ଼ିକ ପ୍ରତି ମୋହଗ୍ରସ୍ତ ହୋଇ ରହିଥାଏ ଏବଂ ନିଜ ମଧ୍ୟରେ ଅଧିକରୁ ଅଧିକ ବିପଦପୂର୍ଣ୍ଣ ଭ୍ରମ ଉତ୍ପନ୍ନ କରିଥାଏ। ମାତ୍ର



ଯେତେବେଳେ କାମନା ମରିଯାଏ, ଭ୍ରମ ସମାପ୍ତ ହୋଇଯାଏ ଏବଂ ଅଜ୍ଞତା ରାତି ପରି ଅଦୃଶ୍ୟ ହୋଇଯାଏ, ସେତେବେଳେ ଜ୍ଞାନ-ସୂର୍ଯ୍ୟ ଉଜ୍ଜ୍ୱଳ ହୋଇଥାଏ।

ଜଗତର ବାସ୍ତବ ସ୍ଥିତି ସଂପର୍କରେ ବୁଝିସାରିବା ପରେ, ବୁଦ୍ଧ ଜ୍ଞାନରେ ପରିପୂର୍ଣ୍ଣ ହୋଇଗଲେ। ଜାଣିପାରିଲେ ସେ ଆଉ ଜନ୍ମ ନେବେନାହିଁ। ଇନ୍ଧନ ଅଭାବରେ ଅଗ୍ନି ନିର୍ବାପିତ ହୋଇଯିବା ପରି ତାଙ୍କର ଲୋଭ ଓ କୁ-କାମନା ସଂପୂର୍ଣ୍ଣ ଭାବରେ ଲୋପ ପାଇଗଲା।

ସକଳ ଜ୍ଞାନ ଓ ସତ୍ୟର ଉଜ୍ଜ୍ୱଳ ଆଲୋକରେ ସ୍ନାତ ହୋଇ ପରିପୂର୍ଣ୍ଣ ପୁରୁଷ ବୁଦ୍ଧ ବସିଥିଲେ। ତାଙ୍କ ଚତୁଃପାର୍ଶ୍ୱରେ ବିଶ୍ୱ ଶାନ୍ତ ଓ ଉଜ୍ଜ୍ୱଳ ଥିଲା ଏବଂ ଏକ ମୃଦୁ ପବନ ବୋଧିବୃକ୍ଷର ପତ୍ରଗୁଡ଼ିକୁ ହିଲ୍ଲୋଳିତ କରୁଥିଲା।


ସମସ୍ତ ଜ୍ଞାନ ଓ ସତ୍ୟର ଉଜ୍ଜ୍ୱଳ ଆଲୋକରେ ପରିପୂର୍ଣ୍ଣ ହୋଇ ଭଗବାନ ବୁଦ୍ଧ ବୃକ୍ଷ ତଳେ ବସି ଧର୍ମର ଗଭୀର ଚିନ୍ତନରେ ମଗ୍ନ ଥିଲେ। ସେ ପରମାନନ୍ଦରେ, ନିର୍ବାଣର ପରିପୂର୍ଣ୍ଣ ଶାନ୍ତିରେ ହଜି ଯାଇଥିଲେ। ଜ୍ଞାନପ୍ରାପ୍ତି ପରେ ପ୍ରଭାତରେ ବୁଦ୍ଧ ଆନନ୍ଦର ଏହି ବାଣୀ ଉଚ୍ଚାରଣ କରିଥିଲେ -

"ସଂସାରରେ ଅନେକ ଜନ୍ମ ମଧ୍ୟରେ
ମୁଁ ବୁଲିଲି
ଏହି ଗୃହର ନିର୍ମାତାଙ୍କୁ ଖୋଜୁଛି,
କିନ୍ତୁ ପାଉନାହିଁ।
ବାରମ୍ବାର ଜନ୍ମ ହେବା ଦୁଃଖଦାୟକ।
ହେ ଗୃହନିର୍ମାତା, ତୁମେ
ଦେଖାଯାଉଛ,
ତୁମ୍ଭେ ଆଉ ଗୃହନିର୍ମାଣ
କରିବ ନାହିଁ।
ତୁମ୍ଭର ସମସ୍ତ ଛାତ ଭାଙ୍ଗିଯାଇଛି,
ତୁମ୍ଭର ଛାତର ସ୍ତମ୍ଭ ଭାଙ୍ଗିଯାଇଛି।
ମନ ଚିରନ୍ତନତା ଲାଭ କରିଛି
ତୃଷ୍ଣାର ଅନ୍ତ ହୋଇଯାଇଛି।"

(କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମିନିଗଳ୍ପ-୫



## ମାମଲା (ଚ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**

ପୁତୁରା କଟକରେ ଚାକିରୀ କରନ୍ତି। ଘରେ ସ୍ତ୍ରୀ, ଛୋଟଛୁଆ ଚାରିଟି। ପଡିଶା ଘର କକେଇ କାନ୍ଥ ଉଠଉଥାନ୍ତି ରାଜମିସ୍ତ୍ରୀ ଡକାଇ। ସିନ୍ଦୂରା ଫାଟିଲା ବେଳକୁ ଦି'ଗଦା ଇଟା ଟାଉଟାଉ କରି ବସିଗଲାଣି। ପୋଖରୀପାଣି ଯାଉଥିଲା ପୁତୁରାବୋହୂ। ଚଡକ ପଡିଗଲା ତା ମଥାରେ। ବସିଗଲା ଇଟା ଉପରେ। କକେଇଶଶୁର ଦେଲେ ଠେଲି। ତଳକୁ ଖସି ପଡିଲେ ପୁତୁରାବୋହୂ। ଦେହସାରା ସିମେଣ୍ଟ ବାଲି ସରସର। ଘୋର କନ୍ଦାକଟା। ଆଶ୍ରାବ୍ୟ ଗାଳି। ଫୋନ ହେଲା କଟକ। ପୁତୁରା ସିଆଡୁ ଆସି ରହିଲେ ଥାନାରେ। ପିଆଦା ଡକେଇ ନେଲା କକେଇଙ୍କୁ। ଥାନା ସହରରେ।

ଦାରୋଗା ପଚାରିଲା: ଏ ବୁଢା। ତୋ ବୋପା ଜାଗାରେ ପାଚିରୀ ଉଠଉଥିଲୁ।

: ହଁ।

ଦାରୋଗା ପେଲି ଦେଲା ବୁଢାକୁ।

: ହାରାମଜାଦା।

କକେଇ ପଡି ଯାଉଯାଉ ଧରି ପକେଇଲା ପୁତୁରା।

: ଆହା ! କକେଇ ପଡିଗଲେ...

ପୁତୁରାକୁ ଦଣ୍ଡା ଉଠେଇ ଦାରୋଗା ଚିଲେଇଲା: ହା ରା ମ ଜା ଦା ।

ମାମଲା ଖଲାସ ।

♥ ରମାଦେବୀ ମହିଳା ମହାବିଦ୍ୟାଳୟ
ଭୁବନେଶ୍ୱର,
(ମୋ) ୯୭୭୬୫୪୬୧୩୦

# ପାଉଁଜିର ପାଣ୍ଡୁଲିପି-୨୦

**ବିପିନ ମହାନ୍ତି**



## ବେପଥୁ ବାଦଶା'

ମୁଁ ତୁମ ପ୍ରେମର ପାରିଜାତ ଫୁଲେ ମଧୁମେହ ମଧୁମକ୍ଷି
ମହଣ ମହଣ ମଧୁରୁ ତୁମର ମଧୁ ନପାରଇ ଚାଖି
ଫେରେଇ ଦେଇଛି ଫୁଲ ଫଗୁଣକୁ ଫୁଲପକା ଜହ୍ନରାତି
ଉଜେଇ ଦେଇଛି ଅବୁଝା ମନର ମାନସରୁ ତୁମ ପ୍ରୀତି।

ବିଶ୍ୱାସର ବସା ବାନ୍ଧିଥିଲେ ଦୁଇ ଭରସାର ଭଙ୍ଗାଡାଳେ
ଦଦରା ନାଆରେ ନାଉରିର ଦୁଃଖ ଭରାନଦୀ ସିନା କଳେ
କଳକଳ ନଈ ଛଳଛଳ ଛଇ ଛୁଉଁଥିଲା ଦୁଇ ତଟ
ନିରୁଦ୍ଦିଷ୍ଟ ନିଜେ ପ୍ରେମର ପଥିକ ଦିଗହରା ମରୁବାଟ।

ମେଘମେଦୁର ଆକାଶରୁ ଆଉ ବିଜୁଳି ମାରୁନି ହାଇ
ଭସା ବାଦଲଟା ଖଟେଇ ହେଉନି ବରଷିବ ବୋଲି କହି
ବେସାହାରା ଆଜି ବେପଥୁ ବାଦଶା' ପ୍ରେମର ମଉଡ଼ମଣି
ନିଃସ୍ୱ ପୁଣି ଏ ବିଶ୍ୱରେ ତୁମ ପ୍ରେମ ବିନା ଜାଣିଜାଣି।

କାରୁଣ୍ୟର କାରା କୋଠରିରେ ଜରା ତାରୁଣ୍ୟର ତଟେ ବସି
ହିସାବ ମାଗୁଛି ଯଉବନ କିଆଁ ଅଦିନରେ ଦେଲା ଫାଶୀ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

# କବିତା



## ବଢ଼ି ଚାଲୁଥାଏ ଦୂରତ୍ୱ

**ଶିଶିର ନାୟକ**

ନାକର ଦି ପାଖରେ ଚଷମାର
ଗଭୀର କଳାଦାଗ
ଭୁଲତା ମଝିରେ ଅଠାଛଡା ଟିପାର ଫଗୁଣ
ସିନ୍ଥିରେ ହାଲୁକା ପାଚିଲା ବାଳ
ଲୁଚେଇଥିବା ଚିଠି ପରି କ୍ଳାନ୍ତ ସଂସାର
ଢଳ ଢଳ ପାଣିରେ ଯେମିତି ପଦ୍ମପତ୍ର
ଏତକ ହିଁ ସୁଖ।

ବଢ଼ି ଚାଲିଛି ଅବ୍ୟକ୍ତ
ଜଙ୍କଲଗା ଗୋପନ ଘରେ
ଚାବି ପଡ଼ିଲା ପରି ଜମିଛି ସ୍ମୃତି
କାମଦାମ ସରିଲା ପରେ
କେତେବେଳେ କେମିତି
ସେ ବଉଳ ଗଛକୁ ଟିକେ ଅନଉ ଥାଅ।

ନ ଶୁଭିଲା ପରି କେଉଁ ଡାକ
ଶୁଭୁ ଥାଏ ମନ୍ଦ୍ର ସ୍ୱରରେ
ତମ ଛାୟା ମିଶିଥାଏ ସେଥିରେ
ଫୁଲ ଫୁଟିଥାଏ ତମ ବେଦନାର
ରୁପମୁଗ୍ଧ କାନିରେ।

ତମକୁ ଦଗ୍ଧ କରେ ଅଚିହ୍ନା ଜହ୍ନ
ଘେରିଥାଏ ଶୁନ୍ୟ ଆଲୁଅ
ବିଛୁଡ଼ି ହେଇ ପଡ଼ିଥାଏ ବାସିଫୁଲ।

ଝରକାରେ ଲାଗିଥାଏ
କେଉଁ ପ୍ରଜାପତିର ରଙ୍ଗ
ତାକୁ ସାଇତି ରଖିଥାଏ ଛତିତଳ ମେଘ
ଦୁଆରେ ଫୁଟୁଥାଏ ବିରହର ଫୁଲ।

ତମ ଅବ୍ୟକ୍ତର ପାଖେ ପାଖେ
ବଢୁଥାଏ ଦିନ
ବଞ୍ଚୁଥାଏ ଅତୀତ
ବଢ଼ି ଚାଲୁଥାଏ ଦୂରତ୍ୱ ।

♥ ଭୁବନେଶ୍ୱର,
ମୋ -୯୯୩୭୪୯୦୬୪୭

## ବୋହୂ ଚାଲି ନ ଜାଣଇ

**ସ୍ନିଗ୍ଧା ପଣ୍ଡା**



ଆସିଲା ବେଳେ ଓଢଣା ତଳେ
ବଦଳେଇବାକୁ ହେଲା ଅନେକ କିଛି
ବିସର୍ଜିଦେବାକୁ ହେଲା
ସାରା ଚପଳତା
ଶାଢୀ ଗଣ୍ଠି ସହ ମନ ବି
ବାନ୍ଧି ହେଇଗଲା ବୋଲି
ମାନିନେବାକୁ ହେଲା
ଯେତେ ସହି ସମ୍ଭାଳି
ସଂସାର ଯେମିତି ଚାହିଁଲା
ପାଦ ସେମିତି ପଡିଲା
ତଥାପି ଠରାଠରି ଚାଲିଥିଲା
ବୋହୂ ଚାଲି ନ ଜାଣଇ
ସେ ଦିନରୁ ଉଡିବାର ଡେଣା ନିଜେ କାଟି
ଶିଖିବାକୁ ହେଲା ଚାଲିବା ପାଇଁ ?

ଆସିଲା ବେଳେ ବାଟ ଯାକ ମୁଖସ୍ଥ କରିଥିଲା
ନିଆଁରେ ପୋଡିଲେ ସୁନା ଚକ୍‌ଚକ୍ କରେ
ବାହାରି ଯାଏ ଖାଦ
ହେଲେ ଦେହକୁ ପୋଡ଼ିଲେ
ଦାଗ ବାହାରିଯାଏ କି ନାଇଁ
କିଏ ହେଲେ ବି କହି ନ ଥିଲା
ସେଇଠୁ ତ ଅଳତା ଲିଭି ନ ଥିବା ପାଦରେ
ଶିଖିଗଲା ତଥାପି
ନୂଆ ବୋହୂରୁ ସୁନା ବୋହୂ ହେବାକୁ
ନିଜକୁ ଫିଙ୍ଗିବାର ଥାଏ ବାଘ ମୁହଁକୁ
ଜଙ୍ଗଲରୁ ଭଙ୍ଗା ପାଦର କଙ୍କାଳ ଧରି
ଫେରିବା ବେଳେ ଫୁସ୍ ଫୁସ୍ ଶୁଭୁଥାଏ
ବୋହୂ ଚାଲି ନ ଜାଣଇ, ସେଇଠି
ନିଜର ବିଶ୍ୱାସ ବସିପଡ଼େ ଥକ୍କା ହୋଇ ?

ଚାଲିବାର ଐଶ୍ୱର୍ଯ୍ୟ ମିଳିବାକୁ
ସେ ଆରମ୍ଭ କରେ ସ୍ୱ-ମେଧ ଯଜ୍ଞ
ସକାଳରୁ ସଞ୍ଜ
ନୂଆ ବୋହୂରୁ ସୁନା ବୋହୂ ହବାର ଲୋଭରେ
ଅଖଣ୍ଡ ଆକାଶ ତଳେ
ପାହାନ୍ତିଆ ଠାକୁରଙ୍କଠାରୁ
ଅଧରାତିର ଦେବତାଙ୍କ ଯାଏଁ
ସଜାଡୁ ଥାଏ ଆପଣା ପାଦକୁ

କାଳକ ବିତିଯାଏ ଗୋଲକ ଧନ୍ଦାରେ
ବାଟ ଖୋଜିବାରେ
ଏଣେ କିନ୍ତୁ ଶେଷ ଯାଏଁ କଥା ଥାଏ
ବୋହୂ ଚାଲି ନ ଜାଣଇ
ଯିବା ବେଳ ଯାଏଁ ଆହା
ଚାଲିବା ଶିଖିପାରିଲା ନାହିଁ !!

♥ ଲହଣ୍ଡା, ବରଗଡ
ମୋ-୯୮୬୧୩୨୩୬୫୦

## ରେବି ଫେରିଛି

**ଶିବ ପ୍ରସାଦ ସାହୁ**



ବ୍ୟାସେ ! ଚିହ୍ନିପାରୁଛ କି ମୋତେ
ମୁଁ ପରା ସେଇ ପାଟପୁରର ରେବି
ଯାହାର ଜୀବନେ
ତୁମେ ଲେଖିଥିଲ ....
ଦୁଃଖ ,ଯନ୍ତ୍ରଣା ଆଉ ଅକାଳମୃତ୍ୟୁ ।

ଆଜି ମୁଁ ଫେରିଛି ....ଖାଲି
ତୁମଠାରୁ ଜବାବ ମାଗିବା ପାଇଁ ।
କୁହ ବ୍ୟାସେ !
କଣ ବା ଭୁଲ ଥିଲା ମୋର
ମାତ୍ର ଦଶବର୍ଷ ବୟସରେ
ମୋତେ ତୁମେ ଦେଖେଇଲ
ମୃତ୍ୟୁର ଦ୍ୱାର ।

ପ୍ରଥମେ ଛଡାଇନେଲ ମା କୁ ମୋର
ଉଠାଇନେଲ ମୋ ମୁଣ୍ଡରୁ
ମୋ ମା'ର ହାତ
ଆଶୀର୍ବାଦ, ସ୍ନେହମମତାର.....
ତୁମେ କଣ ଏତେ ସ୍ୱାର୍ଥପର !

ଏତିକିରେ ବି ଭରିଲାନି ତୁମ ମନ
କଲବଲ କରି ମାରିବା ପାଇଁ
ଦୂର କରିଦେଲ ମୋ ଠାରୁ
ବାପାଙ୍କୁ ପ୍ରିୟ ବାସୁ ଭାଇକୁ
ଆଉ ଝୁରିଝୁରି ମୁଁ ମରିଗଲା ପରେ
ଆମ ଘରଶୂନ୍ୟ କରି ମାରିଦେଲ
ମୋତେ ଗାଳିଦେଉଥିବା ସେ ବୁଢ଼ୀକୁ ।

ବ୍ୟାସେ ! ଜାଣିଛ
ମୁଁ ଦେଖିଥିଲି ଅନେକ ସ୍ୱପ୍ନ
ପାଠ ପଢିବି , ବଡ଼ ମଣିଷ ହେବି
ଆଉ ମୋ ବାସୁଭାଇକୁ ବାହାହେଇ
ନୂଆ ଏକ ସଂସାର ଗଢ଼ିବି ।

ହେଲେ ତୁମ ପାଇଁ
ମୋ ସବୁସ୍ୱପ୍ନ ସବୁଆଶା
ଭାଙ୍ଗିରୁଜି ଚୁନା ହେଇଗଲା
ମୋ ଦେହସିନା ମିଶିଗଲା ମାଟିରେ
ହେଲେ ଆତ୍ମା ଅତୃପ୍ତ ରହିଗଲା ।

କିନ୍ତୁ ଆଜି ମୁଁ ଫେରିଛି ବ୍ୟାସେ
ପୁନର୍ଜନ୍ମ ନେଇ....
ହାତରେ କଲମ ଧରି
ନିଜର କାହାଣୀ
ନିଜେ ମୁଁ ଲେଖିବା ପାଇଁ ।

ହଁ ବ୍ୟାସେ ,ଠିକ୍ ଶୁଣିଛ
ମୁଁ ଲେଖିବି ଆଉ ଏକ କାହାଣୀ
ଯେଉଁଠି ମୁଁ ପୂରଣ କରିବି
ମୋର ସବୁ ଆଶା ସବୁ ସ୍ୱପ୍ନ
ଆଉ ଭରି ରହିଥିବ
ଖାଲି ଖୁସି ଆଉ ଖୁସି ।

ସବୁ ଝିଅମାନଙ୍କ ଭଳି
ମୁଁ ବି ଖେଳିବି ଗାଁ ଦାଣ୍ଡରେ
ପୁଚି ଆଉ ବୋହୂଚୋରି
ଗାଁ ମୁଣ୍ଡର ସେ ଆମ୍ବଗଛରେ
ମୁଁ ବି ଖେଳିବି ଦୋଳି ।

ସାଙ୍ଗସାଥି ସହ ମିଶି
ମୁ ବି ପାଳିବି ଏଥର ରଜ
ନୂଆ ଜାମା ପିନ୍ଧି ଘରଘର ବୁଲି
ଖାଉଥିବି ପୋଡପିଠା
ହୋଇଣ ସଜବାଜ ।

ରଜ ସରିଗଲେ
ରଥଯାତ୍ରା ଦେଖି
ବାପାମା ସାଥିରେ ଯାଇ
ବାହୁଡ଼ା ବେଳକୁ ବାହା ହୋଇଯିବି
ବାସୁଭାଇ ସଙ୍ଗେ ମୁହିଁ।


ନିଜର କାହାଣୀ ନିଜେ ମୁଁ ଲେଖୁଛି
ଯାହା ଅଧାଥିଲା ସେ ଜନମରେ
କୁହ କୁହ ବ୍ୟାସେ ....
କେମିତି ହେଇଛି କାହାଣୀ ମୋର
କ୍ଷମା କରିଦେବ....
ଯଦି କଷ୍ଟ ଦେଇଥିବି ତୁମ ମନରେ ।

♥ ଓଡ଼ିଆ ସାହିତ୍ୟ ବିଭାଗ
ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ
ବ୍ରହ୍ମପୁର, ଗଞ୍ଜାମ
(ମୋ) ୮୪୫୮୦୮୬୫୬୪

## ମୋର ମିନତି

**ମୂଳ ଅସମୀୟା : ନିର୍ମଳ ପ୍ରଭା ବରଦଲୈ**
**ଅନୁବାଦ : ଶୈଳବାଳା ମହାପାତ୍ର**





ମୋର ମିନତି ତାରା ହୁଏ ଯଦି
ତୁମରି ଆକାଶ ଛୁଇଁବ
ମୋର ଏଇ ଗୀତ ଯଦି ହୁଏ ସୁର
ତୁମ ଅରଣ୍ୟରେ ଘୂରିବ

ଏଇ କଥା ମୋର ଯଦି ହୁଏ ସୁର
ଏଇ ସୁର ମୋର ଯଦି ହୁଏ ଜହ୍ନ
ସେଇ ଜହ୍ନ ତୋଳା ମାୟାବୀ ଜ୍ୟୋସ୍ନାରେ
ଏକାନ୍ତ ନିରବ ପଥେ
ନିଃଶବ୍ଦରେ ଯାଇ
ତୁମ ପାଖେ ପାଖେ ରହିବ
ମୁଁ ନଥିଲେ ବି ସଞ୍ଜର ତାରାଟି
ମୋରି କଥା ଇ କହିବ !!

♥ ପୁରୀ,
ମୋ: ୭୦୦୮୫୮୬୫୦୧

## ମରୀଚିକା

**ଶୁଭସ୍ମିତା ତ୍ରିପାଠୀ**



ମୁଁ ହସ ତଳେ ଲୁଚେଇଲି ଟୋପେ ଲୁହ,
ଟୋପେ ଲୁହ ତଳେ ଗୋଟେ
ମଧୁମାଳତୀର ଋତୁ
ଋତୁ ତଳେ କେଇ ଖଣ୍ଡ ମେଘ।

ମେଘ ତଳେ ମୋ ପଲକ
ପଲକ ତଳେ କେଇ ବୁନ୍ଦା ସ୍ୱପ୍ନ
ସ୍ୱପ୍ନ ତଳେ ଗୋଟେ ଗାଢ଼ ନୀଳ ରଙ୍ଗର ରାତି,
ତା ତଳେ ଗୋଟେ ପ୍ରିୟର ନକ୍ଷତ୍ର।

ନକ୍ଷତ୍ର ଠି ଟୋପା ଟୋପା କାକରର ଅଭିମାନ
ତା ପଛରେ ସଜଫୁଟା ଧାନଫୁଲର ହସ
ହସ ତଳେ ଉଷୁମ ସକାଳର ଗୁମ୍‌ସୁମ୍ ମୁହଁ,
ସେଇ ମୁହଁସାରା କୃଷ୍ଣଚୂଡ଼ାର ଲାଜ,
ଲାଜର ପାଖୁଡା ଠି ଖରାବେଳିଆ ତାତି
ଯେଉଁ ତାତିର ପାପୁଲି ଉପରେ ହିଁ ଆଖିମେଲେ
ଅପେକ୍ଷାର ଚିକମିକ ତାରାଫୁଟା ରାତି !

ରାତି କିନ୍ତୁ ଝୁରେନା ତାରା
ଝରିବାର ଶୂନ୍ୟସ୍ଥାନ,
ଓଦା ନକ୍ଷତ୍ରରେ ଲାଖିଥିବା
ଶେଷ ଟୋପାକ କାକର କାଳି
କୃଷ୍ଣଚୂଡାରଙ୍ଗର ଲାଜର ଋତୁରେ
କେବେ ଲେଖି ପାରେନା ଶେଷ ଶବ୍ଦ !

କେଜାଣି, ଧାନଫୁଲର ଦେହସାରା
କିଏ ଲେଖିଦିଏ ଝରା କୁହୁଡ଼ିର ଗୀତ
ଓଦା ଓଦା ଅସ୍ୱଷ୍ଟତାର ବେଳ।

ସ୍ୱପ୍ନ ସଜା ନୀଳରଙ୍ଗର ରାତି ଠି
ଉଚ୍ଛୁର ବଂଶୀ ତାନେ
ଅନିଚ୍ଛାରେ ପାହିଥିବା ସକାଳ !

ଏଥର କିନ୍ତୁ ମୁଁ
ପଲକ ତଳେ ଚାପି ଧରିଲି ମେଘ,
ମେଘ ତଳେ ସ୍ୱପ୍ନ,
ସ୍ୱପ୍ନ ତଳେ ନୀଳ ରଙ୍ଗର ଅନ୍ଧାର,
ଅନ୍ଧାର ତଳେ ଆଖି ଯୋଡ଼େ
ଆଖି ଯୋଡ଼ାକରେ ମୟୂର ଚନ୍ଦ୍ରିକାର ଭ୍ରମ।

ଭ୍ରମ ଭିତରେ ଶୋଇ ରହିଥିଲା
ଆକାଶୀ ରଙ୍ଗର ନିରୀହ ପ୍ରଜାପତି,
ଯାହାକୁ ଫୁଲମାନେ କୁହନ୍ତି "ପ୍ରେମ" !

+ ବ୍ରହ୍ମପୁର, ଗଞ୍ଜାମ

ବାଲେଶ୍ୱର, ରବିବାର, ୧୭ ମଇ ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୪ ରବିବାର ଚିତ୍ରୀକା

୧୨୧ ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ

# ଯେଉଁ କବିତାକୁ ବାରମ୍ବାର ପଢ଼ିବାକୁ ଇଚ୍ଛା ହେବ ଓ ପଢ଼ିଲେ ଆନନ୍ଦ ବା ଶାନ୍ତି ମିଳୁଥିବ ତାହାହିଁ ଭଲ କବିତା : କିଶୋର ମିଶ୍ର

**କିଶୋର ମିଶ୍ର** ଓଡିଆ କବିତା ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଦୀର୍ଘ ବର୍ଷ ଧରି ସାହିତ୍ୟ ଜଗତରେ ପ୍ରବେଶ କରି ଏଗାରଟି କବିତା ପୁସ୍ତକ ଓ ଦୁଇଟି ନାଟକ ଲେଖି ଓଡିଆ ସାହିତ୍ୟର ବାଣୀ ଭଣ୍ଡାରକୁ କରିଛନ୍ତି ସମୃଦ୍ଧ । ପ୍ରେମ ହିଁ ତାଙ୍କ କବିତାର ଅସଲ ସ୍ୱରୂପ । "ଓଡ଼ିଆ ସାହିତ୍ୟ ସର୍ବଦା ଚଳଚଞ୍ଚଳ, ଉର୍ଦ୍ଧ୍ୱମୁଖୀ ଓ ଗତିଶୀଳ। ମାତ୍ର ଦୁର୍ଭାଗ୍ୟର କଥା ଆମ ସମାଲୋଚନା ଖୁବ୍ ଦୁର୍ବଳ" ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ୧୯୭୫ ମସିହାରେ ମିନି କବିତାର ଆନ୍ଦୋଳନ ଜୋର ଧରିଥିଲା। ତାହା ଭାବଗର୍ଭକ ଓ ସଂକ୍ଷିପ୍ତ ଥିବାରୁ ମୁଁ ତା ପ୍ରତି ଆକୃଷ୍ଟ ହୋଇଥିଲି ଓ କିଛି କିଛି କବିତା ଲେଖିଲି। ଫୁଲବାଣୀର ଦ୍ୱିତୀୟ ବର୍ଷ ବିଜ୍ଞାନର ଛାତ୍ର ଥିଲି। ପ୍ରଥମେ ଧରିତ୍ରୀ ସାହିତ୍ୟ ବିଭାଗରେ ୧୯୭୫ରେ କବିତା ପ୍ରକାଶ ପାଇଲା ତା ପୁଣି ଜରୁରୀ ପରିସ୍ଥିତି ସମୟରେ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ବାପା ସ୍ୱର୍ଗତ ବେଣୁଧର ମିଶ୍ରଙ୍କ କବିତା ଝଙ୍କାର, ଆସନ୍ତାକାଲି, ନବଲିପି, ଡଗରରେ ପ୍ରକାଶିତ ହୁଏ ଓ ମୁଁ ସେଥିରେ ଆକର୍ଷିତ ହେଲି। ପରେ ପରେ ସୀତାକାନ୍ତ, ରମାକାନ୍ତ, ବିନୋଦ ନାୟକ, ବିଭୁଦତ୍ତ ମିଶ୍ର, ଫନୀ ମହାନ୍ତିଙ୍କୁ ପଢ଼ିଲି। ତେବେ ମାନସିଂହ ମୋର ଆଦ୍ୟ ଗୁରୁ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ପ୍ରଥମେ ୭୫ ମସିହାରେ ଜରୁରୀ ପରିସ୍ଥିତିରେ କବିତା ପ୍ରକାଶ ପାଇଲା ଧରିତ୍ରୀରେ ଓ ମୁଁ ଭୟଭୀତ ହୋଇ ପଡ଼ିଲି । କାରଣ ସରକାରଙ୍କ ବିରୁଦ୍ଧରେ କିଛି କହିଲେ ବା ଲେଖିଲେ ସିଧା ଜେଲ୍। ମୋତେ ବାପା, ମା ଓ ଅନ୍ୟ ଗୁରୁଜନମାନେ ଲେଖାର ଧାରା ପରିବର୍ତ୍ତନ କରିବାକୁ ପରାମର୍ଶ ଦେଲେ ଓ ମୁଁ ପରେ ପରେ ପ୍ରେମ କବିତା ଆଡ଼କୁ ମୁହାଁଇଲି । ପ୍ରମଦା, ଅମୃତ ଅଭିସାର, ମିତଣି ବର୍ଷାରେ ସୁକେଶିଁନି, ଫେରେଇ ଦିଅ ମୋର ସବୁ ଶବ୍ଦ, ଚନ୍ଦ୍ରରାଗ, ଗୁମ୍ଫା, ସେଇ ନୀଳାଭ ଓଠ, ତୁମ ପରି କେହିଜଣେ କବିତା ସଂକଳନ, ଦୁଇଟି ନାଟକ ବେକାରୀ କ୍ଲବ, ଘୋ ଘୋ ରାଣୀ ଫୁଲବାଣୀରେ ମଞ୍ଚସ୍ଥ ଓ **international theatre**ରେ ମଞ୍ଚସ୍ଥ ହେଲା । କହିବା ବାହୁଲ୍ୟ ମୋ ପାଠକ ମାନଙ୍କ ପ୍ରିୟ ଓ ମୋର ପ୍ରିୟ 'ପ୍ରମଦା' । ତହିଁରେ ସରଳ ଶବ୍ଦ ମାଧ୍ୟମରେ ଅନ୍ତର୍ନିହିତ ଭାବର ସୂକ୍ଷ୍ମ ଓ କଳାତ୍ମକ ବିକାଶ ସମ୍ଭବ ହୋଇପାରିଛି ପରିପୂର୍ଣ୍ଣ ଆବେଗ ସହିତ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟ ସର୍ବଦା ଚଳଚଞ୍ଚଳ, ଉର୍ଦ୍ଧ୍ୱମୁଖୀ ଓ ଗତିଶୀଳ। ମାତ୍ର ଦୁର୍ଭାଗ୍ୟର କଥା ଆମ ସମାଲୋଚନା ଖୁବ୍ ଦୁର୍ବଳ। ଚିହ୍ନା ପରିଚୟ ହେଲେ ହିଁ ଆମେ ସମୀକ୍ଷା କରୁଛୁ। ଆମେ ଆଗ୍ରହରେ ବହି ଉପହାର କାହାକୁ ଦେଉନା। ଯେତେବେଳେ ଆମେ ସେଇ ଅବବୋଧରୁ ଦୂରେଇ ଯିବା ଆମ ସାହିତ୍ୟ ସମସ୍ତଙ୍କ ପାଖରେ ପହଞ୍ଚି ପାରିବ । ଅବଶ୍ୟ ଏବେ ଇଂରାଜୀ ସ୍କୁଲରେ ଓଡ଼ିଆ **compulsory** ହେଲାଣି।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା କେବେବି ସଙ୍କଟରେ ନଥିଲା କି ଆଜିବି ନାହିଁ । ଯେତେବେଳେ କାନ୍ତିଲାଲ କହୁଥିଲେ 'ଉଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନୟ' ସେତେବେଳେ ବି ପ୍ରଚୁର ଲେଖା ଯାଉଥିଲା ଓ ଉଚ୍ଚକୋଟିର ଥିଲା ଆମ ଭାବ ସମ୍ପଦ। ସେଥିପାଇଁ ଭାଷା ଭିତ୍ତିକ ପ୍ରଥମ ରାଜ୍ୟ ଆମର ହେଲା ଓ ଷଷ୍ଠ **classic** ଭାଷାର ମାନ୍ୟତା ଆମେ ପାଇଲେ। ସବୁ ରାଜନୈତିକ ଓ ସାମାଜିକ ସଙ୍କଟ ଦୂର ପାଇଁ ଭାଷା ହିଁ ବଳିଷ୍ଠ ମାଧ୍ୟମ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଯେଉଁ କବିତାକୁ ବାରମ୍ବାର ପଢ଼ିବାକୁ ଇଛା ହେବ ଓ ପଢ଼ିଲେ ଆନନ୍ଦ ବା ଶାନ୍ତି ମିଳୁଥିବ ତାହାହିଁ ଭଲ କବିତା। କବି ତା' ନିଜ କବିତାର ପ୍ରଥମ ପାଠକ ଓ ପ୍ରଥମ ସମାଲୋଚକ। କୁହାଯାଏ କବିତା ଠିଆ ହୋଇଥିବା ସ୍ଥାନରେ ବାରମ୍ବାର ନାଚୁଥାଏ। ସଙ୍ଗୀତର ଥେରାପୀରେ କ୍ୟାନସର ଭଲ ହୋଇ ପାରୁଛି ଯେତେବେଳେ ମାନସିକତାର ପରିବର୍ତ୍ତନ ନିଶ୍ଚୟ ସମ୍ଭବ ସାହିତ୍ୟରେ।

■ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ମୁଁ ପ୍ରଚୁର ଆସ୍ଥାବାନ । ଓଡ଼ିଆ ସାହିତ୍ୟର ଭବିଷ୍ୟତ ଅତନ୍ତ୍ୟ ଉଜ୍ଜ୍ୱଳ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ସମ୍ବର୍ଦ୍ଧନା କି ପୁରସ୍କାର ପାଇଲେ ନିଶ୍ଚୟ ଖୁସି ଲାଗେ। ମାତ୍ର ପାଠକର ହୃଦୟ ସିଂହାସନରେ ବସିବା ସବୁଠାରୁ ଶ୍ରେଷ୍ଠ ପୁରସ୍କାର ଜଣେ କବି ବା ଲେଖକ ପାଇଁ । ଏବେ ପୁରସ୍କାରର ସଂଜ୍ଞା ବାରମ୍ବାର ବଦଳୁଛି। ସାହିତ୍ୟ ସଭା ଆଲୋଚନା ନହୋଇ ଫୋଟଉଠାରେ ସୀମିତ ରହୁଛି। ସାହିତ୍ୟର ପ୍ରଥମ ବାର୍ତ୍ତା ପ୍ରେମ ଓ କରୁଣା କରିବା। ତାହା ମାନବୀୟ ଚେତନାକୁ ଉର୍ଦ୍ଧ୍ୱକୁ ଉଠେଇବାରେ ସହାୟକ ହୁଏ ।

♥♥

■ ଅକ୍ଷରେ କିଶୋର ମିଶ୍ର



ନାମ- କିଶୋର ମିଶ୍ର
ଜନ୍ମତାରିଖ- ୨୮/୧୧/୧୯୫୬
ବାପାଙ୍କ ନାମ - ବେଣୁଧର ମିଶ୍ର
ମାତାଙ୍କ ନାମ- ସୁବାସିନୀ ମିଶ୍ର
ସ୍ଥାୟୀ ଠିକଣା- ରୋଡ, ବୌଦ୍ଧ, ପି-୭୬୨୦୧୪
(ମୋ) ୯୪୩୭୩୨୭୫୦୨






ସାହିତ୍ୟ ସଭାରେ କବି କିଶୋର ମିଶ୍ର...






ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...



ସୁଖୀ ପରିବାର : ନିଜ ପରିବାର ସହ କବି କିଶୋର ମିଶ୍ର ।




କବି କିଶୋର ମିଶ୍ରଙ୍କ ଲିଖିତ ପୁସ୍ତକ ସମୂହ...

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

**ଡ.ରତିକାନ୍ତ ବେହେରା**



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୨୪**

"ଗାଇଡ୍ ଭାବେ ମୁଁ ମୋର କର୍ତ୍ତବ୍ୟ ପାଳନ ମାତ୍ର କରିଛି। ଆଉ ବା ଅଧିକ କ'ଣ କରିପାରିଛି ? ଆଜି ଯଦି ଅସଂଭବ କିଛି ସଂଭବ ହୋଇଥାଏ, ତାହା ଚମତ୍କାର ହୋଇଛି ବୋଲି କୁହାଯିବନି ତ ଆଉ କ'ଣ କୁହାଯିବ ? ଏ ସବୁ ସେହି କାଳିଆ ସାଆନ୍ତାଙ୍କ କୃପା ଓ କରୁଣା। ଏ ଦୃଷ୍ଟିରୁ ତୁମେ ନିଶ୍ଚୟ ଭାଗ୍ୟବତୀ।"

ଆନନ୍ଦ କଥାରେ ଆଖିପତା ନଇଁ ଆସୁଥିଲା ଜେନିର। ଏବେ ବିଶେଷ ମନେ ପଡ଼ନ୍ତି ନାହିଁ ଆନନ୍ଦ। ଜେନିର ମନ ଭିତରେ ଯାହା ପ୍ରତିଫଳିତ ଅଛି, ତାହା ପ୍ରଭୁଙ୍କ ହାସ୍ୟ ଅଧର ଓ ପୁରୀ ସହରରେ ଏଣେତେଣେ ପଡ଼ିଥିବା ଅଳିଆ। ହୃଦୟ ତଳେ ଝଙ୍କୃତ ହେଉଛି 'ଓମ୍'।

କିଛି କ୍ଷଣ ପରେ ଆନନ୍ଦ କହିଲା, "ତୁମେ ଏମିତି ଅସନା କାମକୁ ଆପଣେଇ ନେଇଛ କାହା ନିର୍ଦ୍ଦେଶରେ ?"

"କାହାରି ନିର୍ଦ୍ଦେଶରେ କି କାହାରି ପ୍ରେରଣାରେ ଏ କାର୍ଯ୍ୟକୁ ମୁଁ ଆପଣେଇ ନାଇଁ। ସ୍ୱାମିଜୀଙ୍କ ପରାମର୍ଶ ଥିଲା, କୌଣସି ଗୋଟେ କାମରେ ବୁଡ଼ି ରହିବାକୁ। ଅନ୍ତର ଭିତରୁ ପ୍ରଭୁଙ୍କ ନିର୍ଦ୍ଦେଶ ଆସିଲା ଏଇଆ କରିବାକୁ। ଏଣୁ କଲି।"- କହିଲା ଜେନି।

"ଯେତେ ସଫେଇ କଲେ ବି ସଂପୂର୍ଣ୍ଣ ସାଫ୍ କରିଦେଇ ହେବନାହିଁ ଏ ପୁରୀ ସହରକୁ। କାହିଁ କାହିଁ ଅଞ୍ଚଳରୁ ଭିନ୍ନ ଭିନ୍ନ କିସମର ଲୋକ ଓ ଯାତ୍ରୀଗଣ ନିରନ୍ତର ଆସୁଛନ୍ତି ଏଠିକି। ପ୍ରତିଦିନ ଏଠି ଯେତିକି ଅଳିଆ ସେମାନେ ଛାଡ଼ି ଯାଆନ୍ତି, ତାହାକୁ ତୁମେ ଏକାକୀ ସଂପୂର୍ଣ୍ଣ ପରିଷ୍କାର କରିଦେଇ ପାରିବ ?"- ପ୍ରଶ୍ନ କଲା ଆନନ୍ଦ।

"ଜାଣିଛି, ପାରିବି ନାହିଁ। କିନ୍ତୁ ଏ ଉପଲବ୍ଧି ମୋର ହୋଇଛି ଯେ ବଡ଼ଦାଣ୍ଡ କି ସମୁଦ୍ରକୂଳ ସଫେଇ ଭିତରେ ମୋ ଭିତରଟା ପରିଷ୍କାର ହୋଇ ଯାଉଛି। ଦିନ ସାରା କାମ ମିଳିଯାଉଛି, ଭୁଲିଯାଉଛି ଦେହକୁ, ଦେହର ଦହନକୁ ଓ ରୋଗକୁ।"

ଜଣେ ପ୍ରାଜ୍ଞଭଳି କହିଲା ଜେନି। ଏକଥା ଶୁଣି ବିସ୍ମିତ ହେଲା ଆନନ୍ଦ। ଉଭୟ ଦେହ ମନ ଓ ଆତ୍ମାରେ ଯେ ପରିବର୍ତ୍ତନ ଜେନି ଭିତରେ ଉଦୟ ହୋଇଛି, ତାହା ବୁଝିବାକୁ ବାକିରହିଲା ନାହିଁ ଆନନ୍ଦର।

ଏବେ ଏବେ ରାସପୂର୍ଣ୍ଣିମା ଯାଇଛି। ତଥାପି ଭିଡ଼ ଅଛି ବଡ଼ଦାଣ୍ଡ। ଅନବରତ ଏଠି ସେଠି ପଡୁଛି ଯାବତୀୟ ଅଦରକାରୀ ଜିନିଷ। କାର୍ତ୍ତିକ ମାସରେ ବି ମୁଣ୍ଡ ଉପରେ ଟାଇଁ ଟାଇଁ ମାରୁଛି ମଧ୍ୟାହ୍ନର ଖରା। ଜେନି କହିଲା, "ସର୍ବଦା ଗାଇଡ୍ କାମ ନେଇ ବ୍ୟସ୍ତ ରହୁଥିବ ଆନନ୍ଦ । ତଥାପି କେତେବେଳେ ସମୟ ବାହାର କରି ମଠକୁ ଆସିବ। ଏତେ ଦିନ ବଞ୍ଚିଲିଣି, ଦେଖୁଛି ଆଉ କେତେଦିନ ବଞ୍ଚି ହେଉଛି ଏ ଜୀବନରେ।"

ଜେନି ଜୀବନର ପରିବର୍ତ୍ତନକୁ ଖୁବ ନିକଟରୁ ଦେଖି ଖୁସିହେଲା ଆନନ୍ଦ। ଅଥଚ ତା' ନିଜ ଜୀବନରେ ଯାହା ଘଟିଯାଇଛି, ଯାହା କିଛି ପରିବର୍ତ୍ତନ ହୋଇ ଯାଇଛି, ତାର କିଛି ବି ସୂଚନା ଦେଇ ପାରିଲା ନାହିଁ ସେ ଜେନିକୁ। ଏବେ ସେ ଆଉ ଗାଇଡ୍ ହୋଇ ରହିନାହିଁ । ମା'ଙ୍କର ଦେହାନ୍ତ ହୋଇଯାଇଛି। ଜେନିକୁ ଛାଡ଼ି ଆନନ୍ଦର ମା'ଙ୍କୁ ଯେମିତି ଭିଡ଼ି ନେଇଛି କାଳ ତାର ଅଦୃଶ୍ୟ ଇଲାକାକୁ। ଏବେ ସେ ଅସଲରେ ଜଣେ ସଂସାରୀ ବନି ଯାଇଛି। ଅପର ପକ୍ଷରେ ଜେନି ସଂସାର ପରିତ୍ୟାଗ କରି ସନ୍ନ୍ୟାସିନୀ ହୋଇଛି, ରହୁଛି ମଠରେ।

ଆନନ୍ଦ ଭାବିଲା, ନିଜ ସଂପର୍କରେ କିଛି ନ କହି ଉଚିତ କଥାଟେ ସେ କରିପାରିଛି। କହିଥିଲେ କାହାର କିଛି ଫାଇଦା ହୋଇ ନଥାନ୍ତା। ଏମିତିରେ ଜେନି ଜଣେ ବିଦେଶିନୀ ଏବଂ ସେ ତାଙ୍କର ଗାଇଡ୍ ମାତ୍ର, ଅନ୍ୟ କିଛି ନୁହେଁ। ଜେନି ବରଂ ଏମିତି ଜୀଇଁଥାଉ।

ସେଦିନ ପରସ୍ପର ପରସ୍ପରଠାରୁ ମେଲାଣି ନେଲେ, ଆନନ୍ଦ ଓ ଜେନି। ଅଳିଆ ଗୋଟେଇବା କାର୍ଯ୍ୟରେ ମନ ଦେଲା ଜେନି ଓ ଆନନ୍ଦ ଫେରି ଆସିଲା ଘରକୁ, ପ୍ରଶାନ୍ତି ଏକୁଟିଆ ତାକୁ ପ୍ରତୀକ୍ଷା କରୁଥିବ !

**॥ ଅବଧୂତ ॥**

ପୁରୀ ସହରରେ ଜେନିର ପରିଚୟ ଏଥିପାଇଁ କ୍ରମଶଃ ବ୍ୟାପ୍ତ ହେବାକୁ ଲାଗିଲା। ଖବରକାଗଜବାଲାଏ ପ୍ରଶାସନକୁ ବ୍ୟଙ୍ଗ କରି ନିଜ କାଗଜରେ ଛପେଇ ଦେଲେ ଏ ସଂବାଦଟିକୁ। ଖବର ପହଞ୍ଚିଲା ଯାଇ ନଗରପାଳଙ୍କ ପାଖରେ। ଦିନେ ନଗରର ନଗରପାଳ କୌଣସି ଜଣେ କର୍ମଚାରୀଙ୍କ ଦ୍ୱାରା ଡକେଇ ପଠାଇଲେ ଜେନିଙ୍କୁ ତାଙ୍କ ନିଜ ଦପ୍ତରକୁ।

ଏଥିରେ ଟିକେ ଅଶ୍ୱସ୍ତି ଅନୁଭବ କଲା ଜେନି। ଯିବ କି ଯିବନାହିଁ, ଏଇ ଦ୍ୱନ୍ଦ୍ୱ ଭିତରେ, ଗୋଟିଏ ଦିନ ଅତିକ୍ରମ କରିଗଲା। ଡାକରାଟି ଭଲ କିମ୍ବା ମନ୍ଦ, ଏମିତି କିଛି ସଂଶୟାବିଷ୍ଟ ଥାଇ ସେ ତା' ପରଦିନ ନଗରପାଳଙ୍କ ଦପ୍ତର ଠିକଣା ପଚାରି ପଚାରି ଯାଇ ପହଞ୍ଚିଲା ଅଫିସ୍‌ରେ ଏବଂ ପ୍ରତୀକ୍ଷା କଲା ନଗରପାଳଙ୍କ ଅଫିସ୍ ସଂଲଗ୍ନ ପ୍ରତୀକ୍ଷା କକ୍ଷରେ।

ଅଫିସ୍ କର୍ମଚାରୀ କେତେଜଣ ମଝିରେ ମଝିରେ ଉଙ୍କିମାରି ଦେଖିଯାଉଥିଲେ ଜେନିକୁ। ସମସ୍ତଙ୍କ ମନରେ ଗୋଟିଏ ପ୍ରକାର ପ୍ରଶ୍ନ ଲାଗି ରହିଥିଲା। କିଏ ଏହି ବିଦେଶିନୀ, ଯିଏ ପୁରୀ ସହରର ରାସ୍ତାଘାଟ, ବଡ଼ଦାଣ୍ଡ, ସମୁଦ୍ରକୂଳ, ନୋଳିଆବସ୍ତି ଗୁଡ଼ିକରେ ବୁଲି ବୁଲି ଅଳିଆ ସଫା କରୁଛି, ପୁଣି ବିନା କୌଣସି ପାରିଶ୍ରମିକରେ କିମ୍ବା ଦରମାରେ ?

ଅଫିସ୍‌ରେ ଦେଖୁଥିବା ଲୋକମାନଙ୍କ ଭିତରେ ଆଦୌ କୌଣସି ସହାନୁଭୂତି ନଥିଲା। ଏଥିପାଇଁ ସେମାନେ ଅସୂୟା ଆକ୍ରାନ୍ତ ହୋଇ ପଡ଼ିଥିଲେ ଜେନି ପ୍ରତି। ଏଥିପୂର୍ବରୁ ଖବର କାଗଜବାଲାଏ ଏମାନଙ୍କ ମୁଣ୍ଡ ଉପରେ ଅଳିଆ ଅଜାଡ଼ି ଦେଇଯାଇଛନ୍ତି ଯେମିତି !

କିଛି ସମୟ ପରେ ଜେନିକୁ ଡାକରା ଆସିଲା ନଗରପାଳଙ୍କ ସହିତ ସାକ୍ଷାତ ପାଇଁ। ଦୁଆର ମୁହଁରୁ ନମସ୍କାର ଜଣେଇ ଭିତରକୁ ପଶିଲା ଜେନି ଏବଂ ନଗରପାଳଙ୍କ ନିର୍ଦ୍ଦେଶକ୍ରମେ ବସିଲା ଗୋଟେ ଚୌକିରେ। ପାର୍ଶ୍ୱବର୍ତ୍ତୀ ଅନ୍ୟ ତିନିଗୋଟି ଚୌକି ଦଖଲ କରିଥିଲେ ଦୁଇଜଣ ପୁରୁଷ ଓ ଜଣେ ମହିଳା।

ଜେନି ସିଧା କରି ଚାହିଁଲା ନଗରପାଳଙ୍କୁ। ଅନ୍ୟମାନଙ୍କର ଉପସ୍ଥିତି ଜନିତ ଅଭିଯୋଗଟିଏ ପୂରି ରହିଥିଲା ସେ ଚାହାଣୀରେ। ବୁଝିପାରିଲେ ନଗରପାଳ ଏବଂ କହିଲେ, "ଏମାନେ କୌଣସି ବାହାର ଲୋକ ନୁହଁନ୍ତି ମାଡାମ୍! ପୁରୀ ନଗରପାଳିକାର ଏମାନେ ଜଣେ ଜଣେ ସଦସ୍ୟ।"

ଏବେ ଖୁବ ସହଜ ଅନୁଭବ କଲା ଜେନି। ଜାଣିଲା, ନଗରପାଳ ମିଷ୍ଟଭାଷୀ, ତାଙ୍କ କଥାରୁ। ଲୋକଟା ପାଖାପାଖି ଷାଠିଏବର୍ଷର। ଗୋରା ରଂଗ ଓ ମଧ୍ୟମ ଧରଣର ସ୍ୱାସ୍ଥ୍ୟ। ଧଳାରଂଗର ଚୁଡ଼ିଦାର ପଞ୍ଜାବୀ ପରିହିତ। ହସ ହସ ମୁଖ। ମନେ ହେଉଥିଲା ଲୋକଟି ବେଶ୍ ମେଳାପୀ।

"ମୁଁ ଆପଣଙ୍କ ସଂପର୍କରେ ସବୁ ଶୁଣିଛି ମାଡାମ୍। ଆପଣ ଜଣେ ବିଦେଶିନୀ, ଆପଣଙ୍କ ରଂଗ ଏବଂ ଚେହେରା ତାହାହିଁ କହୁଛି । କ'ଣ ଆପଣଙ୍କର ନାଁ ?"- ପଚାରିଲେ ନଗରପାଳ।

"ମୁଁ ତ ଇଂଲଣ୍ଡର। ଶୁଣିଚି, ମୋର ତିନି ପିଢ଼ି ତଳର ଆଇମା' ଥିଲେ ଏଇ ପୁରୀ ସହରର"। ଟିକେ ରହି, "ଜେନି ମୋର ନାଁ", - କହିଲା ସେ।

"ଆପଣ କେତେ ମହାନ ଓ ଉଦାର ସତରେ । ଆମ ସହରର ଅଳିଆ ଉଠେଇବା କାର୍ଯ୍ୟରେ ଆପଣ ନିଜକୁ ନିୟୋଜିତ କରିଛନ୍ତି। ଆପଣଙ୍କୁ କେହି କହିନାହିଁ ଏଥିପାଇଁ। ଆପଣ କେଉଁ ଉଦ୍ଦେଶ୍ୟରେ କିମ୍ବା କ'ଣ ପାଇଁ ଏ ହୀନକର୍ମଟିକୁ ଆପଣେଇ ନେଇଛନ୍ତି ?"

"ଆପଣଙ୍କୁ ଯାହା ହୀନ ଓ ଗୌଣ ମନେ ହେଉଛି, ସେଇଟା ମୋ ପାଇଁ ଏକ ମହତକାର୍ଯ୍ୟ ବୋଲି ମୁଁ ବିବେଚନା କରେଁ। କର୍ମହୀନ ହୋଇ ମଠରେ ବସି ରହିବା ଅପେକ୍ଷା କିଛି କର୍ମ କରିବା ହିଁ ତ ଶ୍ରେୟସ୍କର।" - କହିଲା ଜେନି।

"ମଠ ?" - ଜିଜ୍ଞାସୁ ହୋଇ ପଚାରିଲେ ନଗରପାଳ।

ମଠରେ ରହଣି ଓ ତା'ର କାରଣ ସଂପର୍କରେ କିଛି ଗୋଟେ ସଫେଇ ଦେବାକୁ ବାଧ୍ୟ ହେଲା ଜେନି। "ଇଂଲଣ୍ଡରେ ଏକ ଦୁରାରୋଗ୍ୟରେ ପୀଡ଼ିତ ହୋଇ ଜଗନ୍ନାଥଙ୍କ ଦର୍ଶନ ଓ ଶରଣାଗତ ପାଇଁ ମୋ ଆଇଙ୍କର ଜନ୍ମସ୍ଥାନ ଏଇ ପବିତ୍ର ପୀଠକୁ ଚାଲି ଆସିଥିଲି । ବେଶିଦିନ ହୋଟେଲ୍‌ରେ ରହିବା ସଂଭବ ନ ଥିଲା ମୋ ପକ୍ଷେ । ଏଣୁ ଆସିଲି ଇସକନ୍ ମଠକୁ । ଆଉ ମୋର ଇଂଲଣ୍ଡ ଫେରିଯିବାର ନାହିଁ। ମୃତ୍ୟୁ ପର୍ଯ୍ୟନ୍ତ ହିଁ ଏଇଠି ରହିବି, ଏଇ ପୁରୀରେ। ବଳକା ସମୟତକ ମଇଳା ସଫା ପରି ଏକ ମହତ୍ କାର୍ଯ୍ୟରେ ନିଜକୁ ଜଡ଼ିତ କରେଇ, ଭିନ୍ନ ଭିନ୍ନ ଦିଗରୁ ମୋତେ ଲାଭ ମିଳୁଛି। ପ୍ରଥମତଃ ନିଜ ଅନ୍ତରର ମଇଳା ଓ ଅହମିକା ନଷ୍ଟ ହେଉଛି। ତା'ଛଡ଼ା ପରିଷ୍କାର ଦିଶୁଚି ପରିବେଶ, ପ୍ରଭୁଙ୍କ ବଡ଼ଦାଣ୍ଡ। ଏ ଦେଶରେ ବି ତ ଗାନ୍ଧୀଜୀ ତାଙ୍କ ଦୈନନ୍ଦିନ ଜୀବନଧାରାରେ ସଫେଇକୁ ଦିନଚର୍ଯ୍ୟାର ପ୍ରାଥମିକତା ଦେଇଥିଲେ। ମଠର ମହନ୍ତ ମୋ ଆଖି ଖୋଲି ଦେଇଛନ୍ତି। ନିଜର ଦୁଃଖ, ରୋଗ ଓ ଯନ୍ତ୍ରଣାକୁ ଭୁଲିବା ପାଇଁ ଓ ସେଥିରୁ ମୁକ୍ତି ନିମନ୍ତେ, କୌଣସି ଉଚିତ ମହତ୍ତର କାର୍ଯ୍ୟରେ ବୁଡିଯିବାକୁ ମୋତେ ପରାମର୍ଶ ଦେଇଥିଲେ । ତାଙ୍କ ପରାମର୍ଶ ଅନୁସାରେ ନିଜସ୍ୱ ଆଗ୍ରହରେ ମୁଁ ଦୈନନ୍ଦିନ ଏମିତି କାର୍ଯ୍ୟଟିଏ କରୁଛି। ଭୁଲି ଯାଉଛି ଦେହ ମନର ବିକୃତି ଓ ବିକାରକୁ । ଆତ୍ମତୃପ୍ତି ମିଳୁଛି ବି ଏ କର୍ମରୁ।"- ବଡ଼ ଆବେଗପୂର୍ଣ୍ଣ ଢଙ୍ଗରେ କହିଲା ଜେନି।

ଜେନିର କଥାରେ ନଗରପାଳିକାର ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ସ୍ତବ୍ଧ ହୋଇ ଯାଇଥିଲେ। ସମବେଦନାରେ ସଭିଙ୍କର ହୃଦୟ ଉଚ୍ଛୁଳି ପଡୁଥିଲା। ଜଣେ ବିଦେଶିନୀ ଆଜି ତାଙ୍କର ଆଖି ଖୋଲି ଦେଇଛନ୍ତି। ଯେଉଁ କଥାକୁ ସେମାନେ ଏତେ ଗଭୀରତାରୁ ଅନୁଧ୍ୟାନ କରି ନାହାଁନ୍ତି କି ସେମାନଙ୍କ ଉପଲବ୍ଧିକୁ ଏ କଥା ଆସିନାହିଁ, ତାହା ଆଜି ଜଣେ ବିଦେଶିନୀ କରି ଦେଖେଇ ଦେଇଛି।

"ନଗର ତରଫରୁ ଆପଣଙ୍କୁ ଯଦି କୌଣସି ସମ୍ମାନଜନକ ପଦ ପଦବିରେ ନିଯୁକ୍ତି ଦିଆଯାଏ, ଆପଣ ତାହା ଗ୍ରହଣ କରି ଆମକୁ ଅନୁଗୃହୀତ କରିବେ ?"- ସଂକୋଚ ଜଡ଼ିତ କଣ୍ଠରେ ପ୍ରସ୍ତାବଟିକୁ ଜେନି ଆଗରେ ରଖିଲେ ନଗରପାଳ। ଉପସ୍ଥିତ ଅନ୍ୟ ତିନିଜଣଙ୍କ ଆଖିରେ ମଧ୍ୟ ସମ୍ମତିର ସୂଚନା ଝରି ପଡୁଥିଲା।

କିଛି ସମୟ ନିରବ ରହି ବିଦେଶିନୀ ଜେନି କହିଲା, "ମୋ ଜାଣିବାରେ ପୃଥିବୀରେ ଆଜି ପର୍ଯ୍ୟନ୍ତ କୌଣସି ମହତ୍ତର କାର୍ଯ୍ୟ ଅର୍ଥ ବିନିମୟରେ ହୋଇନାହିଁ। ତା'ଛଡା ଆପଣଙ୍କ ପ୍ରସ୍ତାବରେ ମୁଁ ଆଦୌ ରାଜି ନୁହେଁ । ହେବାର ମଧ୍ୟ କୌଣସି ସମ୍ଭାବନା ନାହିଁ। କାରଣ ମୋର ଅର୍ଥର କୌଣସି ଅଭାବ ନାହିଁ। ଲଣ୍ଡନରେ ଥିବା ମୋର ପିତୃ ପ୍ରଦତ୍ତ ଗୃହ ବିକ୍ରି କରି ଯଥେଷ୍ଟ ଅର୍ଥ ମୋ ନାମରେ ବ୍ୟାଙ୍କ୍‌ରେ ଗଚ୍ଛିତ ରହିଛି, ଯାହାକୁ ଖର୍ଚ୍ଚ କରିବାର କୌଣସି ରାସ୍ତା ମୋ ପାଖରେ ନାହିଁ। ତା'ଛଡ଼ା ମୁଁ ଏକପ୍ରକାର ସନ୍ନ୍ୟାସିନୀ ହୋଇ ମଠରେ ଅବସ୍ଥାନ କରୁଛି। ଖାଇବା, ଚଳିବା ଏବଂ ରହଣି ସବୁଯାକ ମଠରେ, ପୁଣି ବିନା କୌଣସି ଅର୍ଥ ବିନିମୟରେ। ସଂଚିତ ଅର୍ଥତକ ମଠକୁ ଦାନ କରିଦେଇ ଭାବଛି ନିଃସ୍ୱ ହୋଇ ବଞ୍ଚି ରହିବାକୁ। ନିଃସ୍ୱ ହୋଇଗଲେ ବିବେକ ବିତ୍ତଶାଳୀ ହୁଏ । ହୁଏନାହିଁ ?"- କହିଲା ଜେନି। କଥାରେ ତାର ସଂଭ୍ରମ ମିଶା ଦୃଢ଼ତା ପୂରି ରହିଥିଲା। ଶେଷରେ କହିଲା, "ଆପଣଙ୍କ ପ୍ରସ୍ତାବ ପାଇଁ ଧନ୍ୟବାଦ।" (କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

# ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ

**ଦଶରଥ ହେମ୍ବ୍ରମ୍**



ପଣ୍ଡିତ ରଘୁନାଥ ମୁର୍ମୁ କେବଳ ଯେ ସାନ୍ତାଳୀ ଭାଷା ଓ ସାହିତ୍ୟ ଆନ୍ଦୋଳନରେ ମୁଖ୍ୟ ପୁରୋଧା ଥିଲେ ତାହା ନୁହଁ, ସେ ଅଲଚିକି ଲିପିର ସୃଷ୍ଟିକର୍ତ୍ତା, ସାନ୍ତାଳ ସମାଜ ଗଠନର ମୁଖ୍ୟ ନାୟକ, ସାର୍‌ନା ଧର୍ମ ପ୍ରତିଷ୍ଠାର ଜଣେ ମହାନାୟକ, ଅଲଚିକି ଲିପି ପ୍ରେସ୍ ପ୍ରତିଷ୍ଠାରେ ପ୍ରଥମ ସଫଳ ପୁରୁଷ, ଶିକ୍ଷା ସାଂଗଠନିକ ପ୍ରତିଷ୍ଠା କରିବାରେ ଅଗ୍ରଣୀ ମହାପୁରୁଷ, ଯାହାଙ୍କ ଅବଦାନ ସାନ୍ତାଳ ସମାଜ ପାଇଁ ଅବିସ୍ମରିଣୀୟ ଓ ଚିରସ୍ମରିଣୀୟ। ସେ ଜଣେ ଶିକ୍ଷାବିତ୍, ମହାକବି, ଲେଖକ, ନାଟ୍ୟକାର, ବୈଜ୍ଞାନିକ, ଦାର୍ଶନିକ, ସମାଜ ସଂସ୍କାରକ ଏବଂ ବିଦ୍ୱାନ ଥିଲେ। ୧୯୨୫ରେ ଅଲଚିକି ଲିପି ସୃଷ୍ଟି କରି ସାନ୍ତାଳୀ ସାହିତ୍ୟରେ ମହାବିପ୍ଳବ ଆଣିଦେଇଥିଲେ, ଯାହା ସାନ୍ତାଳୀ ଭାଷା ଓ ସାହିତ୍ୟ ପାଇଁ ଏକ ସ୍ୱତନ୍ତ୍ର ଲିଖିତ ରୂପରେଖ ପ୍ରଦାନ କରିବାରେ ପଣ୍ଡିତ ରଘୁନାଥ ମୁର୍ମୁ ହେଉଛନ୍ତି ପ୍ରଥମ ସାନ୍ତାଳ ବାଗ୍ମୀ ମହାପୁରୁଷ। ତାଙ୍କର ଏହି ଅବଦାନ ପାଇଁ 'ଗୁରୁ ଗୋମକେ' ଉପାଧିରେ ମୟୂରଭଞ୍ଜ ରାଜ୍ୟ ଆଦିବାସୀ ମହାସଭା ଦ୍ୱାରା ଭୂଷିତ ହୋଇଛନ୍ତି। ତାଙ୍କୁ 'ଫାର୍ସି ସିଞ୍ଜ ଚାନ୍ଦ', 'ଧରମ ଗୁରୁ' ଏବଂ 'ଅଲଗୁରୁ' ଆଦି ନାମରେ ମଧ୍ୟ ଜଣାଶୁଣା।

୧୯୦୫ ମସିହା ବୈଶାଖୀ ପୂର୍ଣ୍ଣିମା ତିଥିରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସହର ନିକଟବର୍ତ୍ତୀ ଡାଣ୍ଡବୋଶ, ଡାହାରଡିହି ଗ୍ରାମରେ ହୋଇଥିଲା। ପିତା ନନ୍ଦଲାଲ ମୁର୍ମୁ ଏବଂ ମାତା ସଲମା ମୁର୍ମୁଙ୍କ ସୁପୁତ୍ର। ତାଙ୍କ ପିତୃପୁରୁଷ ମୟୂରଭଞ୍ଜର ରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ମୁନସି ଥିଲେ। ସାନ୍ତାଳ ସାମାଜିକ ଅନୁସାରେ, ଜନ୍ମିତ ନବଜାତ ଶିଶୁର ନାମ ତାଙ୍କ ଜେଜେଙ୍କ ନାମରୁ ଅନୁକୂଳ ହୋଇଥାଏ। ପରେ ଅନ୍ୟମାନଙ୍କ ନାମରେ ନାମିତ କରିବାର ସାମାଜିକ ପ୍ରଥା କେଉଁ ଆବାହମାନ କାଳରୁ ଚାଲିଆସିଛି। ତେଣୁ ଜେଜେଙ୍କ ନାମ ଅନୁସାରେ ତାଙ୍କୁ 'ଚୁନୁ' ନାମରେ ସମ୍ବର୍ଦ୍ଧିତ କରାଗଲା। କିଛି ମାସ ପରେ ଚୁନୁ ପରିବର୍ତ୍ତେ ରଘୁନାଥ ମୁର୍ମୁ ନାମରେ ନାମିତ କରାଯାଇଥିଲା।

ସାତ ବର୍ଷ ବୟସରୁ ସେ ଗମ୍ଭାରିଆ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବା ଆରମ୍ଭ କରିଲେ। ସେହି ସମୟରେ ତାଙ୍କର ଶିକ୍ଷକ ଥିଲେ ଜଣେ ଅଣସାନ୍ତାଳ। ସେହି ଶିକ୍ଷକ ଜଣକ କହୁଥିବା ଭାଷା ବୁଝିବାକୁ ରଘୁନାଥ ମୁର୍ମୁଙ୍କୁ କଷ୍ଟ ହେଉଥିଲା। ପରେ ମନେମନେ ସେ ଭାବିବାକୁ ଲାଗିଲେ ଯେ, "ଆମେ ତ ଆଦିବାସୀ (ଖେରୱାଳ) ଲୋକ, ସାନ୍ତାଳୀ ହେଉଛି ଆମର ମାତୃଭାଷା। ଆମକୁ ସାନ୍ତାଳୀରେ କାହିଁକି ଶିକ୍ଷା ଦିଆଯାଉ ନାହିଁ ?" ଏହାର କୌଣସି ସମାଧାନ ରାସ୍ତା ନପାଇ ଏକଥା ଥରେ ସେ ତାଙ୍କ ପିତାଙ୍କୁ ପ୍ରଶ୍ନ କରିଥିଲେ। ପ୍ରଶ୍ନର ଉତ୍ତର ରଖି ତାଙ୍କ ପିତା କହିଲେ ଯେ, "ଆମ ସାନ୍ତାଳୀର କୌଣସି ଲିଖିତ ଲିପି ନାହିଁ, ଏହା ଏକ ମୌଖିକ ଭାଷା, ତେଣୁ କୌଣସି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସାନ୍ତାଳୀରେ ପାଠପଢ଼ା ହୁଏନାହିଁ। ତୁ ବଡ଼ ହେଲେ ନିଶ୍ଚୟ ଦିନେ ନା ଦିନେ ସାନ୍ତାଳୀ ଲିଖିତ ଲିପି ଆବିଷ୍କାର କରିବୁ କହି ଆଶୀର୍ବାଦ ପ୍ରଦାନ କରିଥିଲେ। ମନ ଦେଇ ରଘୁନାଥ ମୁର୍ମୁ ପାଠ ପଢ଼ିଲେ। ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷା ଶିଖିଲେ ଏବଂ ଲେଖିଲେ। ଜଣେ ମେଧାବୀ ଛାତ୍ର ଭାବେ ବିଦ୍ୟାଳୟରେ ପରିଗଣିତ ହେଲେ। ବହଳଦା ୟୁପିଏମଇ ବିଦ୍ୟାଳୟରୁ ସପ୍ତମ ପାସ କରିଲେ, ପରେ ତାଙ୍କୁ ବାରିପଦାରେ ଥିବା ମହାରାଜା ପୂର୍ଣ୍ଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ିଲେ। ସେତେବେଳେ ମୟୂରଭଞ୍ଜ ରାଜ୍ୟର ରାଜଧାନୀ ଥିଲା ବାରିପଦା। ଏଠାରେ ମଧ୍ୟ ନିଜସ୍ୱ ଭାଷା ଏବଂ ଲିପି ନଥିବା ହେତୁ ସେ ଚିନ୍ତାରେ ପଡ଼ିଥିଲେ। ସାନ୍ତାଳୀ ଭାଷାକୁ ଲେଖିବା ପାଇଁ ଲିପିର ନିହାତି ଆବଶ୍ୟକତା ମନେକରି ସେ ସ୍କୁଲ ଛୁଟି ହେବାମାତ୍ରେ ଜନ୍ମସ୍ଥାନରେ ଥିବା ଏକ କାପୀବୁରୁ ଯାଉଥିଲେ। ସେଠାରେ ଏକାକୀ ରହି ସମୟ ବିତାଉଥିଲେ। କିନ୍ତୁ ସେହି ବିଚ୍ଛିନ୍ନ କାପୀବୁରୁ ଜଙ୍ଗଲକୁ କେହି ଯାଉନଥିଏଲ, ତେଣୁ ନୀରବରେ ବସି ତପସ୍ୟା କରୁଥିଲେ ଏବଂ ନେଇଥିବା ନୋଟବୁକରେ ଲିପିର ଆକୃତି ଲେଖୁଥିଲେ। ପୃଥିବୀରେ ବିଭିନ୍ନ ଆକୃତି ଆଙ୍କୁଥିଲେ ଏବଂ ବର୍ଣ୍ଣମାଳା ଲେଖିଥିଲେ। ଏହିପରି କଠିନ ତପସ୍ୟା ବଳରେ ୧୯୨୫ରେ କାପୀବୁରୁରୁ ଅଲଚିକି ଲିପି ସୃଷ୍ଟି କରିବାରେ ସେ ସଫଳତା ପାଇଥିଲେ।

ରଘୁନାଥ ମୁର୍ମୁ ୧୯୨୮ରେ ପାଟନା ବିଶ୍ୱବିଦ୍ୟାଳୟରୁ ଦଶମ ପରୀକ୍ଷା ପାସ୍ କରିଲେ। ସେହି ବର୍ଷ ହିଁ ସେ ଜାମଜୋର ଗ୍ରାମରେ ନୋହା ବାସ୍କେଙ୍କୁ ବିବାହ କରିଥିଲେ। ବାରିପଦା ପାୱାର ହାଉସରେ ସେ ଚାକିରି ଆରମ୍ଭ କରିଲେ, ଏହାର କିଛି ବର୍ଷ ପରେ ବାରିପଦାରେ ନିଜର ଘର ନିର୍ମାଣ କରି ରହିଲେ। କିନ୍ତୁ ଅଲଚିକି ଲିପି ବ୍ୟବହାର କରି ସାନ୍ତାଳୀ ସାହିତ୍ୟ ସୃଷ୍ଟି କରିବାରେ ପ୍ରଚେଷ୍ଟା ଜାରି ରଖିଥିଲେ। ଏହି ସମୟରେ ତତ୍କାଳୀନ ମୟୂରଭଞ୍ଜରେ ଦେୱାନ ପି.କେ. ସିଂହ ତାଙ୍କୁ ଶିଳ୍ପ ତାଲିମ ପାଇଁ କଲିକତାକୁ ପଠାଇଥିଲେ। ପଶ୍ଚିମବଙ୍ଗର ତିନୋଟି ଭିନ୍ନ ସ୍ଥାନରେ ଥିବା ହୁଗୁଳି ଜିଲ୍ଲାର ସେରାମପୁର, ବୀରଭୂମର ଶାନ୍ତିନିକେତନ ଏବଂ ଦକ୍ଷିଣ ୨୪ ପ୍ରଗଣାର ଗୋସାବା ତାଲିମ କେନ୍ଦ୍ରରୁ ତାଲିମ ନେଲେ। ତା'ପରେ ତାଙ୍କୁ ବାରିପଦାର ମହାରାଜା ପୂର୍ଣ୍ଣ ଚନ୍ଦ୍ର ଭଞ୍ଜଦେଓ ବୈଷୟିକ ଶିକ୍ଷା ପ୍ରତିଷ୍ଠାନରେ ଶିକ୍ଷକ ଭାବରେ ନିଯୁକ୍ତ ଦିଆଗଲା। କିଛି ବର୍ଷ ପରେ ଅର୍ଥାତ ୧୯୩୩ରେ ବାଡ଼ାମତାଲିଆ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା।

ରଘୁନାଥ ମୁର୍ମୁ ଶିକ୍ଷକତା କରୁଥିବା ସମୟରେ 'ହୋର୍ ସେରେଞ୍ଜ୍', 'ଅଲ୍ ଚେମେଦ୍', 'ପାର୍ସୀ ପୋହା', 'ଦାଳେ ଗେ ଧନ୍', 'ସିଦୁ କାହ୍ନୁ ହୁଲ୍', 'ବିଦୁ ଚାନ୍ଦାନ୍', 'ଖେରୱାଲ୍ ବିର', 'ହିଡାଲ୍', 'ବାଖେଣ୍ ବିନ୍ତି', 'ଲାକ୍‌ଚାର୍ ସେରେଞ୍ଜ୍', 'ଏଲଖା', 'ରନଲ୍' ପ୍ରଭୃତି ପୁସ୍ତକ ଲେଖି ଅଲଚିକି ଲିପିରେ ପ୍ରକାଶ କରିଥିଲେ। ଏସବୁ ପୁସ୍ତକ ମଧ୍ୟରୁ ତାଙ୍କର ପ୍ରଥମ ପୁସ୍ତକ ୧୯୩୬ରେ 'ହୋର୍ ସେରେଞ୍ଜ୍', ପ୍ରଥମ ନାଟକ ୧୯୪୨ରେ 'ବିଦୁ ଚାନ୍ଦାନ୍' ଏବଂ ଶେଷ ପୁସ୍ତକ 'ରାଃ ଆନ୍ଦୋଲ୍'। 'ବିଦୁ ଚାନ୍ଦାନ୍' ପ୍ରକାଶ କରିବା ପରେ ବାରିପଦାରେ ଏକ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା ଯେଉଁଠାରେ ମୟୂରଭଞ୍ଜ ରାଜାଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# କରୁଣା ଓ କଲ୍ୟାଣ ଗଙ୍ଗାର ନାଉରୀ : ଲୋକନାଥ ଚୌଧୁରୀ



**ଅକ୍ଷୟ କୁମାର ରାଉତ**

ସମୟର ବିଚିତ୍ର ଖେଳ। ବିଚିତ୍ର ଏ ବିଶ୍ୱ। ସୃଷ୍ଟି ବିଚିତ୍ର, ସ୍ରଷ୍ଟା ବିଚିତ୍ର, ବିଚିତ୍ର ଏ ସୁନ୍ଦର ପୃଥିବି । ବିଶ୍ୱ ନିଅନ୍ତାଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କିଟ ପତଙ୍ଗ କାଳର କରାଳ ଗତିରେ ବିଲୀନ । ପ୍ରକୃତିର ଅପୂର୍ବ ସୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହ ମଣ୍ଡଳ। ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣୀ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଇଶ୍ୱରଙ୍କ ପ୍ରଥମ ସୋପାନର ଆମ ମନୁଷ୍ୟ ସମାଜ। ମନୁଷ୍ୟର ଆକୃତି ଓ ପ୍ରକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ । ମାପକାଠି ମଧ୍ୟରେ ଅନିତ୍ୟ, ଅସାର କ୍ଷଣଭଙ୍ଗୁର ମାୟା ମୋହ ସଂସାରରେ କିଏ ଛାଡି ଯାଏ ପାଦ ଚିହ୍ନ, କାହାର ପାଦ ଚିହ୍ନ ଶୀଳାରେ ତ' କାହାର ପାଦ ଚିହ୍ନ ବାଲୁକା ଓ ପାଣିରେ । ଯିଏ ସମାଜ, ରାଷ୍ଟ୍ର, ଦେଶ, ଜଗତ ପାଇଁ କାମକରେ ତା'ର ପାଦ ଚିହ୍ନ ରହିଯାଏ ଶୀଳାରେ, ସେ ଅମର ହୋଇଯାଏ ସମାଜ ପାଇଁ ।

ଯେତେବେଳେ ଦେଶ ପରାଧୀନତା ଶୃଙ୍ଖଳରେ ଆବଦ୍ଧ । ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ, ସମାଜ ସେବି, ପ୍ରାବନ୍ଧିକ, ବାମପନ୍ଥୀ ରାଜନେତା ୧୯୨୫ ମସିହା ମେ ମାସ ୧୯ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ତାଳଦଣ୍ଡା ଗ୍ରାମରେ ପିତା କୈଳାସ (କେଳୁ) ଚନ୍ଦ୍ର ଚୌଧୁରୀ, ମାତା ଚଂଚଳା ଦେବୀଙ୍କ କୋଳ ମଣ୍ଡନ କରି ଜନ୍ମ ଗ୍ରହଣ କରିଥିଲେ ଶ୍ରୀଯୁକ୍ତ ଲୋକନାଥ ଚୌଧୁରୀ। ପିଲାବେଳୁ ସେ ସାହାସୀ ଓ ଧର୍ଯ୍ୟର ପ୍ରତିକ ଥିଲେ। ସେ କେବେ ଭାଙ୍ଗିପଡି ନଥିଲେ ଦୁଃଖ ଓ ଯାତନାରେ । ତାଙ୍କ ବୋଉ ପୁରୀ ଲୋକନାଥଙ୍କ ପାଖରେ ସଂକଳ୍ପ କରିଥିବାରୁ ତାଙ୍କ ନାମ ଲୋକନାଥ ରଖା ଗଲା । ତାଙ୍କ ଜନ୍ମପରେ ତିନୋଟି ଭାଇ, ଗୋପିନାଥ, ଶ୍ରୀନାଥ, ସୋମନାଥ ଏବଂ ଦୁଇ ଭଉଣୀ ଶାବିତ୍ରୀ ଓ ଭାନୁମତୀ ଜନ୍ମ ଗ୍ରହଣ କରିଥିଲେ। ୫ ବର୍ଷ ବୟସରେ ଏଲ୍.ପି. ସ୍କୁଲ ତାଳଦଣ୍ଡାରେ ତାଙ୍କ ନାମ ଲେଖା ହେଲା । କିନ୍ତୁ ସେ ଘରେ ରହି ପାଠ ପଢୁଥିଲେ। ତା' ପରେ ସେ କୁଜଙ୍ଗ ବିଦ୍ୟାଳୟରେ ୪ ର୍ଥ ଶ୍ରେଣୀ ରେ ପାଠ ପଢିଲେ । ସେ ଭଲ ପାଠ ନ ପଢିବାରୁ ତାଙ୍କ ପିତା କାଦୁଆପଡା ଗାଦିବ୍ରହ୍ମ ବିଦ୍ୟାଳରେ ୫ମ ଶ୍ରେଣୀରେ ନମ ଲେଖାଇଲେ। ଲୋକନାଥ ବାବୁ ତାଙ୍କ ପିଉସା ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଜଗବନ୍ଧୁ ସାମନ୍ତରାୟଙ୍କ ଘରେ ରହି ପାଠ ପଢିଲେ । ୧୯୩୯ ମସିହାରେ ସେ ରେଭେନ୍‌ସା କଲଜିଏଟ ସ୍କୁଲ୍ କେନ୍ଦ୍ରରେ ପରିକ୍ଷା ଦେଇ ମାଇନର ପାସ୍ କଲେ । କୁଜଙ୍ଗ ସ୍କୁଲର ୮ମ ଶ୍ରେଣୀ ରେ ନାମ ଲେଖାଇ ପାଠ ପଢିଲେ ।

ମାଟ୍ରିକ୍ ସେକେଣ୍ଡ ଡିଭିଜନରେ ପାସ କରି ରେଭେନ୍ସା କଲେଜରେ ପ୍ରଥମ ବର୍ଷ କଳାରେ ନାମ ଲେଖାଇଲେ। ୧୯୪୬ ମସିହାରେ ଆ.ଏ. ପରିକ୍ଷାରେ ଫେଲ୍ ହୋଇ ରେଭେନ୍ସାରୁ ସାର୍ଟିଫିକେଟ୍ ନେଇ ଖ୍ରୀଷ୍ଟ କଲେଜରେ ପାଠ ପଢିଲେ। ତା'ପରେ ଆ.ଏ. ପାସ କରି ରେଭେନ୍ସା କଲେଜରେ ବି.ଏ. ଇତିହାସ ଅନର୍ସ ପାଠ ପଢିଲେ । ଏଠାରେ ପାଠ ପଢିବା ସମୟରେ ସେ ମହାପାତ୍ର ନିଳମଣି ସାହୁ , ଜାନକୀବଲ୍ଲଭ ପଟ୍ଟନାୟକ, ଉମା ଚରଣ ମହାପାତ୍ର , ରାଧା ମୋହନ ଗଡନାୟକଙ୍କ ସହିତ ମିଶି ସାହିତ୍ୟ ଆଲୋଚନା କରୁଥିଲେ । ସେହି ସମୟରେ ତାଙ୍କର ଲିଖିତ "କାଳି ଦାସ" ପ୍ରକାଶିତ ହୋଇଥିଲା । ପାର୍ଟି କନ୍‌ଭେନସନ କାର୍ଯ୍ୟରେ ବ୍ୟସ୍ତ ରହି ବି.ଏ. ସପ୍ଲିମେଂଟାରୀ ପରିକ୍ଷା ବିନା ଅନର୍ସରେ ଦେବାକୁ ପଡିଲା । ବାପା ପଠାଉଥିବା ପଇସା ଖର୍ଚ୍ଚ କରିଦେବାରୁ ରାଧା ମୋହନ ଗଡନାୟକଙ୍କ ଠାରୁ ୪୦୦ ଟଙ୍କା ଆଣି ପରିକ୍ଷା ଫିସ୍ ଦେଲେ। ବି.ଏ. ପରିକ୍ଷା ଦେଇ ପାସ୍ କଲେ ।

୧୯୪୭ ମସିହା ଏପ୍ରିଲ ମାସରେ ଲୋକନାଥ ବାବୁଙ୍କର ବିଭାଘର ରଙ୍ଗିଆ ଗଡ ନିବାସୀ ଶ୍ରୀ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କର ଝିଅ "ମାଳତୀ" ଙ୍କ ସହିତ ହୋଇଥିଲା । ତାଙ୍କର ଚାରୋଟି ଝିଅ ବିଜୟାଲକ୍ଷ୍ମୀ, ସଂଯୁକ୍ତା, ମଂଜୁରାଣୀ ଓ ସବିତା ।

ସେ ଛାତ୍ର , କୃଷକ, ଶ୍ରମିକ, ଶିକ୍ଷକ, ରେଲ୍ କର୍ମଚାରୀ ଓ ଗଡଜାତ ଆନ୍ଦୋଳନରେ ପାର୍ଟି ତରଫରୁ ଯୋଗ ଦେଇ ବିଭିନ୍ନ ସମୟରେ ଜେଲ୍ ବରଣ କରିଥିଲେ । ପରେ ସେ ସକ୍ରିୟ ରାଜନିତୀରେ ଯୋଗ ଦେଲେ। ପ୍ରଥମ ସଧାରଣ ନିର୍ବାଚନରେ କଂଗ୍ରେସ ଗୌରିଶ୍ୟାମ ନାୟକଙ୍କୁ ପ୍ରାର୍ଥି କରିବାରୁ ବିରବର ସାମନ୍ତ ଓ ରତ୍ନମାଳି ଜେମା ଅସନ୍ତୁଷ୍ଟ ହୋଇ ଲୋକନାଥ ଚୌଧୁରୀଙ୍କୁ କମୁନିଷ୍ଟି ପାର୍ଟିରୁ ପ୍ରାର୍ଥୀ ହେବା ପାଇଁ ପ୍ରଭାବିତ କଲେ ଓ ନିର୍ବାଚନରେ ସଂପୂର୍ଣ୍ଣ ସାହାଯ୍ୟ କଲେ। ଲୋକନାଥ ବାବୁଙ୍କ ପରିବାରରେ ଜଳହଂସ ନାମରେ ଏକ ନୌକା ଥିଲା । ଏହି ନୌକାରେ ରତ୍ନମାଳି ଜେମା, ତାଙ୍କ ସାନଭଉଣୀ ଓ ତିନି ମାଉସୀ ନିର୍ବାଚନ ପ୍ରଚାର କଲେ । ଲୋକନାଥ ବାବୁ ତାଙ୍କର ଗୋଟିଏ ସାଇକେଲ କର୍ମୀ ମାନଙ୍କୁ ଦେଇ ନିଜେ ଚାଲି ଚାଲି ନିର୍ବାଚନ ପ୍ରଚାର କଲେ । ନିର୍ବାଚନ ଫଳ ପ୍ରକାଶ ପାଇଲା । ଶ୍ରୀଯୁକ୍ତ ଗୌରୀଶ୍ୟାମ ନାୟକ ୧୨ହଜାର ଭୋଟ ପାଇ ବିଜୟ ଲାଭ କଲେ। ନରେନ୍ଦ୍ର ନାୟକ ୭ ହଜାର ଭୋଟ ପାଇ ୨ୟ ସ୍ଥାନରେ ରହିଲେ। ଲୋକନାଥ ବାବୁ ୬ ହଜାର ୫୦୦ ଭୋଟ ପାଇ ୩ୟ ସ୍ଥାନରେ ରହିଲେ । ସେହି ଦିନ ଠାରୁ ସେ ଆଉ ପଛକୁ ଅନାଇ ନାହାନ୍ତି । ଖଟି ଖିଆ, ଶ୍ରମିକ ସମାଜର ଉନ୍ନତି ପାଇଁ ବାମପନ୍ଥି ଚିନ୍ତାଧାରାରେ ସମାଜର ଉନ୍ନତି ପାଇଁ ଲାଗିପଡିଛନ୍ତି। ଫଳ ସ୍ୱରୂପ ସେ ଜଣେ ଟାଣୁଆ ରାଜନେତା ହିସାବରେ ଜାତୀୟ ସ୍ତରରେ ନିଜ ନାମର ସାର୍ଥକତା ପ୍ରତି ପାଦନ କରିଛନ୍ତି । ଲୋକନାଥ ବାବୁ ନିର୍ବାଚନ ବୈତରଣୀରେ ୩ଥର (୧୯୫୭, ୧୯୬୧, ୧୯୭୪) ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଦୁଇ ଥର ( ୧୯୮୯, ୧୯୯୧) ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି । ତାଙ୍କର ରଣ ହୁଂକାର ଯୋଗୁ ଶିକ୍ଷକ ମାନଙ୍କର ପ୍ରତ୍ୟକ୍ଷ ଦରମା ଓ ପେନ୍‌ସନ୍ ଏବଂ ଭାଗଚାଷୀ ଆଇନ ପ୍ରଣୟନ କରି ଲୋକଙ୍କର ପ୍ରିୟଭାଜନ ହୋଇ ପାରିଥିଲେ ।




ସେ ସମାଜର ବିଭିନ୍ନ ସମସ୍ୟା ଉପରେ ସରକାରଙ୍କୁ ଜଣାଉଥିଲେ ଓ ଦାବି ଉପସ୍ଥାପନ କରି ୧୧ ଦିନ, ୨୨ଦିନ ଓ ୪୨ ଦିନ ଅନଶନ କରି ସରକାରଙ୍କୁ ବାଧ୍ୟ କରୁଥିଲେ ସମସ୍ୟା ସମାଧାନ କରିବାକୁ। ପଶ୍ଚିମ ଓଡିଶାର ଦାରୁଣ ଖାଦ୍ୟ ଅଭାବ ଦାରିଦ୍ର୍ୟତା ଦେଖାଇ ଲୋକ ସଭାରେ ଅନଶନ ଧମକ ଦେଇ କେ.ବି.କେ. ଯୋଜନା ପ୍ରଣୟନ କରିଥିଲେ। ସେ ଭାରତୀୟ ପ୍ରତିନିଧି ଦଳର ସଦସ୍ୟ ରୂପେ ଜାତି ସଂଘକୁ ପ୍ରତିନିଧିତ୍ୱ କରିଥିଲେ। ଉପକୂଳ ବର୍ତ୍ତୀ ଅଂଚଳକୁ ଲୁଣା ପାଣିରୁ ରକ୍ଷା ପାଇଁ ସାଲାଇନ୍ ଡିଭିଜନ ସୃଷ୍ଟି ତାଙ୍କର କୃତିତ୍ୱ । ଜଗତସିଂହପୁର ଲୋକସଭା ମଣ୍ଡଳୀରେ ଯେଉଁ ମାନେ ସାଂସଦ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଆମ କୁଜଙ୍ଗ ମାଟିର ୩ଜଣ ଯଥା- ଲୋକନାଥ ଚୌଧୁରୀ , ବିଭୁପ୍ରସାଦ ତରାଇ , ଡଃ. କୁଳମଣି ସାମଲ।

ମହାନ୍ ବିପ୍ଳବି, ବାମପନ୍ଥୀ ଚିନ୍ତା ନାୟକ, ଜାତୀୟ ସ୍ତରର ଜଣେ ରାଜନୈତିକ ନେତା , ଏ ମାଟିର ଗର୍ବ ଓ ଗୌରବଙ୍କର କର୍ମମୟ ଜୀବନର ଅବସାନ ଘଟିଲା । ସେ ଦିନ ଥିଲା ୨୦୦୩ ମସିହା ମେ ମାସ ୧୨ ତାରିଖ। ତାଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ। ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ। ତାଙ୍କ ଅଭାବ ଏ ଅଂଚଳର କୃଷକ, ଖଟିଖିଆ, ଶିକ୍ଷକ, ଶିକ୍ଷିତ ସମାଜ କେବେ ଭୁଲି ପାରିବେ ନାହିଁ । ସେ ସର୍ବଦା ଆମଭିତରେ ବଂଚିରହିବେ ।

♥ ପାରାଦ୍ୱୀପଗଡ, କୁଜଙ୍ଗ
ଜଗତସିଂହପୁର
ମୋ.ନଂ- ୯୯୩୭୬୯୧୪୭୫

# ଏଇଠି ଅଛି, ଏଇଠି ନାହିଁ

## ତ୍ରିନାଥ ଓଝା



'ଏଇଠି ଅଛି, ଏଇଠି ନାହିଁ'- ପିଲାମାନଙ୍କୁ ଆମେ କୌତୁହଳୀ ଭାବରେ ଯେଉଁପରି କୁହୁକ ଯାଦୁ ଦେଖାଇ ଭଣ୍ଡେଇ ଥାଉ ଠିକ ସେହିପରି ଆମ ଓଡ଼ିଶାରେ ତେଲ ଆଉ ଗ୍ୟାସ ଅବସ୍ଥା। ଆମ ପରି ମେହନତୀ ବର୍ଗର ମଣିଷ ମାନଙ୍କ ପାଇଁ ଉପରୋକ୍ତ ଦୁଇଟି ଜିନିଷ ଅପରିହାର୍ଯ୍ୟ ଆବଶ୍ୟକତା। ସରକାରଙ୍କ ମନ୍ତ୍ରୀ କହୁଛନ୍ତି ଯାହା ସବୁ ମିଡ଼ିଆ, ସୋସିଆଲ ମିଡ଼ିଆରେ ଦେଖାଯାଉଛି ଯେ ଓଡ଼ିଶାରେ ପର୍ଯ୍ୟାପ୍ତ ତେଲ ଓ ଗ୍ୟାସ ରହିଛି। ପେଟ୍ରୋଲ ଆସୋସିଏସନର ନେତୃତ୍ୱ ମଧ୍ୟ କହୁଛନ୍ତି ଓଡ଼ିଶାରେ ଯଥେଷ୍ଟ ତେଲ ରହିଛି, ଲୋକମାନେ ଭୟଭୀତ ଅଯଥାରେ ହେଉଛନ୍ତି। କଥା ହେଉଛି ପ୍ରଧାନମନ୍ତ୍ରୀ ରାତି ପାହିବା ମାତ୍ରେ ଅଚାନକ ତୈଳ, ଗ୍ୟାସ ସଞ୍ଚୟ କଥାଟି କହିବାପରେ ବିଭିନ୍ନ ଧାଁ ଧଉଡ଼ ସବୁ ଆରମ୍ଭ ହୋଇଗଲା। ମୁଁ ଆମ ସିଡ଼ିଏ ସେକ୍ଟର ୧୦ ପେଟ୍ରୋଲ ପମ୍ପ କଥା କହୁଛି। ଦୁଇଦିନ ପାଇଁ ବନ୍ଦ ହୋଇଗଲା ବନ୍ଦର ପ୍ରଦର୍ଶନ ସ୍ୱରୂପ ତାର ବନ୍ଧା ହୋଇଗଲା। କାଲିଠାରୁ ତେଲ ମିଳୁଛି କିନ୍ତୁ ଏହାଏକ ଗୁରୁତ୍ୱପୂର୍ଣ୍ଣ ପାଞ୍ଚଛକି ରାସ୍ତାଟି ହୋଇଥିବାରୁ ଅସମ୍ଭବ ଗହଳି ସକାଳୁ ଅର୍ଦ୍ଧରାତି ପର୍ଯ୍ୟନ୍ତ। ବାଇକ ଠାରୁ ସ୍କୁଟି, ଅଟୋ ଠାରୁ କାର, ଡ଼ମ୍ପର ଠାରୁ ମାଟାଡୋର ସବୁ ଲାଇନ ଲଗାଇଛନ୍ତି। କେଉଁଠି ତେଲ ଅଭାବରୁ ଆମ୍ବୁଲାନ୍ସପରି ଅତି ଅପରିହାର୍ଯ୍ୟ ସଂସ୍ଥାରେ ନିରୀହ ମୁମୂର୍ଷୁ ଯେଉଁଲୋକଟି ବଞ୍ଚିବା ଆଶାରେ ଯାଉଥିଲା, ସେ ଲୋକଟିର ରାସ୍ତାରେ ହିଁ ଜୀବନ ଚାଲିଗଲା। କେଉଁଠି ଦେଢ଼ଶହ ଟଙ୍କା, ଦୁଇଶହ ଟଙ୍କାରେ ତେଲ ମିଳୁଛି ତ କେଉଁଠି ଜାରକିନରେ ଜଣେ ଜଣେ କୋଡିଏ ଲିଟର ଧରି ଯାଉଥିବାର ଚିତ୍ର ଆମେ ଦେଖୁଛୁ। ଜଗତସିଂହପୁର କଟକ ଜିଲ୍ଲାପାଳ ଖୋଦ ତେଲ ଟାଙ୍କିରେ ଚଢ଼ାଉ କରି ଲୋକମାନଙ୍କୁ ଇଛା ମୁତାବକ ତେଲ ଦେବାକୁ ଓ ଷ୍ଟକ ସରିବା ପର୍ଯ୍ୟନ୍ତ ଧାଡ଼ିରେ ଥିବା ଲୋକମାନଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସବୁ ଜିଲ୍ଲାରେ ତ ଜିଲ୍ଲାପାଳ ମାନେ ଚଢ଼ଉ କରୁନାହାଁନ୍ତି। ଇତିମଧ୍ୟରେ ତେଲ ରେଟ ତିନିଟଙ୍କା ବଢ଼ିଗଲା, ତେଲ ଟ୍ୟାଙ୍କର ଅଧିକ ଆସିଲା ତଥାପି ରାଜ୍ୟର ସବୁ ଟାଙ୍କିରେ ଅସମ୍ଭବ ଗହଳି।

ଆଛା, ଏହି ତେଲ କଷ୍ଟ କ'ଣ ଆଜିର ? ଇରାନ-ଆମେରିକା ଯୁଦ୍ଧ ଓ ଆମ ଭାରତ କିପରି ପ୍ରଭାବିତ ହେଉଛି ଏ ଖବର ତ ତିନି ଚାରି ମାସ ତଳର। ତେବେ ବର୍ତ୍ତମାନ ଏମିତି ତେଲ ସଞ୍ଚୟର କଥା ଓ ଟାଙ୍କିରେ ଗହଳି ତା ପୂର୍ବରୁ ତ ଗ୍ୟାସର ଚଡ଼କ ପଡ଼ି ସାରିଛି। ଏହା ଭିତରେ କିଛି ରାଜ୍ୟର ବିଧାନସଭା ନିର୍ବାଚନ ଥିଲା, ଫଳାଫଳ ପ୍ରକାଶ ପାଇଲା, ପ୍ରଧାନମନ୍ତ୍ରୀଙ୍କ ସୋମନାଥ ରାଲି ଅସମ୍ଭବ ଭିଡ଼ ହେଲା, ଏସବୁ ଭିତରେ କେହି କ'ଣ ତେଲ ଚିନ୍ତା ଆଉ କରିନଥିଲେ। ଏହାର ଅଭାବନୀୟ ପରିସ୍ଥିତି କେବଳ ଲୋକମାନଙ୍କ ଉପରେ ନୁହେଁ ଆମ୍ବୁଲାନ୍ସ ସେବା ପରି ଅପରିହାର୍ଯ୍ୟ ସେବା ସଂସ୍ଥା ଠାରୁ ସାଧାରଣ ପରିବନ ସବୁ ଉପରେ ଭୟାନକ ପ୍ରଭାବ ପଡ଼ିଲା। ଅଚାନକ ବସ ବନ୍ଦ ହୋଇଯିବା ଫଳରେ ଅନେକ ଲୋକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯୋଗ ଦେଇପାରିଲେ ନାହିଁ। ବର୍ତ୍ତମାନ ମଧ୍ୟ ତେଲ ରେଟ ବଢ଼ିବା ସତ୍ତ୍ୱେ ସର୍ବନିମ୍ନ ଗୋଟାଏ ଦୁଇଘଣ୍ଟା ଅପେକ୍ଷା ନକଲେ ତେଲ ମିଳୁନି। ଜଣେ ମଜଦୁର ଶ୍ରେଣୀର ଲୋକଟି ଯଦି ଏହିପରି ସମୟ ଦେବ ତାହେଲେ ତା କର୍ମ ସଂସ୍ଥାନଟି କ୍ଷତିଗ୍ରସ୍ତ ହେବ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତାଙ୍କ ପାଇଲଟ ଗାଡ଼ି ସଂଖ୍ୟା କମାଇ ଦେଲେ ସମସ୍ୟାର ସମାଧାନ ହେବନାହିଁ। ଯେଉଁ ବଡ଼ ବଡ଼ ରାଲି ସବୁ ହେଉଛି, ସଭାସମ୍ମିଳନୀ ହେଉଛି ଏହା ଉପରେ ରୋକ ଲାଗୁ।

ଆମର ସୌଭାଗ୍ୟ ଯେ ବିଶ୍ୱର ପ୍ରମୁଖ ତୈଳ ରାଷ୍ଟ୍ର ଉତ୍ପାଦନକାରୀ ଉଭୟ ଋଷ ଓ ଇରାନ ଆମର ଦୀର୍ଘକାଳୀନ ପରମ ମିତ୍ର। କିନ୍ତୁ ଦୁର୍ଭାଗ୍ୟକୁ ଆମେରିକା ହସ୍ତକ୍ଷେପର ଶୀକାର ହୋଇ ଆମ ଦେଶବାସୀ ଏହି ତେଲ ଓ ଗ୍ୟାସ ସଙ୍କଟ ସାମ୍ନା କରୁଛନ୍ତି। ହଁ, କେହି କେହି କହୁଛନ୍ତି ଇଭି ଯାନ କିଣିବା ପାଇଁ। କେତେକଙ୍କ ପାଖରେ ସରକାର ସବସିଡ ଦେଲେ ମଧ୍ୟ ଅବଶିଷ୍ଟାଂଶ ରହିଛି ଏହାକୁ କିଣିବାପାଇଁ ? ଶାସନକ୍ଷେତ୍ରରେ କେବଳ ତଳିଆ ବା ଆଖି ଦେଖାଣିଆ ଭାବରେ କିଛି ଚରିତ୍ର ମାନଙ୍କ ଉପରେ ନୁହେଁ ବରଂ ସମାଜର ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଅଧିକାରୀଙ୍କ ଠାରୁ ତଳବର୍ଗ ପର୍ଯ୍ୟନ୍ତ ସମସ୍ତେ ଏହି ତୈଳ ସଞ୍ଚୟକୁ ଆହ୍ୱାନ ଭାବେ ଗ୍ରହଣ କରନ୍ତୁ। ଖୁସିର କଥା ସୁପ୍ରିମକୋର୍ଟ ତେଲ ବଞ୍ଚାଇବା ପାଇଁ ପଦକ୍ଷେପ ଗ୍ରହଣ କରି ଭର୍ଚୁଆଲ ଶୁଣାଣୀ ଦୁଇଦିନ ଘରୁ କାମ ଓ କାରପୁଲ୍ ବ୍ୟବସ୍ଥା କରିଛନ୍ତି ତେବେ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଦାୟିତ୍ୱ ଅଛି। ନେତାମାନେ ମଧ୍ୟ କହିବା ସମୟରେ ଚିନ୍ତା କରନ୍ତୁ। ଓଡ଼ିଶାରେ ତେଲ ପର୍ଯ୍ୟାପ୍ତ ଥିଲେ ଲୋକମାନଙ୍କର ଗହଳିର କାରଣ କ'ଣ କେବଳ 'ଗୁଜବ'ବୋଲି ଧରିବାକୁ ପଡ଼ିବ। ତେଲ ରେଟ ବଢ଼ିବା ଓ ଭିଡ଼ କାରଣରୁ ଖାଦ୍ୟ ସାମଗ୍ରୀ ଠାରୁ ପନିପରିବା ସବୁ କିଛିର ଦର ବଢ଼ିବ। ତେଣୁ ସରକାରଙ୍କୁ ନିବେଦନ କୁହୁକ ବାଣୀ ସ୍ୱରୂପ ଯେଉଁ ହେଇ ତେଲ ଅଛି, ..... ନାହିଁ / ଘଣ୍ଟା ଘଣ୍ଟା କାଳ ଧାଡ଼ି। ତେଲ ଓ ଗ୍ୟାସ ପରି ଆମ ନିତିଦିନିଆ ଜୀବନର ମୁଖ୍ୟ ଅବଲମ୍ବନ ଉପରେ ଚଡ଼କ ପଡ଼ିଲେ ସମାଜର ସବୁ ବର୍ଗଙ୍କ ଉପରେ ପ୍ରଭାବ ତ ପଡୁଛି ଆହୁରି ଅଧିକ ପଡ଼ିବ ସେ ଦିନ ଦେଖିବାକୁ ଯାହା ବାକି ରହିଲା।

ଚମ୍ପା-ନାରାୟଣ ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ,
(ମୋ) :୯୨୩୮୬୦୨୮୨୫

# ଝାଳ ମୋର, ଶ୍ରେୟ ତାଙ୍କର

## ଦିପ୍ତିମୟୀ ନାୟକ

ମଣିଷ ଜୀବନ ହେଉଛି କର୍ମର ଏକ ପ୍ରୟୋଗଶାଳା । ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଦିନରାତି ଏକ କରି ପରିଶ୍ରମ କରିଥାଆନ୍ତି । ପରିଶ୍ରମ ହେଉଛି ସଫଳତାର ମୂଳ ଚାବିକାଠି କିନ୍ତୁ ବାସ୍ତବିକ ଦୁନିଆରେ ଏହି ସଫଳତାର ସ୍ୱାଦ ଚାଖିବା ବେଳକୁ ଚିତ୍ରଟି ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଏ । ଆଜିର ସମୟରେ ଏମିତି ଏକ ପରିବେଶ ସୃଷ୍ଟି ହୋଇଛି ଯେଉଁଠି ଜଣେ ବ୍ୟକ୍ତି ନିଜର ରକ୍ତକୁ ପାଣି କରି କାମ କରେ । ହେଲେ ତାର ପରିଶ୍ରମର ଶ୍ରେୟ ବା 'କ୍ରେଡିଟ୍' ଅନ୍ୟ କେହି ଜଣେ ଚତୁରତାର ସହ ନେଇଯାଏ । ଏହି ସ୍ଥିତି ମଣିଷକୁ କେବଳ ମାନସିକ ଭାବେ ଦୁର୍ବଳ କରେ ନାହିଁ ବରଂ ନ୍ୟାୟ ଓ ନୈତିକତା ଉପରୁ ତାର ବିଶ୍ୱାସ ତୁଟାଇ ଦିଏ । କର୍ମକ୍ଷେତ୍ରରେ ଏହି ଧାରା ସବୁଠୁ ବେଶୀ ଦେଖିବାକୁ ମିଳେ । ଯେଉଁଠି ଯୋଗ୍ୟତା ଅପେକ୍ଷା ମୁଖାପିନ୍ଧା ସମ୍ପର୍କ ଓ ଚାଟୁକାରିତାକୁ ଅଧିକ ଗୁରୁତ୍ୱ ଦିଆଯାଏ । ସେଠାରେ ପ୍ରକୃତ କର୍ମୀଟି ସବୁବେଳେ ଅନ୍ଧାରରେ ରହିଯାଏ । ଜଣେ ବ୍ୟକ୍ତି ପ୍ରତିଦିନ ସୂର୍ଯ୍ୟ ଉଇଁବା ଠାରୁ ଅସ୍ତ ହେବା ଯାଏଁ ନିଜର ସର୍ବଶ୍ରେଷ୍ଠ ଚେଷ୍ଟା କରେ । ନିଜର ବ୍ୟକ୍ତିଗତ ସୁଖକୁ ବଳି ଦେଇ ଅନୁଷ୍ଠାନ ପାଇଁ କାମ କରେ କିନ୍ତୁ ଯେତେବେଳେ ଫଳାଫଳ ଆସେ ସେତେବେଳେ କିଛି ସ୍ୱାର୍ଥପର ଲୋକ ନିଜର ବାଚାଳତା ଓ ଚତୁରତା ଦ୍ୱାରା ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରି ସବୁ ପ୍ରଶଂସା ନିଜ ନାଁରେ କରିନିଅନ୍ତି । ଏହା ସେହି ପରିଶ୍ରମୀ ବ୍ୟକ୍ତି ପାଇଁ ଏକ ଅଦୃଶ୍ୟ ଛୁରୀ ଭଳି କାମ କରେ ଯାହା ତାର ମନୋବଳକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଏ ।


କେବଳ ବାହାର ଦୁନିଆ ନୁହେଁ ବେଳେବେଳେ ଅତି ଆପଣାର ମଣିଷମାନେ ମଧ୍ୟ ଏହି ଖେଳ ଖେଳନ୍ତି । ଯାହାକୁ ଆମେ ନିଜର ଭାବି ସବୁ ସହଯୋଗ କରୁ । ସେ ସମୟ ଆସିଲେ ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିବା ପାଇଁ ଆମ ପରିଶ୍ରମକୁ ନିଜର ବୋଲି ଦର୍ଶାଏ । ଏହି ଛଳନାର ବିଷ ଏତେ ଗଭୀର ଯେ, ଏହା ମଣିଷକୁ ଏକୁଟିଆ କରିଦିଏ । ଆଜିର ସ୍ୱାର୍ଥର ବଜାରରେ ସମ୍ପର୍କ ଗୁଡ଼ିକ ଏବେ ଉପାୟ ଓ ପନ୍ଥା ଉପରେ ଆଧାରିତ । କାମ ସରିଗଲେ ଲୋକେ ଚିହ୍ନନ୍ତି ନାହିଁ ଆଉ ସଫଳତା ମିଳିଲେ ଲାଇନରେ ଆଗରେ ଛିଡ଼ା ହୁଅନ୍ତି । ଯେତେବେଳେ ଜଣେ ବ୍ୟକ୍ତି ଦେଖେ ଯେ ତାର ଝାଳର ମୂଲ୍ୟ ଅନ୍ୟ କାହା ପାଇଁ ପୁରସ୍କାର ପାଲଟିଛି । ସେତେବେଳେ ତାର ଆଖିରୁ ଲୁହ ଝରିବା ସ୍ୱାଭାବିକ । ଏହି ଲୁହ କେବଳ ଦୁଃଖର ନୁହେଁ ବରଂ ଏହା ଏକ ଅନ୍ୟାୟ ବିରୁଦ୍ଧରେ ଅକୁହା ଚିତ୍କାର। ସେହି ଅଣନିଶ୍ୱାସୀ ପରିବେଶରେ ନିଜର ପ୍ରତିଭାକୁ ବଳି ଦେବା ବଡ଼ କଷ୍ଟକର ହୋଇପଡ଼େ। ମଣିଷ ନିଜକୁ ପଚାରେ ସଚ୍ଚୋଟତାର ମୂଲ୍ୟ କ'ଣ ଏଇଆ ? ଏହି ପ୍ରଶ୍ନ ତାକୁ ଭିତରେ ଭିତରେ ମାରିଦିଏ ।ତେବେ ଏହି ସ୍ଥିତିରୁ ମୁକ୍ତି ପାଇବା ପାଇଁ ନିଜକୁ ଶକ୍ତ କରିବାକୁ ପଡିବ । ସମୟ ସବୁବେଳେ ସମାନ ରହେନାହିଁ । ସତ୍ୟ ଓ ପରିଶ୍ରମ କେବେ ବୃଥା ଯାଏନାହିଁ ବିଳମ୍ବରେ ହେଲେ ମଧ୍ୟ ଏହା ତାର ଫଳ ନିଶ୍ଚିନ୍ତ ମିଳିଥାଏ । ଆଉ ମୁଁ ଯେଉଁ ଏଠାରେ କହିଛି ଝାଳ ମୋର ଶ୍ରେୟ ତାଙ୍କର ଏହି ବ୍ୟବସ୍ଥାକୁ ବଦଳାଇବା ହୁଏତ ଜଣକ ପାଇଁ ସମ୍ଭବ ନୁହେଁ । କିନ୍ତୁ ନିଜର ଅସ୍ତିତ୍ୱକୁ ହଜାଇ ଦେବା ମଧ୍ୟ ଉଚିତ୍ ନୁହେଁ । ଆଜିର ଛଳନାପୂର୍ଣ୍ଣ ଦୁନିଆରେ ନିଜ ଉପରେ ବିଶ୍ୱାସ ରଖିବା ହିଁ ଶ୍ରେଷ୍ଠ ଯୁଦ୍ଧ । ପଥର ହୃଦୟ ମଣିଷଙ୍କ ଗହଣରେ ନିଜର ଅସ୍ତିତ୍ୱ ହଜାଇବା ହୁଏତ ମଣିଷକୁ ଅନେକ ସମୟରେ କଷ୍ଟ ଦେଇଥାଏ । କିନ୍ତୁ ମନରେ ନିଷ୍ଠା ଥିଲେ ପ୍ରତିଭା ବଞ୍ଚିରହିଥାଏ । ଶେଷରେ ଗୋଟେ କଥା କହିବି ପରିଶ୍ରମର ପରିଚୟ କେବଳ ଅନ୍ୟର ପ୍ରଶଂସାରେ ନଥାଏ ବରଂ ନିଜର ଆତ୍ମସନ୍ତୋଷରେ ଥାଏ ।

♥ ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୫

# ଓଁ ଶ୍ରୀ ସୂର୍ଯ୍ୟଦେବାୟ ନମୋନମଃ

## ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)





ବିଶ୍ୱସ୍ରଷ୍ଟାଙ୍କ ନିର୍ଦ୍ଧାରଣ ଅନୁସାରେ ଏ'ସୃଷ୍ଟି ଆକାର ପାଇଛି। ଅନ୍ତରୀକ୍ଷ ଆକାଶ, ମହାକାଶ, ଗ୍ରହ, ନକ୍ଷତ୍ରାଦିଙ୍କ ନିବାସ ସ୍ଥଳ ହେଉଛି ଏହି ସୃଷ୍ଟି । ଏ'ଯାବତ ଗଣନା କରାଯାଇ ପାରୁନଥିବା ଗ୍ରହ, ନକ୍ଷତ୍ରଙ୍କ ସଂଖ୍ୟା ଏ'ସୃଷ୍ଟିରେ ଠୁଳ। ବିଶାଳ ଦିଗନ୍ତ ଶୂନ୍ୟ ଏ' ସୃଷ୍ଟି, ଯାହାକୁ ସଂସାର କୁହାଯାଇଥାଏ । କାହାର ସ୍ଥିତି କେତେବେଳେ କ'ଣ ହେବ ସେ' କଥା କେହି ଜାଣି ପାରିନଥାନ୍ତି । କିଏ କହନ୍ତି ବିଜ୍ଞାନର କ୍ରିୟାପ୍ରତିକ୍ରୀୟାରୁ ଏ' ସୃଷ୍ଟିର ସୃଷ୍ଟି। ଆଉ କିଛି କୁହନ୍ତି, ଏ' ସୃଷ୍ଟିର ନିର୍ମାଣ ପଛରେ ଜଣେ କେହି ସ୍ରଷ୍ଟା ତଥା ନିର୍ମାତା ଅଛନ୍ତି । ସବୁ କଥାକୁ ନିଠେଇ ଦେଖିଲେ ବେଳେ ବେଳେ ଅନୁଭବ କରିହୁଏ ଏ' ସବୁ ସଂରଚନା ପଛରେ କେହି ଜଣେ ସର୍ବଶକ୍ତିମାନ, ଜ୍ଞାନ, ଗୁଣ ଚେତନା ଭରା ଈଶ୍ୱର ନାମଧେୟ ଶିଳ୍ପୀଟିଏ ନିଶ୍ଚିତ ଅଛନ୍ତି । ତା' ନ' ହୋଇଥିଲେ ଏ' ସୃଷ୍ଟିରେ ସ୍ଥିତି କିମ୍ବା ଗତାଗତ ହେଉଥିବା ସମସ୍ତ ଚିଜ ତଥା ଦ୍ରବ୍ୟର ନିଜ ନିଜର ଅଲଗା ପରିଚୟ ରହିଛି, ଭିନ୍ନତା ରହିଛି। କେହି କାହା ସାଙ୍ଗରେ ସମ୍ପୂର୍ଣ୍ଣ ଭାବରେ ମିଶି ପାରନ୍ତି ନାହିଁ । ସେଥିରେ ପୁଣି ଆତଜାତ ହେଉଥିବା ପ୍ରତିଟି ବସ୍ତୁର ଭିନ୍ନ ଭିନ୍ନ ରଙ୍ଗ ରହିଛି। କାହାରି ଜୀବନ ଅଛି ତ' କେହି ଜଡ଼ । ଜୀବନହୀନ ବସ୍ତୁକୁ ହିଁ ଜଡ଼ ବୋଲି ନାମିତ କରାଯାଇଛି । ଆହୁରି ଅନେକ କଥା ଅଛି ଯାହା ଗଭୀର ନିରୀକ୍ଷଣ କଲେ ଜାଣି ହୁଏ। ଏ' ବିଶ୍ୱକୁ ଜାଣିବା କି ଚିହ୍ନିବା ପାଇଁ ମନୁଷ୍ୟ ଦେହରେ ସେତେଟା ଜ୍ଞାନ ଶକ୍ତି ନାହିଁ । ନୋହିଲେ ତ' ଏ' ସୃଷ୍ଟିର ପରମସ୍ରଷ୍ଟା ପରମେଶ୍ୱରଙ୍କୁ ମନୁଷ୍ୟ କେବେଠାରୁ ଚିହ୍ନି ସାରନ୍ତାଣି । କି ପ୍ରକାର ଏ' ସୃଷ୍ଟିର ପରିଚାଳନା କରାଯାଏ, ତାକୁ ବି ଭାବିବସିଲେ ମନ ବିସ୍ମୟରେ ଭରିଯାଏ । ଆମେ ସବୁ ମନୁଷ୍ୟ ଓ ପ୍ରାଣୀ ତଥା ଜୀବ ଜଗତ ଏ' ସୃଷ୍ଟିରେ ରହିଛେ ସତ କିନ୍ତୁ ସବୁଠିଁ ଆମର ନିବାସ ନାହିଁ। ଅସୀମ ଦିଗହୀନ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହିଁ ଏ' ବିଶ୍ୱର କଳେବର । ସେଥିରେ କେତେ ନକ୍ଷତ୍ର ରହନ୍ତି ସେ' କଥା ବି ଆମେ ଜାଣୁନା। କିନ୍ତୁ ଆମେ ଏତିକି ଜାଣୁ ଯେ, ଏ' ଅନ୍ତରୀକ୍ଷ ମଧ୍ୟରେ ପୃଥିବୀ ବୋଲି କୌଣସି ଏକ ନକ୍ଷତ୍ରାଂଶ – ମୂଳକ୍ଷେତ୍ରରୁ ବିଚ୍ଛିନ୍ନ ହୋଇ ସୂର୍ଯ୍ୟଙ୍କୁ କେନ୍ଦ୍ର କରି ଘୂରିବାରେ ଲାଗିଛି । କେବେଠୁଁ ବିଚ୍ଛିନ୍ନ ହୋଇଛି କିମ୍ବା କେବେଠୁଁ ମୂଳପୀଣ୍ଡର ଚାରିପାଖରେ କୌଣସି ଏକ ବଳୟ ମଧ୍ୟରେ ପଡ଼ିରହି ଦିବାନିଶି ଘୂରିବାରେ ଲାଗିଛି । ନିଜେ ପୁଣି ଘୂରି ଘୂରି ନୟାନ୍ତ ହେଲା କାଳରେ ନିଜ ଦେହରୁ ଅନ୍ୟ କିଛି ଅଂଶ ବିଚ୍ୟୁତ ହୋଇ ଉପଗ୍ରହଟିଏ (ଚନ୍ଦ୍ର) ଏହି ପୃଥିବୀ ପିଣ୍ଡର ଚାରି ପାଖେ ସଦା ଘୂରିବାରେ ଲାଗିଛି। ଏ' ସବୁର କଳ୍ପନା କରି ମନୁଷ୍ୟ ହିଁ କହିଛି ଆମ ସମ୍ମୁଖରେ ସର୍ବଦା ଜ୍ୱଳମାନ ପୀଣ୍ଡଟିର ନାମ ନେଇଛି ସୂର୍ଯ୍ୟ ବୋଲି । ତା'ର ଚାରିଦିଗରେ ଘୁରୁଥିବା ବସ୍ତୁମାନଙ୍କୁ କହିଲା କୋଟି କୋଟି ବର୍ଷ ପୂର୍ବରୁ ଛିନ୍ନ ହୋଇ ତାରି ପାଖରେ ଘୂରୁଥିବା ଗୋଲାକାର ପୀଣ୍ଡ ସବୁ ଗ୍ରହ ବୋଲି ଓ ପୁଣି ଯେଉଁମାନେ ଗ୍ରହରୁ ନାମିତ ହୋଇ ଗ୍ରହକୁ କେନ୍ଦ୍ର କରି ଏ' ଅନ୍ତରୀକ୍ଷରେ ଘୂରିବାରେ ଲାଗି ଛନ୍ତି – ସେ ମାନଙ୍କୁ ନାମିତ କରିଛି ଉପଗ୍ରହ ବୋଲି । ସେ' ଦୃଷ୍ଟିରୁ ଆମେ ସବୁ ହେଲେ ଏ' ସୃଷ୍ଟିର କୌଣସି ଏକ ନକ୍ଷତ୍ର ତଥା ସୂର୍ଯ୍ୟମଣ୍ଡଳର ସଦସ୍ୟ । ଆମେ ଥିବା ଏହି ବିଚ୍ଛିନ୍ନ ପିଣ୍ଡର ନାମ ହୋଇଛି ପୃଥିବୀ । ଯେଉଁଥିରେ ଆକାଶ ଅଛି, ଭୂମି ଅଛି ଓ ଜଳ ଅଛି । ଆଉ ଏକ କଥା ହେଲା ଏହି ପୃଥିବୀ ନାମ୍ନୀ ଗ୍ରହରେ ବାସ କରନ୍ତି ଅନେକ ଜୀବସତ୍ତା, ନତୁବା ଆଉ ସବୁଠାଇଁ ଚେତନାମୁକ୍ତ ଜଡ଼ ହିଁ ବିଦିତ । କି' ଭଳି ଏ' ଜଡ଼ଜୀବର ସଞ୍ଚାର ହୋଇଛି ଓ ହେଉଛି ତାକୁ ହିଁ ସେଇ ବିଶ୍ୱ ନିର୍ମାତା ହିଁ କହିପାରନ୍ତି । ଆମେ ସାମାନ୍ୟ ଜୀବନ ବୋହିଥିବା ଶରୀର ରୂପୀ ମଣିଷ- ବିଷୟରେ ଜାଣିବ ବା କିଭଳି ? ତଥାପି ମଣିଷ ତାରି ସୀମିତ ଜ୍ଞାନକୁ ନେଇ ବିଜ୍ଞାନର ଚରିତ୍ରର ଚିତ୍ରକଥାକୁ କେତେକାଂଶରେ ଅନୁମାନ, ପରୀକ୍ଷଣ, ପର୍ଯ୍ୟାଲୋଚନା କରି କିଛିଟା ପରଦା ଖୋଲିବାର ଚେଷ୍ଟା ତ' କରୁଛି । ତାହା କେତେକାଂଶରେ ସତ୍ୟ ବା ସତ୍ୟ ଉଦ୍ ?ଭାବନରତ ଅସତ୍ୟ ବି ହୋଇପାରେ, ଏହି ଅନୁଧ୍ୟାନକୁ ନେଇ ଏହି ମଣିଷ ତା'ର ଜ୍ଞାନ ପିପାସାକୁ କେତେକାଂଶରେ ବଖାଣି ତୃପ୍ତିଲାଭ କରୁଛି । ବିଜ୍ଞାନ କହୁଛି ଏ' ସୃଷ୍ଟିରେ ବହୁ ଗ୍ରହ ନକ୍ଷତ୍ର ଅଛନ୍ତି । ନକ୍ଷତ୍ରମାନଙ୍କୁ ରାତ୍ରକାଳରେ ଆକାଶରେ ଦେଖିହୁଏ । ନକ୍ଷତ୍ରଙ୍କ ସାଙ୍ଗରେ ଗ୍ରହମାନେ ବି ଆକାଶରେ ବିଚରଣ କରନ୍ତି । ଏ'ମାନଙ୍କ ମଧ୍ୟରେ ଫରକ ହେଲା, ନକ୍ଷତ୍ର ଗୁଡ଼ିକ ସ୍ଥିର ଆଲୋକ ପ୍ରଦାନ କରିପାରନ୍ତି ନାହିଁ। କାରଣ ସେମାନେ ଆମଠାରୁ ବହୁ ଆଲୋକ ବର୍ଷର ଦୂରରେ ରହି ଆମ ଆଖିକୁ ମିଞ୍ଜି ମିଞ୍ଜି ଦେଖାଯାଇଥାନ୍ତି । ପୁଣି ଗ୍ରହ ଓ ଉପଗ୍ରହ ସବୁ ନକ୍ଷତ୍ରଙ୍କ ଠାରୁ ଅପେକ୍ଷାକୃତ କମ୍ ଦୂରତାରେ ରହିଥିବାରୁ ସେମାନେ ସ୍ଥିର ଭାବରେ ଆଲୋକିତ ଥିବା ଦେଖାଯାଏ । ଏ'ସବୁ ମଧ୍ୟରେ ଆଉ ଏକ କଥା ହେଲା ନକ୍ଷତ୍ର ମାନଙ୍କର ନିଜର ଆଲୋକ ବିତରଣ କରିବାର ଶକ୍ତି ରହିଛି, କିନ୍ତୁ ଗ୍ରହ ଉପ ଗ୍ରହମାନଙ୍କର ନିଜସ୍ୱ ତେଜ (ଆଲୋକ) ନାହିଁ। ସେମାନେ ସବୁବେଳେ ସେମାନଙ୍କ ବିଚ୍ଛିନ୍ନ ଥିବା ମୂଳ ନକ୍ଷତ୍ରମଣ୍ଡଳଙ୍କ ଆଲୋକରେ ଆଲୋକିତ ହୋଇଥାଆନ୍ତି । ଏ'ସବୁ କାରଣରୁ ଆମେ ଦିବସ, ରଜନୀ, ଅମାବାସ୍ୟା, ପୂର୍ଣ୍ଣମୀ, ସଂକ୍ରାନ୍ତି, ତୀର୍ଥ ବାର ଆଦିର ଅନୁଭବରେ ଆସିଥାଉ। ଏହିଭଳି ଭାବରେ ଆମ ଭାରତୀୟ ଜ୍ଞାନ ପରମ୍ପରାରେ ମୁଖ୍ୟ ଓ କେନ୍ଦ୍ରୀୟ ଶକ୍ତି ହେଉଛନ୍ତି ସୂର୍ଯ୍ୟ । ସୂର୍ଯ୍ୟଙ୍କୁ ନେଇ ତାଙ୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳକୁ ବିଶେଷରେ ସୌରମଣ୍ଡଳ ଭାବରେ ଚିହ୍ନିତ କରାଯାଇଛି । ସୂର୍ଯ୍ୟଙ୍କ ଚାରିପାଖରେ ତାଙ୍କଠୁଁ ଜାତ ହୋଇଥିବା ଗ୍ରହମାନେ ବୁଲନ୍ତି । ମଣ୍ଡଳାକାର ହେଉଛି ସେମାନଙ୍କ ଗତିପଥ । ଏଣୁ ବୃତ୍ତାକାରର ପରିମାପନ ହେଉଛି ୩୬୦ ଡିଗ୍ରୀ। ଏହାକୁ ବାରଟି ରାଶି ଦ୍ୱାରା ବିଭକ୍ତ କରାଯିବା ଫଳରେ ପ୍ରତିରାଶିର କ୍ଷେତ୍ର ହେଉଛି ମାତ୍ର ୩୦ ଡିଗ୍ରୀ ପରିମିତ କାଳ୍ପନିକ ଅଞ୍ଚଳ । ସାରା ଆକାଶ(ବୃତ୍ତ) ୩୬୦ ଡିଗ୍ରୀ । ଏହାକୁ ବାର ଭାଗ କରି ପ୍ରତି ଭାଗକୁ ଏକ ରାଶି ଯଥା ମେଷ, ବୃଷ, ମିଥୁନାଦି କ୍ରମରେ ମୀନ ପର୍ଯ୍ୟନ୍ତ ନାମିତ କରାଯାଛି । ପୁଣି ଏହି ନାମଗୁଡ଼ିକର ଯୌକ୍ତିକତା ହେଲା ପ୍ରତି ୩୦ ଡିଗ୍ରୀ ଆକାଶାଞ୍ଚଳରେ ଥିବା ନକ୍ଷତ୍ରାଦିଙ୍କର ସମ୍ମିଳିତ ଆକୃତି ଅନୁଯାୟୀ ମେଷ ଆକାରରେ ସଜ୍ଜିତ ତାରକା ଅଞ୍ଚଳକୁ ମେଷ, ବୃଷ ଆକାରରେ ସଜ୍ଜିତ ତାର କାଞ୍ଚଳକୁ ବୃଷ, ଏ'ଭଳି ନାମ ଦିଆଯାଇଥାଏ । ସୌରମଣ୍ଡଳର ମୁଖ୍ୟ ନିୟନ୍ତ୍ରକ ହେଉଛନ୍ତି ସୂର୍ଯ୍ୟ । ଆମ ହିନ୍ଦୁ ତଥା ସନାତନ ଧର୍ମଧାରାରେ ଏହାଙ୍କୁ ସୂର୍ଯ୍ୟନାରାୟଣ ଭାବରେ ପୂଜା କରାଯାଏ । ସୂର୍ଯ୍ୟ ଏକ ସ୍ୱ-ତେଜରେ ତେଜସ୍ୱୀୟ ଦେବ । ଆମ ପୃଥିବୀ ଭଳି ଗ୍ରହମାନଙ୍କର ସ୍ୱକୀୟ ତେଜ ନଥାଏ । ଏଣୁ ଏମାନେ ସବୁ ସୌରତେଜରେ ତେଜାୟିତ। ଆମ ସଂସ୍କୃତିରେ ସୂର୍ଯ୍ୟଙ୍କୁ ଏକ ଚକ୍ର ଭାବରେ ଗ୍ରହଣ କରାଯାଇ ତାଙ୍କରି ଚଳନରୁ ଦିବସ ଓ ରଜନୀର ଆବିର୍ଭାବ ହୋଇଥାଏ । ସୂର୍ଯ୍ୟାସ୍ତ ପୃଥିବୀର ଗୋଟିଏ ପ୍ରାନ୍ତରେ ହେଲାକାଳେ ଅନ୍ୟପ୍ରାନ୍ତରେ ସୂର୍ଯ୍ୟଙ୍କର ଉଦୟ ରଶ୍ମିପ୍ରତିଭାତ ହୁଏ । ସୂର୍ଯ୍ୟାସ୍ତ ପରେ ଆକାଶରେ ଅନ୍ଧକାର ଘୋଟି ଆସେ ଓ ଏ'ବେଳରେ ଆକାଶରେ ଥିବା ନିଷ୍ପ୍ରଭ ବସ୍ତୁମାନେ ସୂର୍ଯ୍ୟାଲୋକରେ ଆଲୋକିତ ହୋଇ ପୃଥିବୀବାସୀଙ୍କୁ ରାତ୍ରୀକାଳୀନ ତାରା, ନକ୍ଷତ୍ର ଖଚିତ ଆକାଶ ଦୃଷ୍ଟିଗୋଚର ହୋଇଥାଏ । ଏଣୁ ଦିନ ଭଳି ରାତିରେ ରୌଦ୍ରତାପ ଅନୁଭୂତ ନ'ହୋଇ ଶୀତଳତା ଘୋଟି ଆସେ । ପୃଥିବୀର ଛିନ୍ନ ଅଂଶଖଣ୍ଡିକ ହୁଅନ୍ତି ଆମ ଉପଗ୍ରହ ଚନ୍ଦ୍ର । ଚନ୍ଦ୍ରଙ୍କ ନାମରେ ଓ ଘୂର୍ଣ୍ଣନ ଅନୁସାରେ ପୌର୍ଣ୍ଣମା ଓ ଅମା ଅନ୍ଧକାରର ଅମାବାସ୍ୟାର ଆକାଶ ପରିଦୃଷ୍ଟ ହୋଇଥାଏ । ବେଦ ମତରେ ବ୍ରାହ୍ମଣମାନେ ସନ୍ଧ୍ୟା ସମୟରେ ସୂର୍ଯ୍ୟମଣ୍ଡଳ ମଧ୍ୟସ୍ଥ ସରସିଜାସନ ସନ୍ନିବିଷ୍ଟ ନାରାୟଣଙ୍କୁ ଧ୍ୟାନ କରିଥାଆନ୍ତି । ବାରମାସ ପାଇଁ ସୂର୍ଯ୍ୟଙ୍କର ବାରଟି ରୂପ ଓ ନାମରେ ଧ୍ୟାନ କରାଯାଏ । ସେ'ଗୁଡ଼ିକ ହେଲା: ମାର୍ଗଶିରରେ ମିତ୍ର, ପୌଷରେ ବିଷ୍ଣୁ ସନାତନ, ମାଘରେ ଅରୁଣ, ଫାଲ୍‌ଗୁନରେ ସୂର୍ଯ୍ୟ, ଚୈତ୍ରରେ ବେଦାଙ୍ଗ, ବୈଶାଖରେ ଭାନୁ । ପୁଣି ଜ୍ୟେଷ୍ଠରେ ଇନ୍ଦ୍ର, ଆଷାଢ଼ରେ ରବି, ଶ୍ରାବଣେ ଗଉଣ୍ଡି, ଭାଦ୍ରରେ ଯମ, ଆଶ୍ୱିନେ ସୂର୍ଣ୍ଣରେତା ଏବଂ କାର୍ତ୍ତିକରେ ଦିବାକର ରୂପେ ସୂର୍ଯ୍ୟନାରାୟଣଙ୍କୁ ଉପାସନ କରା ଯାଇଥାଏ । ଅଧିମାସରେ ପୁରୁଷ ତଥା ଆଦିତ୍ୟ ହୃଦୟ ନାମରେ ଧ୍ୟାନ କରିବାର ବିଧି ପ୍ରଚଳିତ ଅଛି । ଏହି ସୌରମଣ୍ଡଳର ସମ୍ପୂର୍ଣ୍ଣ ଅଧିକାରୀ ସୂର୍ଯ୍ୟଙ୍କ ନାମାନୁସାରେ ସପ୍ତାହର ପ୍ରଥମ ନାମ ରବିବାର ହୋଇଛି । ପୁଣି ଚନ୍ଦ୍ରଙ୍କ ନାମରେ ସୋମବାର, ମଙ୍ଗଳ ଗ୍ରହଙ୍କ ପାଇଁ ମଙ୍ଗଳବାର, ବୁଧଗ୍ରହଙ୍କ ପାଇଁ ବୁଧବାର, ଦେବଗୁରୁ ବୃହସ୍ପତିଙ୍କ ନାମରୁ ଗୁରୁବାର, ଶୁକ୍ର ଗ୍ରହରୁ ଶୁକ୍ରବାର ଭଳି ଶନିଙ୍କ ପାଇଁ ଶନିବାରର ଜ୍ୟୋତିଷଭିତ୍ତିକ ନାମକରଣ ହୋଇଛି ।

♥ ସଂସ୍କୃତି ସଦନ, ବୟାଳୀ,
ମନ୍ଥିଡ଼ି
ମୋ:୯୩୩୭୯୬୦୬୮୮

# ଛୋଟ ଗଳ୍ପ

# ଭଙ୍ଗା ଖେଳଣା

## ଶ୍ରୀନିବାସ ସେଠୀ



ଖରାବେଳଟାରେ ପୁରୁଣା ଆଲମାରୀରୁ କିଛି ଭଲ ଓ ଭଙ୍ଗା ଖେଳଣାକୁ ବାହାର କରି ବୋଉ ସେ ସବୁ ନିଜ ଶାଢ଼ି କାନିରେ ପୋଛି ପୋଛି ରଖୁଥିଲା । ସେ ଖେଳଣା ବାହାର କରିବା ସମୟରେ ବୋଉର ହାତ ବାଜି ଖେଳଣା ପାଖକୁ ଥିବା ଚା କପ୍‌ଟିଏ ଖସି ପଡି ଭାଙ୍ଗିଗଲା । ସ୍ତ୍ରୀ ଶ୍ରାବଣୀ ବୋଉର ଏ କାମକୁ ଦେଖି ହଠାତ୍ ଚିଡି ଉଠି କହିଲା, 'ବୋଉ ! ଭାଙ୍ଗି ଦେଲନା ସେ କପ୍‌ଟିକୁ ? ସେ ପୁରୁଣା ଭଙ୍ଗା ଖେଳଣାକୁ ବାହାର କରି ଆଲମାରୀଟିକୁ ଆବର୍ଜନାରେ ଭରୁଛ କାହିଁକି ?'

ତାପରେ ମୋତେ ଲକ୍ଷ୍ୟ କରି କହିଲା, 'ତୁମକୁ କେତେ ଥର କହିଲିଣି, ଏ ଗୁଡିକ ନେଇ ଡଷ୍ଟବିନ୍‌ରେ ଫିଙ୍ଗିଦେଇ ଆସିବ ବୋଲି । ତୁମେ ମଧ୍ୟ ଶୁଣନା । ବର୍ଷ ବର୍ଷ ଧରି ଆବର୍ଜନା ହୋଇ ପଡି ରହିଛି ଆଲମାରୀରେ। ଯାହା ଜଣାଗଲାଣି ମୋତେ କିଛି ବ୍ୟବସ୍ଥା କରିବାକୁ ପଡିବ।'

ମୁଁ ଲାପ୍‌ଟପ୍ ନେଇ କିଛି ଗୁରୁତ୍ୱପୂର୍ଣ୍ଣ କାମ କରୁଥିଲି । ଶ୍ରାବଣୀର ଗାରୁଗାରୁ ହେବା ଶୁଣି ବିରକ୍ତ ହୋଇ ବୋଉକୁ କହିଲି, 'ବୋଉ ଖରାବେଳଟାରେ ଟିକିଏ ବିଶ୍ରାମ ନେଉନୁ। ଛୋଟ ପିଲାଙ୍କ ଭଳି ଖେଳଣା ନେଇ ବସିଗଲୁ ଯେ ?'

ବୋଉ କିଛି କହିଲାନି, ଭଙ୍ଗା ପ୍ଲେଟ୍‌କୁ ଗୋଟେଇ ତଳ ସଫା କରି ଘର ଭିତରକୁ ପଳାଇଗଲା।

ମୁଁ ଦଶଦିନ ପାଇଁ ଛୁଟିରେ ଆସିଛି ବାଲେଶ୍ୱର ଘରକୁ। ଏଇଠି ଶ୍ରାବଣୀ ସହ ବୋଉ ରହେ। ଶ୍ରାବଣୀ ମିଶନ ଗାର୍ଲସ୍ ହାଇ ସ୍କୁଲରେ ପଢାଏ । ମୁଁ ବାଙ୍ଗାଲୋରରେ ଆଇଟି ସେକ୍ଟରରେ ଚାକିରି କରେ। ମଝିରେ ମଝିରେ ଆସେ।

ସେ ଖେଳଣାକୁ ଶ୍ରାବଣୀ ଫିଙ୍ଗି ଦେବ ବୋଲି ଯେଉଁ ଧମକ୍ ଦେଇଛି, ସେତକରେ ବୋଉ ଖୁବ୍ ଡରି ଯାଇଛି।

ମୁଁ ଭାବିଛି, ଛୁଟି ସାରି ଯିବା ପୂର୍ବରୁ ଶ୍ରାବଣୀକୁ ବୁଝେଇ ଯିବି ଯେ ଭଙ୍ଗା ଖେଳଣାକୁ ସେ ଫିଙ୍ଗିବନି ବୋଲି । ବାପା ସ୍ୱର୍ଗବାସ ହେବାର ପାଞ୍ଚ ବର୍ଷ ହେଲାଣି। ମୁଁ ଚାକିରି ଫେରିଯିବା ପରେ ଓ ଶ୍ରାବଣୀ ଅଫିସ ଗଲାପରେ ବୋଉ ଖୁବ୍ ଏକୁଟିଆ ହୋଇଯାଏ। ଘରଟା ଖାଁ ଖାଁ ଲାଗେ । ପାଖରେ ନାତି ନାତୁଣୀ ନାହାନ୍ତି। ବୋଉର ସମୟ ବିତେନି। ମୋର ଓ ଶ୍ରାବଣୀ ବାହାଘରର ଚାରିବର୍ଷ ବିତିଗଲାଣି ଯେ ଏ ପର୍ଯ୍ୟନ୍ତ ପିଲା ପିଲି ନାହାନ୍ତି। ଆମ ପାଖରୁ ପିଲାଟିଏ ପାଇଁ ବୋଉ ବହୁତ ବ୍ରତ ଉପବାସ କରେ, ମନ୍ଦିର ଯାଏ, କେତେ କେତେ ଦେବାଦେବୀଙ୍କ ପାଖରେ ମାନସିକ କରେ।

ବୋଉ ଯେ ସେ ଖେଳଣା ନେଇ ନିଜେ ଖେଳେ, ସେଇମିତି ଶ୍ରାବଣୀ ଭୁଲ ବୁଝିଥାଏ। ବୋଉ ମଝିରେ ମଝିରେ ଖେଳଣା ସବୁକୁ ବାହାର କରି ସଫା କରି ପୁଣି ରଖିଦିଏ । ମୁଁ ନଥିବା ସମୟରେ କେତେଥର ଶ୍ରାବଣୀ କହିଛି, 'ବୋଉ ଖେଳଣାକୁ ଦୀର୍ଘ ସମୟ ଧରି ବସିଥାଏ, କଣ ସବୁ ଭାବୁଥାଏ ପୁଣି ଶାଢି କାନିରେ ଲୁହ ପୋଛି ରଖିଦିଏ ।'

ମୁଁ ସବୁ ବୁଝେ। ପୁଅ ଝିଅ ବଡ ହୋଇ ଦୂରେଇ ଯିବା ପରେ ବାପା ବୋଉ ମାନେ ସେହି ପିଲା ବେଳର ସ୍ମୃତି ନେଇ ବଞ୍ଚି ରୁହନ୍ତି। ସେଇ ଯେଉଁ ରୋବର୍ଟ ଖେଳଣାଟି ଅଛି, ବାପାଙ୍କ କାନ୍ଧରେ ବସି ମୁଁ ଦୁର୍ଗା ପୂଜା ବୁଲିଯିବା ସମୟରେ ଯିଦ୍ କରିଥିଲି ସେଇଟା କିଣିବା ପାଇଁ। ସେହି ସମୟରେ ସେ ରୋବର୍ଟ ଖେଳଣାଟି ଦୁଇ ହଜାର ଟଙ୍କା ଥିଲା । ସେତେବେଳେ ବାପାଙ୍କ ଦରମା ମାସକୁ ମାତ୍ର କୋଡିଏ ହଜାର । ବାପା ଏତେ ମହଙ୍ଗା ଖେଳଣା ଦେଖି କିଣିବାକୁ ମନା କରିଥିଲେ। ମୁଁ ବହୁତ କାନ୍ଦିଥିଲି। ବୋଉ ଗୋଟେ ଗୋଟେ କରି ଛଅମାସ ଧରି ସାଇତି ରଖିଥିବା ପଇସା ବାପାଙ୍କ ହାତକୁ ବଢ଼ାଇ ଦେଇ କହିଥିଲା, 'ହେଉ ! କିଣି ଦିଅ, ପିଲାଟି କାନ୍ଦୁଛି।'



ବୋଉ ହୁଏତ ମୁଁ ନଥିବା ସମୟରେ ମନେ ପକାଇ ସେଇ ଭଙ୍ଗା ରୋବର୍ଟ ଭିତରେ ସେଦିନର ମୋ ଖୁସିକୁ ଖୋଜୁଥିଲା। ସେଇ ଯେଉଁ ଚାରିଚକିଆ ସ୍କେଟିଂର ଡାହାଣ ପାଖର ସ୍କେଟିଙ୍ଗର ଗୋଟିଏ ଚକା ଭାଙ୍ଗି ଯାଇଥିଲା, ସେଇଟା ମୁଁ ଦିନେ ଚରିକି ପରି ଘୁରୁଥିବା ସମୟରେ ଗୋଟିଏ ପଟର ଚକାଟିଏ ହଠାତ୍ ଭାଙ୍ଗିଗଲା। ମୁଁ ସେ ଭଙ୍ଗା ଚକାକୁ ନେଇ ବହୁତ କାନ୍ଦିଥିଲି । ସାରା ରାତି କାନ୍ଦି କାନ୍ଦି ଆଖି ଫୁଲି ଯାଇଥିଲା। ବୋଉ ବହୁତ ବୁଝାଇ କହିଥିଲା, 'ହଉ ! ରାତି ପାହୁ, ତୋ ବାପାଙ୍କୁ କହି ଆଉ ଗୋଟିଏ କିଣି ଦେବି ।' ତା ପର ଦିନ ବାପା ଅଫିସରୁ ଛୁଟି ନେଇ ନୂଆ ଗୋଟିଏ ସ୍କେଟିଙ୍ଗ କିଣି ଦେଇଥିଲେ । ସେହି ଭଙ୍ଗା ସ୍କେଟିଙ୍ଗ ଏବେ ବି ବୋଉ ପାଖରେ ଅଛି, ବୋଉ ହୁଏତ ତା ଭିତରେ ଲାଗିଥିବା ମୋ କାନ୍ଦଣାକୁ ଖୋଜେ ଆଉ ମନେ ପକାଇ ନିଜେ କାନ୍ଦି ପକାଏ ।

ବାପାଙ୍କ ପାଖକୁ ଲାଗି ଫୁଲମାଳ ସହିତ ବୋଉର ଫୋଟ ଟଙ୍ଗା ହୋଇଥିଲା ଆମ ଘରର ବୈଠକ ଖାନାରେ । ଲାଗୁଥିଲା ଯେମିତି ଅନେକ ଦିନ ପରେ ଦୁଇ ଜଣ ପାଖାପାଖି ଅଛନ୍ତି।

ସବୁ କ୍ରିୟା କର୍ମ ସରିଯାଇଛି । ମୁଁ ଫେରିଯିବି ଚାରିଦିନ ପରେ। ସେଇ ଆଲମିରା ଖୋଲି ଭଙ୍ଗା ଖେଳଣାକୁ ଆଉ ଥରେ ଦେଖିଲି । ଛଳ ଛଳ ଆଖିରେ ଭଲ କରି କିଛି ଦେଖିପାରୁନଥିଲି। ଶ୍ରାବଣୀକୁ କହିଲି , 'ଏଥର ଏ ଆବର୍ଜନାକୁ ଫିଙ୍ଗି ଦେଇ ପାର ଶ୍ରାବଣୀ !'

ଶ୍ରାବଣୀ ମୋ ପାଖକୁ ଲାଗି ଆସି କହିଲା, ଜାଣ, ଅରୂପ ! ଦିନେ ଖୁବ୍ ଏ ଅସହ୍ୟ ଲାଗୁଥିବା ଏକ ଭଙ୍ଗା ଖେଳଣା ଆଜି କାହିଁକି ଏତେ ଭଲ ଲାଗୁଛି । ମନ କହେ, ବୋଉ ପରି ମୁଁ ମଧ୍ୟ ନିଜ ଶାଢି କାନିରେ ସଫା କରି ସଜାଇ ରଖନ୍ତି।

ମୁଁ ଆଶ୍ଚର୍ଯ୍ୟ ହୋଇ ଶ୍ରାବଣୀକୁ ଅନେଇଲି।


ଶ୍ରାବଣୀ ମୋ ଛାତି ପାଖକୁ ଲାଗି ଆସି କହିଲା, 'ତୁମକୁ କହିନାହିଁ ଏଯାଏ ! ମୋ ଭିତରେ କିଛି ପରିବର୍ତ୍ତନ ହେଉଛି, ମୋ ହୃଦୟ ଭିତରଟା ଏକ ମଧୁର ଅନୁଭବରେ ଭରି ଆସୁଛି । ଗୋଟିଏ ମମତାରେ ମୋ ଆଖି ନଇଁ ଆସୁଛି । ମୁଁ ଠିକ୍ ଠିକ୍ ଅନୁଭବ କରି ପାରୁଛି ମୋ ଭିତରେ କଣ ହେଉଛି। ମାଟିର ବାସ୍ନା ଅଧିକ ଅଧିକ ମହକୁଛି । ଚାଲ ! ଆଜି ଗାଇନୋକୋ ଡକ୍ଟରକୁ ଦେଖାଇବାକୁ ଯିବା ।

ମୋ ଆଖିରେ ଯେଉଁ ଖୁସିରେ ଟୋପାଏ ଲୁହ ଝରି ଆସୁଥିଲା, ମୁଁ ଚାହୁଁଥିଲି ବୋଉ ପାଦରେ ଝରାଇ ଦେବାକୁ । ଫୋଟ ଭିତରେ ବାପା ବୋଉ ହସ ହସ ଦିଶୁଥିଲେ ।

+ବସନ୍ତପୁର, ଗେଙ୍ଗୁଟି, କୁରୁଡା
ବାଲେଶ୍ୱର -୭୫୬୦୫୬

# ଭାଗବତ ପ୍ରଚାରରେ ବ୍ରତୀ ଭଗବତ ପ୍ରେମୀ ଡ.ଶ୍ରୀହରି ପଣ୍ଡା

ଉଦଳା, ୧୬/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଗୌଡଗାଁ ନିବାସୀ ଡ.ଶ୍ରୀହରି ପଣ୍ଡା ଏବେ ଏକ ନିଆରା ଅଭିଯାନରେ ସାମିଲ ହୋଇଛନ୍ତି । ସ୍ୱୟଂ ଭଗବାନ ବିଷ୍ଣୁଙ୍କର ଶବ୍ଦରୂପ ଶ୍ରୀମଦ୍ ଭାଗବତ ବାଣୀକୁ ନିଜ ଜୀବନାଦର୍ଶ ଭାବରେ ଗ୍ରହଣ କରି ଡ. ପଣ୍ଡା ଶ୍ରୀମଦଭାଗବତଙ୍କ ଅମୃତ ବାଣୀକୁ ପ୍ରଚାର ଓ ପ୍ରସାର ପାଇଁ ଯତ୍ନବାନ ହୋଇଛନ୍ତି । ସ୍ୱରଚିତ ଓ ସଦ୍ୟ ପ୍ରକାଶିତ ଅତିବଡୀ ଜଗନ୍ନାଥ ଦାସ କୃତ ଓଡିଆ ଭାଗବତଙ୍କ ପଦ୍ୟାନୁବାଦକୁ ଖୁବ୍ ସୁନ୍ଦର ଭାବରେ ସରଳ ଓ ସାବଲୀଳ ଭାଷାରେ ସଂକ୍ଷିପ୍ତ ଗଦ୍ୟରୂପ କରି "ସଂକ୍ଷିପ୍ତ ଶ୍ରୀମଭାଗବତ କଥାମୃତ" ପୁସ୍ତକ ରୂପରେ ବାନ୍ଧି ଧରିବା ସହ ଭଗବତ ପ୍ରେମୀଙ୍କୁ ଅର୍ଘ୍ୟ ବାଢ଼ିଛନ୍ତି । ଏଥିସହ ମହାଦେବ ଦାସଙ୍କ ଦ୍ୱାଦଶ ସ୍କନ୍ଧ ଏବଂ ଦ୍ୱାରିକା ଦାସଙ୍କ ତ୍ରୟୋଦଶ ସ୍କନ୍ଧକୁ ଏକତ୍ର ଗୋଟିଏ ପୁସ୍ତକରେ ୫୩୬ ପୃଷ୍ଠାରେ ସନ୍ନିବେଶିତ କରି ଅଂଚଳରେ ଥିବା ଭାଗବତ ଟୁଙ୍ଗୀମାନଙ୍କୁ ବିନା ମୂଲ୍ୟରେ ବିତରଣ କରିଚାଲିଛନ୍ତି । ଏଭଳି ଏକ ପୁସ୍ତକର ଆବଶ୍ୟକତା ସମ୍ପର୍କରେ ଡ.ପଣ୍ଡା କହନ୍ତି ସମୟାଭାବରୁ ବର୍ତ୍ତମାନର ପୀଢି ବିଶାଳକାୟ ୧୮୦୦୦ ଶ୍ଳୋକ ବିଶିଷ୍ଟ ମୂଳ ଗ୍ରନ୍ଥକୁ ଅଧ୍ୟୟନ କରିବାର ରଚି ରଖୁନଥିବାରୁ ସଂକ୍ଷିପ୍ତ ଏହି ପୁସ୍ତକ ଦ୍ୱାରା ଭାଗବତଙ୍କ କଥାବସ୍ତୁ ସହଜରେ ଜାଣିପାରିବେ ଏବଂ ମୂଳ ଗ୍ରନ୍ଥ ଅଧ୍ୟୟନ ପ୍ରତି ଆଗ୍ରହ ପ୍ରକାଶ କରିପାରନ୍ତି । ସେ ଆଶା ରଖନ୍ତି ଏହି ପୁସ୍ତକ ନିଶ୍ଚିତ ମୂଳ ଗ୍ରନ୍ଥ ପ୍ରତି ଆଗ୍ରହ ବର୍ଦ୍ଧନରେ ସାହାଯ୍ୟ କରିବ । ବର୍ତ୍ତମାନ ସମୟରେ ଯେତେବେଳେ କି ଆମ ଗ୍ରାମ୍ୟ ସଂସ୍କୃତି ଓ ଭାଗବତ ଟୁଙ୍ଗୀ ପରମ୍ପରା ବିଲୁପ୍ତିର ପଦଦେଶରେ ସେତେବେଳେ ଭାଗବତର ଆବଶ୍ୟକତା ଓ ସମାଜ ଗଠନରେ ଏହାର ଭୂମିକାକୁ ମର୍ମେ ମର୍ମେ ଉପଲବ୍ଧ କରି ଡ. ପଣ୍ଡାଙ୍କର ଏତାଦୃଶ ପଦକ୍ଷେପ ନିଶ୍ଚିତ ଭାବରେ ଅଭିନନ୍ଦନୀୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।



# ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଖର୍ଚ୍ଚକାଟ ପରାମର୍ଶବଳୀ

ଭୁବନେଶ୍ୱର, ୧୬/୫ (ନି.ପ୍ର): ବର୍ତମାନର ବିଶ୍ୱ ଆର୍ଥିକ ଅନିଶ୍ଚିତତା ଏବଂ ପ୍ରଚଳିତ ଆନ୍ତର୍ଜାତୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସରକାରୀ ଯାନବାହାନର ସଚେତନ ଏବଂ ସଂଯମୀ ବ୍ୟବହାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଆଦେଶ ଜାରି କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଅନୁସରଣ କରି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ସମ୍ବଳ, ବିଶେଷକରି ଇନ୍ଧନ ଏବଂ ଶକ୍ତିର ସୁଚିନ୍ତିତ ଓ ପୋଷଣୀୟ ପରିଚାଳନା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଅନାବଶ୍ୟକ ଇନ୍ଧନ ଖର୍ଚ୍ଚ କାଟ୍ କରିବା ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା କୁହାଯାଇଛି ଯେ ସରକାରୀ ଗାଡ଼ିର ସହଭାଗୀ ବ୍ୟବହାର ବିଭାଗର ଯେଉଁ ଅଧିକାରୀମାନେ ସରକାରୀ କାର୍ଯ୍ୟ ପାଇଁ ଯାନବାହାନ ବ୍ୟବହାର କରୁଛନ୍ତି, ସେମାନଙ୍କୁ ବିଶେଷ କରି ବିଭିନ୍ନ ବୈଠକ, ସରକାରୀ ପରିଦର୍ଶନ, ଯାଂଚ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମୟରେ "ଭେହିକିଲ ପୁଲିଂ" ବା "ରାଇଡ୍ ସେୟାରିଂ" କରିବାକୁ ପରାମର୍ଶ ଓ ଉତ୍ସାହିତ କରାଯାଇଛି । ଏହାଦ୍ୱାରା ଅନାବଶ୍ୟକ ଇନ୍ଧନ ବ୍ୟୟ ହ୍ରାସ ପାଇବା ସହ ଜାତୀୟ ଶକ୍ତି ସଂରକ୍ଷଣରେ ବଡ଼ ସହାୟତା ମିଳିବ । ଏହି ପୁଲିଂ ବ୍ୟବସ୍ଥାର ସମନ୍ୱୟ ଦାୟିତ୍ୱ ବୈଠକ କିମ୍ବା କାର୍ଯ୍ୟକ୍ରମରେ ଯୋଗଦେଉଥିବା ବରିଷ୍ଠ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିବ । କାର୍ଯ୍ୟାଳୟ ସମୟ ମଧ୍ୟରେ ମଧ୍ୟାହ୍ନ ଭୋଜନ କିମ୍ବା କୌଣସି ଅଣ-ଅତ୍ୟାବଶ୍ୟକ ତଥା ପରିହାରଯୋଗ୍ୟ କ୍ଷୁଦ୍ର-ଦୂରତା ବ୍ୟକ୍ତିଗତ ସୁବିଧା ପାଇଁ ସରକାରୀ ଯାନବାହାନ ବ୍ୟବହାର ନ କରିବାକୁ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି ।

# ନୀଳମଣି କଲେଜରେ ପୁସ୍ତକ ଦାନ ଉତ୍ସବ




ବସ୍ତା , ୧୬/୫ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଆନୁକୁଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପୁସ୍ତକ ଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅର୍ଥନୀତି ବିଭାଗର ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ବିଷୟବସ୍ତୁ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ଭାଗବତ ବେହେରା, ମୁଖ୍ୟବକ୍ତା ଭାବେ ରେମୁଣା ଡିଗ୍ରୀ ମହାବିଦ୍ୟାଳୟ ଗ୍ରନ୍ଥାଗାର ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ସୁବେଦାର ମେଜର ଗିରୀଶ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ରେଣୁବାଳା ଦାସ ଓ ଦୀନକୃଷ୍ଣ ମହାବିଦ୍ୟାଳୟର ଗଣିତ ବିଭାଗର ବିଭାଗୀୟ ମୁଖ୍ୟ ଡ. ହିମାଂଶୁ କୁମାର ସାମଲ ପ୍ରମୁଖ ଯୋଗଦେଇ ପୁସ୍ତକ ପଠନର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ବହି ଛାତ୍ରଛାତ୍ରୀ ମାନଙ୍କୁ ଜୀବନ ଗଠନ କ୍ଷେତ୍ରରେ ଅସଲ ବାଟ ବତାଏ ଓ ବହି ଛାତ୍ରଛାତ୍ରୀ ମାନଙ୍କର ପ୍ରକୃତ ବନ୍ଧୁ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ନୀଳମଣି ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡ. ଭାଗବତ ବେହେରା ମହାବିଦ୍ୟାଳୟ ପାଠାଗାରକୁ ୬୦୦ରୁ ଅଧିକ ପୁସ୍ତକ ପ୍ରଦାନ କରିଥିବା ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଆନୁକୁଲ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା । ଅଧ୍ୟାପକ ଶମ୍ଭୁନାଥ ଗିରି ଓ ଅଧ୍ୟାପିକା ପିନାକ୍ଷୀ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ଶ୍ରୀଧର ବେହେରା ଅତିଥି ପରିଚୟ କରିଥିବା ବେଳେ ଅଧ୍ୟାପକ ବିଜୟ କୁମାର ବେହେରା ଓ ରତ୍ନାକର ଗିରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆକାଶ ଦାସ, ରାଜେନ୍ଦ୍ର ଦାସ, ସଦାନନ୍ଦ ଦଳାଇ, ସେବତୀ ବର, ରିଙ୍କି ମାଇତି ଓ ରଣଜିତ୍ ତପସ୍ୱୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୁରାତନ ଛାତ୍ର ସଂସଦର ପ୍ରତିନିଧିଭାବେ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ନାଥ ପ୍ରଧାନ ଓ ପ୍ରକୃତିବନ୍ଧୁ ରବୀନ୍ଦ୍ରନାଥ ବେହେରା ଏହି ଉତ୍ସବରେ ଯୋଗଦେଇ ନିଜର ମତାମତ ରଖିଥିଲେ । ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶେଷରେ ପଦାର୍ଥ ବିଜ୍ଞାନ ବିଭାଗର ଡେମନଷ୍ଟ୍ରେଟର ବାସନ୍ତୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିର୍ବନ୍ଧ ପରଦିନ ପ୍ରେମିକାକୁ ହତ୍ୟା ଘଟଣାର ପର୍ଦ୍ଦାଫାସ୍

ଭୁବନେଶ୍ୱର, ୧୬/୫ (ନି.ପ୍ର): ଜଗତସିଂହପୁରରେ ନିର୍ବନ୍ଧ ପରଦିନ ପ୍ରେମିକାକୁ ହତ୍ୟା ଘଟଣାର ପର୍ଦ୍ଦାଫାସ୍ ହୋଇଛି । ସୁପାରୀ କିଲର ଲାଲୁ ଯାଦବକୁ ବିହାରରୁ ଗିରଫ ପରେ ଏସ୍‌ପି ପ୍ରେସମିଟ୍ କରି ଏନେଇ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଉଭୟେ ହତ୍ୟା ପାଇଁ ଜାମସେଦପୁରରୁ ଜଗତସିଂହପୁର ଆସିଥିଲେ । ଏକ ଲଜ୍‌ରେ ରହିଥିଲେ, ହତ୍ୟା ପାଇଁ ବାରମ୍ବାର ଉଦ୍ୟମ କରିଥିଲେ । କିନ୍ତୁ ସୁଯୋଗ ନ ମିଳିବାରୁ ପୁଣି ଜାମସେଦପୁର ଫେରି ଯାଇଥିଲେ । ହତ୍ୟା ପାଇଁ ଏପ୍ରିଲ ୧୭ରେ ପୁଣି ଜଗତସିଂହପୁର ଆସିଥିଲେ । ସୂର୍ଯ୍ୟକାନ୍ତ ସ୍ୱାଇଁ ଯୁବତୀଙ୍କୁ ବିଲକୁ ଡାକିଥିଲେ, ଉଭୟେ ହତ୍ୟା କରିଥିଲେ । ୨ ଲକ୍ଷର ଡିଲ୍ ହୋଇଥିଲା, ସୂର୍ଯ୍ୟକାନ୍ତ ୨୦ ହଜାର ଦେଇଥିଲା । ତେବେ ଲାଲୁ କୌଣସି ପ୍ରଫେସନାଲ ସୁପାରୀ କିଲର ନୁହେଁ ବୋଲି ଏସ୍‌ପି କହିଛନ୍ତି । ଜାମସେଦପୁରରେ ସୂର୍ଯ୍ୟକାନ୍ତର ଦୋକାନରେ କାମ କରୁଥିଲା ଲାଲୁ ବୋଲି ଏସପି କହିଛନ୍ତି । ସୂଚନାଯୋଗ୍ୟ, ମୃତ ଯୁବତୀଙ୍କର ଗତ ୧୯ ତାରିଖରେ ଅନ୍ୟତ୍ର ନିର୍ବନ୍ଧ ହେବାପରେ ୨୦ ତାରିଖ ସନ୍ଧ୍ୟାରେ ପଡିଶା ଘରକୁ ବୁଲିବାକୁ ଯାଇ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ୨୧ ତାରିଖ ଦିନ ମୁଗ ବିଲରୁ ତାଙ୍କର ମୃତଦେହ ପାଇଥିଲେ । ଅନ୍ୟତ୍ର ନିର୍ବନ୍ଧ ହେବାରୁ ରାଗିଯାଇ ତାଙ୍କୁ ହତ୍ୟା କରିଥିଲା ପ୍ରେମିକ ।

# ଡିପିପୁର ସମବାୟ ସମିତି କେନ୍ଦ୍ରରେ ଧାନମଣ୍ଡି ଖୋଲିଲା

ଜଳେଶ୍ୱର , ୧୬/୫ (ନି.ପ୍ର): ସରକାର ଙ୍କ ନିର୍ଦ୍ଦେଶ ଅନୁଯାଇ ଦକ୍ଷିଣ ପ୍ରହାରାଜପୁର ସେବା ସମବାୟ ସମିତି କେନ୍ଦ୍ର ରେ ଧାନମଣ୍ଡି ଶୁଭଆରମ୍ଭ ହୋଇଯାଇଛି, ଉକ୍ତ ଧାନମଣ୍ଡିକୁ ସମିତି ର ସଭାପତି ରଞ୍ଜନ କୁମାର ଜେନା ଶୁଭ ଉଦଘାଟନ କରିଥିଲେ, ଶ୍ରୀରାମପୁର ପଂଚାୟତ ର ସରପଞ୍ଚ ଶ୍ରୀ ଆଲୋକ କୁମାର ଗିରି, ସଦସ୍ୟ ଶ୍ରୀ ଗୋପାଳ ଚନ୍ଦ୍ର ସାମଲ, ସେବାସମବାୟ ସମିତି ର ସମସ୍ତ ନିର୍ଦ୍ଦେଶକ ଏବଂ ଚାଷୀ କମିଟି ର ରବୀନ୍ଦ୍ର କୁମାର ଜେନା ଙ୍କ ସହିତ ବିଭିନ୍ନ ଗ୍ରାମର ଚାଷୀ ମାନେ ଉପସ୍ଥିତ ଥିଲେ, ସମିତି ର ସମସ୍ତ କର୍ମଚାରୀ ମାନେ କାର୍ଯ୍ୟ କ୍ରମ କୁ ଆଗେଇ ନେଇ ଥିଲେ, ସେବା ସମବାୟ ସମିତି ଧାନ କିଣି ବାରେ ସମିତି ର କର୍ମଚାରୀ ମାନେ ଚାଷୀ ମାନଙ୍କୁ ସହଯୋଗ କରି



ଥାନ୍ତି ଏବଂ ସମିତି ର ସଭାପତି ଶ୍ରୀ ଜେନା ଓ ନିର୍ଦ୍ଦେଶକ ମାନଙ୍କ ଉପସ୍ଥିତ ରେ ଚାଷୀଙ୍କ ଧାନ କିଣା ଯାଇ ଥାଏ, ସରକାର ଙ୍କ ନିୟମ ଅନୁଯାଇ ସୁଚାରୁ ରୂପେ ଧାନ କିଣା ଯାଇଥାଏ ବୋଲି ଉପସ୍ଥିତ ଚାଷୀମାନେ ପ୍ରକାଶ କରିଥିଲେ, ଉକ୍ତ ଶୁଭାରମ୍ଭ କାର୍ଯ୍ୟ କ୍ରମରେ ଦକ୍ଷିଣ ପ୍ରହରାଜ ପୁର ପଂଚାୟତ ର ସମିତି ସଭ୍ୟ ଶ୍ରୀ ମୁକୁନ୍ଦ କୁମାର ସାମଲ ଯୋଗ ଦାନ କରିଥିଲେ ।

# ସେଲ୍ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସିକ ଓ ବାର୍ଷିକ ଫଳାଫଳ ଘୋଷଣା

ରାଉରକେଲା, ୧୬/୫ (ନି.ପ୍ର): ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍) ପକ୍ଷରୁ ମାର୍ଚ୍ଚ ୩୧ ତାରିଖରେ ଶେଷ ହୋଇଥିବା ତ୍ରୟମାସ ଏବଂ ଆର୍ଥିକ ବର୍ଷର ଫଳାଫଳ ଘୋଷଣା ହୋଇଛି । ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଅଶୋଧିତ ଇସ୍ପାତ ଉତ୍ପାଦନ ୧୯.୪୩ ନିୟୁତ ଟନ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଛି, ଯାହା ପୂର୍ବ ବର୍ଷରେ ଉତ୍ପାଦିତ ୧୯.୧୭ ନିୟୁତ ଟନ୍ ତୁଳନାରେ ୧.୪% ବୃଦ୍ଧି ହୋଇଛି । ସେହିପରି, ବିସ୍ତାରିତ ବଜାର ପ୍ରସାର, ଉଦ୍ଦେଶ୍ୟମୂଳକ ଇନଭେଣ୍ଟରୀ ହ୍ରାସ ଏବଂ ସୁବ୍ୟବସ୍ଥିତ ପ୍ରେରଣ ଦ୍ୱାରା ଚାଳିତ, ବିକ୍ରୟ ପରିମାଣ ୧୧.୪% ର ଏକ ଗୁରୁତ୍ୱପୂର୍ଣ୍ଣ ଦୁଇ ଅଙ୍କ ବୃଦ୍ଧି ପାଇଛି । ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୭.୮୯ ନିୟୁତ ଟନ୍ ରୁ ୧୯.୯୩ ନିୟୁତ ଟନ୍ କୁ ବୃଦ୍ଧି ପାଇଛି । ପୂର୍ବ ବର୍ଷ ଅପେକ୍ଷା ଏହି ବର୍ଷ କାର୍ଯ୍ୟରୁ ମୋଟ ରାଜସ୍ୱ ୧,୦୨,୪୭୮ କୋଟି ଟଙ୍କାରୁ ୧,୧୦,୮୧୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଟିକସ ପରବର୍ତ୍ତୀ ଲାଭ (ପିଏଟି) ୫୦.୫ % ବୃଦ୍ଧି ପାଇ ୩,୨୩୩ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷରେ ରେକର୍ଡ ହୋଇଥିବା ୨,୧୪୮ କୋଟି ଟଙ୍କା ତୁଳନାରେ ଏକ ବୃହତ ବୃଦ୍ଧି । ଏହା ବ୍ୟତୀତ, କମ୍ପାନୀ ଏହାର ମୋଟ ଋଣକୁ ପୂର୍ବ ବର୍ଷ ତୁଳନାରେ ୮,୧୪୮ କୋଟି ଟଙ୍କା ହ୍ରାସ କରି ଏହାର ବାଲାନ୍ସ ସିଟ୍ କୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିଛି । କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷରେ ସମସ୍ତ ପ୍ରମୁଖ ମାପଦଣ୍ଡରେ ଏକ ଦୃଢ଼ ପ୍ରଦର୍ଶନ ପ୍ରଦାନ କରିଛି, ଯାହା ଏହାର ମୁଖ୍ୟ ବ୍ୟବସାୟିକ



କାର୍ଯ୍ୟର ଦୃଢ଼ତା ଏବଂ ସ୍ଥିରତାକୁ ସ୍ପଷ୍ଟ କରିଛି । ଉନ୍ନତ ବିକ୍ରୟ ପରିମାଣ, ଇନଭେଣ୍ଟୋରୀ ଏବଂ ଋଣ ହ୍ରାସ ସହିତ ଉନ୍ନତ ଟେକ୍ନୋ-ଅର୍ଥନୈତିକ ପାରାମିଟର - ଯେପରିକି ବର୍ଦ୍ଧିତ ବ୍ଲାଷ୍ଟ ଫର୍ଣ୍ଣେସ୍ ଉତ୍ପାଦକତା ଏବଂ ଅପ୍ଟିମାଇଜ୍ଡ ଶକ୍ତି ବ୍ୟବହାର - କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଲାଭଦାୟକତାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି । ଉଲ୍ଲେଖନୀୟ ଯେ, ବିକଶିତ ଭୂରାଜନୈତିକ ପରିସ୍ଥିତିରୁ ଉପୁଜିଥିବା ଯୋଗାଣ ଶୃଙ୍ଖଳ ବାଧା ସତ୍ତ୍ୱେ, କମ୍ପାନୀ ଏହାର ସମ୍ବଳକୁ ସର୍ବୋତ୍ତମ ଭାବରେ ବ୍ୟବହାର କରି କାର୍ଯ୍ୟଦକ୍ଷତା ଗତିକୁ ବଜାୟ ରଖି ଚତୁରତା ପ୍ରଦର୍ଶନ କରିଛି । ଏହି ଫଳାଫଳ ଉପରେ ମତାମତ ଦେଇ, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡର ସିଏମଡି ଡକ୍ଟର ଏ.କେ. ପାଣ୍ଡା, 'ଆମର କାର୍ଯ୍ୟଦକ୍ଷତା ଆମର ମୂଳ କାର୍ଯ୍ୟର ଅନ୍ତର୍ନିହିତ ଶକ୍ତିକୁ ପ୍ରତିଫଳିତ କରେ, ଯାହା ବଜାର ଉପସ୍ଥିତିକୁ ବିସ୍ତାର କରିବା ଏବଂ ଚାହିଦା ସହିତ ଆମର ଉତ୍ପାଦ ପୋର୍ଟଫୋଲିଓକୁ ସମାନ କରିବା ପାଇଁ କେନ୍ଦ୍ରିତ ପ୍ରୟାସ ଦ୍ୱାରା ସମର୍ଥିତ । ବିକ୍ରୟ ପରିମାଣରେ ବୃଦ୍ଧି, ଇନଭେଣ୍ଟରୀ ଏବଂ ଋଣ ହ୍ରାସ ସହିତ, ଆମର ଲାଭକୁ ସୁଦୃଢ଼ କରି ପିବିଟି ଏବଂ ପିଏଟି ପୂର୍ବ ବର୍ଷ ତୁଳନାରେ ଯଥାକ୍ରମେ ୪୪% ଏବଂ ୫୦.୫% ଅଭିବୃଦ୍ଧି ପଞ୍ଜିକୃତ କରିଛି । ଆଗକୁ, ଆମେ ଆମର ପୋର୍ଟଫୋଲିଓରେ ମୂଲ୍ୟଯୁକ୍ତ ଏବଂ ସ୍ୱତନ୍ତ୍ର ଇସ୍ପାତର ଅଂଶ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେବୁ । ନିରନ୍ତର ଭିତ୍ତିଭୂମି ବିକାଶ ଦ୍ୱାରା ପରିଚାଳିତ ଘରୋଇ ଇସ୍ପାତ ବ୍ୟବହାର ପାଇଁ ଉତ୍ସାହଜନକ ଦୃଷ୍ଟିକୋଣ, ଆମର ସମ୍ପ୍ରସାରଣ ଯୋଜନା ପାଇଁ ଶୁଭଙ୍କର ଅଟେ । ଆମେ ଆମର ଅଂଶୀଦାରମାନଙ୍କୁ ସ୍ଥିର ମୂଲ୍ୟ ଏବଂ ଦୀର୍ଘକାଳୀନ ଅଭିବୃଦ୍ଧି ପ୍ରଦାନ କରିବାକୁ ପ୍ରତିବଦ୍ଧ ଅଟୁ । ' ବୋଲି ମତାମତ ଦେଇଛନ୍ତି ।

## ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ...

(ପୃଷ୍ଠା ୫ର ଅବଶିଷ୍ଟ) ରଘୁନାଥ ମୁର୍ମୁଙ୍କ ଘର ପାଖରେ ଏକ ମଞ୍ଚ ଥିଲା, ଯେଉଁଠାରେ ତାଙ୍କ ନାଟକ 'ବିଦୁ ଚାନ୍ଦାନ୍' ପ୍ରଥମ ମଞ୍ଚସ୍ଥ ହୋଇଥିଲା । ପରେ ସେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆସାମ ପରିଦର୍ଶନ କରି ସାନ୍ତାଳୀ ଭାଷା, ସାହିତ୍ୟ ଦିଗରେ ଲୋକମାନଙ୍କୁ ଅବଗତ କରାଇଥିଲେ ଏବଂ ଅଲଚିକି ଲିପି ଲେଖିବା ଶିଖାଉଥିଲେ । ଫଳରେ ଅଲଚିକି ଲିପି ସାନ୍ତାଳୀଲୋକଙ୍କ ପାଖରେ ପହଞ୍ଚିବା ସକ୍ଷମ ହୋଇଥିଲା । ଏହାଦ୍ୱାରା ଲୋକମାନେ ଜାଣିଲେ, ଶିଖିଲେ ଏବ ସାନ୍ତାଳୀ ଭାଷାର ସାହିତ୍ୟର ଉନ୍ନତ ଦିଗରେ ଯତ୍ନବାନ ହେଲେ । ରଘୁନାଥ ମୁର୍ମୁଙ୍କର ଏହିପରି ସାମାଜିକ ମହତ୍ୱ କର୍ମ ପାଇଁ ଲୋକମାନେ ତାଙ୍କୁ ଶିକ୍ଷକ ଭାବେ ପୂଜା କରିଲେ । ପରେ ତାଙ୍କୁ 'ପଣ୍ଡିତ' ସମ୍ବୋଧନ କରିଲେ । ସାନ୍ତାଳୀ ଭାଷା ଓ ସାହିତ୍ୟ ପାଇଁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନ ଅତୁଳନୀୟ, ତେଣୁ ତାଙ୍କୁ 'ପାର୍ଶୀ ସିଞ୍ଜଚାନ୍ଦ' କୁହାଗଲା । ରାଞ୍ଚି ବିଶ୍ୱବିଦ୍ୟାଳୟ ଦ୍ୱାରା ଡକ୍ଟରେଟ୍, ପଶ୍ଚିମବଙ୍ଗ ସରକାର ଓ ଓଡ଼ିଶା ସାହିତ୍ୟ ଆକାଦେମୀ ଦ୍ୱାରା ମଧ ତାଙ୍କୁ ସମ୍ମାନିତ କରାଯାଇଛି । ଆଦିବାସୀ ସମ୍ପ୍ରଦାୟର ଜଣେ ଆଧ୍ୟାତ୍ମିକ ଏବଂ ସାମାଜିକ ଜନନେତା ଭାବେ ବ୍ୟାପକ ବିବେଚନା କରାଯାଏ । ଆଦିବାସୀ ସାନ୍ତାଳ ସମ୍ପ୍ରଦାୟରେ ଜନ୍ମଗ୍ରହଣ କରିଥିବା ଯୁଗ ପୁରୁଷ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପରଲୋକ ୧୯୮୨ ଫେବୃଆରୀ ୧ ତାରିଖରେ ହୋଇଥିଲା ।

ବାଲେଶ୍ୱର, ମୋ-୯୩୩୭୪୦୪୨୫୪

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଜିନପିଙ୍ଗଙ୍କ 'ପାୱାର ପ୍ଲେ'...

ପୁଟିନଙ୍କ ଗସ୍ତ ସି ଜିନପିଙ୍ଗଙ୍କ ସହିତ ନିଶ୍ଚିତ କରିବା ପାଇଁ ଯେ ଆମେରିକା ସହିତ ହୋଇଥିବା କୌଣସି ଚୁକ୍ତି ପାଇଁ ରୁଷକୁ ମୂଲ୍ୟ ଦେବାକୁ ପଡ଼ିବ ନାହିଁ । ଏହି ଗସ୍ତ ଚୀନ୍ ଏବଂ ଆମେରିକା ମଧ୍ୟରେ ସର୍ବାଧିକ ଆଲୋଚିତ ପ୍ରସଙ୍ଗଗୁଡ଼ିକର ଏକ ଡିବ୍ରିଫିଂ ମଧ ହୋଇପାରେ । ୧୯୭୦ ଦଶକରେ, ଆମେରିକୀୟ କୂଟନୀତିଜ୍ଞ ହେନରୀ କିସିଞ୍ଜର ଚୀନ୍ ଏବଂ ସୋଭିଏତ୍ ୟୁନିଅନ୍ (ରୁଷ) ମଧ୍ୟରେ ଫାଟ ସୃଷ୍ଟି କରିବା ପାଇଁ 'ଡିଭାଇଡ୍ ଆଣ୍ଡ ରୁଲ୍' ନୀତି ଗ୍ରହଣ କରିଥିଲେ । କିସିଞ୍ଜର ଚୀନ୍‌କୁ ଆମେରିକାର ନିକଟତର କରିଥିଲେ । କୂଟନୀତିଜ୍ଞ ବିଶେଷଜ୍ଞମାନଙ୍କ ଅନୁସାରେ ଡୋନାଲ୍ଡ ଟ୍ରମ୍ପ 'କିସିଞ୍ଜର ୨.୦' ରଣନୀତି ଅନୁସରଣ କରୁଛନ୍ତି । ଟ୍ରମ୍ପଙ୍କ ଲକ୍ଷ୍ୟ ହେଉଛି ରୁଷ ଏବଂ ଚୀନ୍ ମଧ୍ୟରେ ଥିବା 'ସୀମାହୀନ' ସହଭାଗୀତାରେ ଫାଟ ସୃଷ୍ଟି କରିବା । ସେ ବାଣିଜ୍ୟ ପ୍ରୋତ୍ସାହନ ପ୍ରଦାନ କରି ଚୀନ୍‌କୁ ରୁଷଠାରୁ ଦୂରେଇ ରଖିବାକୁ ଚାହୁଁଛନ୍ତି । ପୁଟିନଙ୍କ ଗସ୍ତ ଆମେରିକାକୁ ପୁଣି ଥରେ ସେହି ପଦକ୍ଷେପ ନେବାରୁ ରୋକିବା ପାଇଁ ଯୋଜନା କରାଯାଇଛି । ପୁଟିନ ନିଶ୍ଚିତ କରିବାକୁ ଚାହୁଁଛନ୍ତି ଯେ, ଟ୍ରମ୍ପ ତାଙ୍କର 'ଡିଭାଇଡ୍ ଆଣ୍ଡ ରୁଲ୍' ନୀତି ହାସଲ କରିବାରେ ବିଫଳ ହୁଅନ୍ତୁ । ପୁଟିନଙ୍କ ଗସ୍ତର ସମୟ ମଧ ଚୀନ୍ ପକ୍ଷରୁ ଆମେରିକାକୁ ଏକ ଦୃଢ଼ ଏବଂ ଦୃଢ଼ କୂଟନୈତିକ ବାର୍ତ୍ତା ପ୍ରଦାନ କରୁଛି । ସି ଜିନପିଙ୍ଗ ଟ୍ରମ୍ପଙ୍କୁ ଜଣାଇବାକୁ ଚାହୁଁଛନ୍ତି ଯେ, ବାଣିଜ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ପ୍ରସଙ୍ଗରେ ଚୀନ୍ ଏବଂ ଆମେରିକା ମଧ୍ୟରେ ଯେତେ ସକାରାତ୍ମକ ଆଲୋଚନା ହେଉନା କାହିଁକି, ରୁଷ ସହିତ ଚୀନ୍‌ର ରଣନୈତିକ ସହଭାଗୀତା ସହ ଆପତ୍ତି କରାଯିବ ନାହିଁ । ଚୀନ୍ ବିଶ୍ୱକୁ ପ୍ରଦର୍ଶନ କରିବାକୁ ଚାହୁଁଛି ଯେ, ନିଜ ବୈଦେଶିକ ନୀତିରେ ସମ୍ପୂର୍ଣ୍ଣ ସ୍ୱାଧୀନ । ଏହା ଆମେରିକା ସହିତ ବାଣିଜ୍ୟ କରିବ, କିନ୍ତୁ ରୁଷ ସହିତ ନିଜର ସାମରିକ ଏବଂ ଶକ୍ତି ସମ୍ପର୍କକୁ ମଧ ଜୋରଦାର୍ ଭାବରେ ଆଗକୁ ବଢ଼ାଇବ । ଏହି ତ୍ରିକୋଣୀୟ କୂଟନୀତିରେ ତାଇୱାନ ଏବଂ ବିଶ୍ୱ ଶକ୍ତି ସୁରକ୍ଷା ମଧ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

## ଖଣି କମ୍ପାନୀଙ୍କୁ ...

ଖଣି ଖାଦାନ ଅଞ୍ଚଳରେ ଉଡୁଥିବା ଧୂଳିକଣା ପାଇଁ ସେହି ଅଞ୍ଚଳର ଅନେକ ଲୋକେ ପ୍ରଭାବିତ ହେଉଛନ୍ତି । ରୋଗ ଧୀରେ ଧୀରେ ବୃଦ୍ଧି ପାଇ ବଡ଼ ରୋଗରେ ପରିଣତ ହୁଏ ତେଣୁ ସେହି ଅଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ମେଗା ହେଲ୍‌ଥ କ୍ୟାମ୍ପ କରି ଉଚ୍ଚମାନର ଚିକିତ୍ସା ଦେବାକୁ ଓଏମସିକୁ ନିର୍ଦ୍ଦେଶ ଦେଇଛନ୍ତି । ବେସରକାରୀ ମାଇନ୍ସ ଶତ ପ୍ରତିଶତ ମେସିନରେ କାମ କରୁଛନ୍ତି । କିନ୍ତୁ ସେହି ଖଣି ବିସ୍ଥାପିତ ଲୋକଙ୍କୁ ଭୁଲି ଯାଉଛନ୍ତି । ତେଣୁ ତାଙ୍କ ଆର୍ଥିକ ବିକାଶ ପ୍ରତି ଆମକୁ ଧ୍ୟାନ ଦେବାର ଆବଶ୍ୟକତା ଅଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଖଣି ଉତ୍ତୋଳନ ସମୟରେ ପରିବେଶ ଉପରେ ଧ୍ୟାନ ଦେବାକୁ ମଧ କହିଛନ୍ତି ।

## ଆଶ୍ୱାସନା ସତ୍ତ୍ୱେ ବି ...

ପମ୍ପ ଖୋଲିବା ଆଗରୁ ସବୁଠି ଲାଗିଥିଲା ଲମ୍ବା ଧାଡ଼ି । ବାଇକ୍, କାର, ଅଟୋ ଏମିତି ୫ରୁ ୧୦ ପର୍ଯ୍ୟନ୍ତ ଅଲଗା ଅଲଗା ଧାଡ଼ି ଲାଗିଥିଲା । ଖରାରେ ଘଣ୍ଟା ଘଣ୍ଟା ଛିଡା ହୋଇ ତେଲ ପକାଇଥିଲେ ଗାଡି ଚାଳକ । ଦିନ ତମାମ ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା ତେଲ ପାଇଁ ସଂଘର୍ଷର ଏମିତି ଦୃଶ୍ୟ । ରାଜ୍ୟର ପ୍ରାୟ ୧୨୦ରୁ ଅଧିକ ପେଟ୍ରୋଲ ପମ୍ପ ବନ୍ଦ ରହିଛି । କିନ୍ତୁ ସରକାରଙ୍କ ତଥ୍ୟ ଅନୁସାରେ, ରାଜ୍ୟର ୨୮୦୦ ପମ୍ପରୁ ମାତ୍ର ୬୦ଟି ପମ୍ପ ବନ୍ଦ ରହିଥିଲା । ଖୋଲିଥିବା ବହୁ ପମ୍ପରେ କଟକଣା ଭିତରେ ତେଲ ଦିଆଯାଉଛି । ନର୍ମାଲ ପେଟ୍ରୋଲ ବଦଳରେ ସ୍ପିଡ୍ ପେଟ୍ରୋଲ ବିକ୍ରି କରାଯାଉଛି । ଦକ୍ଷିଣ ଓଡ଼ିଶାର ଅନେକ ଟାଙ୍କିରେ ଡିଜେଲ ମିଳୁନି । ଯାହାକୁ ନେଇ ଲୋକେ ଭୟଭୀତ ହୋଇ ଯେଉଁଠି ତେଲ ମିଳୁଛି ସେଠି ଭିଡ଼ ଲଗାଉଛନ୍ତି । ତେବେ ଯେଉଁ ଟାଙ୍କିରେ ତେଲ ନାହିଁ, ସେଠାକୁ ତୁରନ୍ତ ପଠାଇବାକୁ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି ତୈଳ କମ୍ପାନୀ କର୍ତ୍ତୃପକ୍ଷ । ଏବଂ ରବିବାର ସନ୍ଧ୍ୟା କିମ୍ବା ସୋମବାର ସକାଳ ସୁଦ୍ଧା ସ୍ଥିତି ସ୍ୱାଭାବିକ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଖଇରା ମାଇନିଂ ଅଧିକାରୀଙ୍କୁ ...

କୁପାରି ଅଞ୍ଚଳରେ ରାତିରେ ମୋରମ ଚୋରା ଚାଲାଣ ହେଉଥିବା ବେଳେ ଖବର ପାଇ ଖଇରା ଜୁନିୟର ମାଇନିଂ ଅଧିକାରୀ ଅଭିଷେକ ବେହେରା ୨ଜଣ ପୋଲିସ୍ କର୍ମଚାରୀଙ୍କୁ ନେଇ ପେଟ୍ରୋଲିଂରେ ଯାଇଥିଲେ । ଏହି ସମୟରେ ଗୋଟିଏ କାର ଏବଂ ୨ଟି ବାଇକରେ ମୋରମ ମାଫିଆମାନେ ଆସି ସୁନ୍ଦରପୁର ଛକ ନିକଟରେ ଗାଡିକୁ ପଥର ଫିଙ୍ଗିଥିଲେ । ଗାଡ଼ିର କାଚ ଭାଙ୍ଗିବା ସହ ଅଚାନକ ଆକ୍ରମଣ କରିଥିଲେ । ଅଧିକାରୀ ନିଜକୁ ବଞ୍ଚାଇବାକୁ ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି ଗାଡ଼ିଟିକୁ ନେଇ ସିଧା ଖଇରା ଥାନାକୁ ଆସିଥିଲେ । ମୋରମ୍ ମାଫିଆ ମାନେ ପଛେ ପଛେ ଆସି ଥାନା ସମ୍ମୁଖରେ ଅଧିକାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ପଳାଇ ଯାଇଥିଲେ । ଏ ନେଇ ମାଇନିଂ ଅଧିକାରୀ ଖଇରା ଥାନାରେ ସୂଚନା ଦେବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ । ପରେ ନୀଳଗିରି ଏବଂ ସୋର ଜୁନିୟର ମାଇନିଂ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

## ବାଘଛାଲ ...

ବଣଜଙ୍ଗଲ ଅଞ୍ଚଳରେ ୪ଜଣ ଲୋକ ଦୌଡୁଥିବା ପୁଲିସ ଦେଖିବାକୁ ପାଇଥିଲା । ପୁଲିସ ସେମାନଙ୍କୁ ଅନୁସରଣ କରିଥିଲା । ଏହି ସମୟରେ ଅଭିଯୁକ୍ତମାନେ ପୁଲିସକୁ ଧକ୍କା ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ । ଜଣେ ଅଭିଯୁକ୍ତ ଖଣ୍ଡା ଦେଖାଇ ପୁଲିସକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା । ସେହି ସମୟରେ ଅଭିଯୁକ୍ତମାନଙ୍କୁ ପୁଲିସ ଧରିବା ସହଜ ନଥିଲା । ତେବେ କୌଶଳ କ୍ରମେ ପୁଲିସ ସେମାନଙ୍କୁ ନିଜର ଅକ୍ତିଆରକୁ ଆଣିଥିଲା । ତେବେ ଜଣେ ଅଭିଯୁକ୍ତ ବନ୍ଧୁକ ସହିତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ସାମ୍ବାଦିକ ସମ୍ମିଳନୀରେ ପୁଲିସ କହିଛି, ଚଢଉ ସମୟରେ ଅଭିଯୁକ୍ତମାନଙ୍କ ଠାରୁ ଝୋଟରେ ନିର୍ମିତ ଏକ ବ୍ୟାଗ୍‌କୁ ପୁଲିସ ଜବତ କରିଥିଲା, ଯେଉଁଥିରେ ଏକ ପୂର୍ଣ୍ଣ ବାଘଛାଲ ଥିଲା । ବ୍ୟାଗ୍ ଭିତରେ ୨ଟି ଜୀବନ୍ତ ବୋମା ଥିଲା । ପୁଲିସକୁ ଅନ୍ୟ ଆପତ୍ତିଜନକ ଜିନିଷପତ୍ର ମଧ୍ଧ ମିଳିଥିଲା ।

## ଭାରତକୁ ଛୁଇଁଲା...

ଦକ୍ଷିଣ ପଶ୍ଚିମ ମୌସୁମୀ ପାରମ୍ପରିକ ଭାବେ କେରଳମ ଦେଇ ଭାରତର ବିଭିନ୍ନ ସ୍ଥାନକୁ ପ୍ରବେଶ କରିଥାଏ । ଜୁନ ୧ରେ ଏହା କେରଳମ ସ୍ପର୍ଶ କରିବା ସହ ସେପ୍ଟେମ୍ବର ଯାଏ ସମଗ୍ର ଦେଶରେ ନିଜର ଦବଦବା ଦେଖାଇଥାଏ । ଏଥର ମୌସୁମୀ ଉପରେ ଏଲ ନିନୋର ପ୍ରଭାବ ଅଧିକ ଥିବାରୁ ସ୍ୱାଭାବିକ ଠାରୁ କମ ବର୍ଷା ହେବ । ଦେଶର ଜିଡିପିରେ କୃଷି କ୍ଷେତ୍ରର ଅବଦାନ ୧୮% । ସେହିପରି ଦେଶର ୪୨% ଲୋକ କୃଷି ଉପରେ ନିର୍ଭର କରନ୍ତି । ତେଣୁ ମୌସୁମୀ ସ୍ୱାଭାବିକ ଠାରୁ କମ ବର୍ଷିବା ଭଲ ସଙ୍କେତ ନୁହେଁ । ମୌସୁମୀ ଉପରେ ଦେଶର ୫୨% ଉତ୍ପାଦନ ନିର୍ଭର କରିଥାଏ । ସେହିପରି ପିଇବା ପାଣି ଯୋଗାଣ ଓ ବିଜୁଳି ଉତ୍ପାଦନରେ ମଧ ଭଲ ମୌସୁମୀ ସହାୟକ ହୋଇଥାଏ ।

## ମୁମ୍ବାଇ ପରେ...

ପଟ୍ଟାମୁଣ୍ଡାଇ କୁପୁଣି ଗାଁର ଅନନ୍ତ ସେନାପତିଙ୍କ ପରିବାରର ଗତକାଲି ରାତିରେ ଖାଦ୍ୟ ଖାଇବା ପରେ ବିଗିଡ଼ି ଯାଇଥିଲା ସ୍ୱାସ୍ଥ୍ୟାବସ୍ଥା । ପରିବାରର ସଦସ୍ୟ ଭାତ, ଡାଲି ସହ ପୋଇ ରାଇ ଖାଇଥିଲେ । ବାସ୍ କିଛି ଘଣ୍ଟାରେ ସମସ୍ତଙ୍କ ମୁଣ୍ଡ ବୁଲାଇଥିଲା, ପେଟ ବ୍ୟଥା ହେବା ସହ ଦେହ ତାତି ଯାଇଥିଲା । ତୁରନ୍ତ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ଅତ୍ୟଧିକ ବିଗିଡ଼ି ଯାଇଥିଲା ସପ୍ତମ ଶ୍ରେଣୀ ଛାତ୍ର ସ୍ୱାଧୀନ ସେନାପତିଙ୍କ ସ୍ୱାସ୍ଥ୍ୟ । କଟକ ସ୍ଥାନାନ୍ତର ସିନା ହେଇଥିଲେ ହେଲେ ସେତେବେଳକୁ ସେ ଆଖି ବୁଜିଥିଲେ । ଏବେ ବି ପରିବାରର ଅନ୍ୟ ସଦସ୍ୟ ମେଡିକାଲରେ ହେଉଛନ୍ତି ଚିକିତ୍ସିତ । ଅଚାନକ ସ୍ୱାସ୍ଥ୍ୟ ବିଗିଡ଼ିବା, ସବୁ ଏକାଥରେ ଅସୁସ୍ଥ ହେବା ଘଟଣା ବୁଝୁ ବୁଝୁ ସାମ୍ନାକୁ ଆସିଛି ତରଭୁଜ । ସକାଳେ ଓ ସଂଧ୍ୟାରେ ଘରର କିଛି ସଦସ୍ୟ ତରଭୁଜ ଖାଇଥିଲେ । ମାଆ ତରଭୁଜ କାଟି ଖୋଲାରେ ଏହାକୁ ରଖିଥିଲେ, ପରିବାରର କିଛି ଲୋକେ ସେଠୁ ଖାଇଥିବା ଜଣାପଡ଼ିଛି । ତାସହ ପୋଇ ରାଇ ବି ଖାଇଥିଲେ । ତେଣୁ ଖାଦ୍ୟ ବିଷାକ୍ତରୁ ଏପରି ହେଇଥାଇପାରେ ବୋଲି ଅନୁମାନ କରାଯାଉଛି ।

## ଆଜି ଦୁଇ ଦିନିଆ ...

ଇନଷ୍ଟିଚ୍ୟୁଟ ଅଫ ଫିଜିକାଲ ହେଲ୍‌ଥ (ଏଆଇପିଏଚ୍) ବିଶ୍ୱବିଦ୍ୟାଳୟ ପରିସରରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଲ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଶିବିରର ଉଦ୍‌ଘାଟନ କରିବେ । ଏହା ପରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ମହାପ୍ରସାଦ ସେବନ କରିବେ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି ।

# ନୂତନ ଭାଗବତ ଟୁଙ୍ଗିର ଗୃହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ



ନୀଳଗିରି , ୧୬/୫ (ନି.ପ୍ର): ଔପଦା ବ୍ଲକ୍ ଗୋପ ଶ୍ୟାମସୁନ୍ଦରପୁର ଭାଗବତ ଟୁଙ୍ଗୀର ନୂତନ ଗୃହପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶତାଧିକ ଭାଗବତପ୍ରେମୀ ପୁରୁଷ ଓ ମହିଳା ଯୋଗଦାନକରି କଳସ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଗତ ୧୫ତାରିଖ ଶୁକ୍ରବାର ଠାରୁ ଭାଗବତପାରାୟଣ କାର୍ଯ୍ୟ ଆରମ୍ଭହୋଇ ଦୀର୍ଘ ୭ଦିନ ବ୍ୟାପି ଚାଲୁରହିବା ସହ ଆସନ୍ତା ତା ୨୧/୦୫/୨୬ ରିଖରେ ସମାପନ ହେବ। ଏହି ପାରାୟଣ କାର୍ଯ୍ୟକ୍ରମକୁ ଗୋପ ଶ୍ୟାମସୁନ୍ଦରପୁର ଭାଗବତଟୁଙ୍ଗିର ପରିଚାଳନା ପରିଷଦ ର ସଭାପତି ଶ୍ରୀଯୁକ୍ତ ହରେକୃଷ୍ଣ ରାଉତ, ସମ୍ପାଦକ ଶ୍ରୀଯୁକ୍ତ ସୁନୀଲ କୁମାର ବେହେରା, ଉପସଭାପତି ଶ୍ରୀଯୁକ୍ତ ପଞ୍ଚାନନ ଦାସ , ସହସଂପାଦକ ଶ୍ରୀଯୁକ୍ତ ଶ୍ରୀଧର ବେହେରା, କୋଷାଧକ୍ଷ ଶ୍ରୀଯୁକ୍ତ ବସନ୍ତ କୁମାର ବେହେରା, ସଭ୍ୟ ଶ୍ରୀ ମହେନ୍ଦ୍ର ପରିଡା, ଶ୍ରୀ ସୁରେନ୍ଦ୍ର ପରିଡା ,ଶ୍ରୀମତୀ ଗୌରୀ ପରିଡା, ଶ୍ରୀମତୀ ଭାରତୀ ଜେନା, ଶ୍ରୀମତୀ ଇତିଶ୍ରୀ ପୃଷ୍ଟି, ଶ୍ରୀ ଉମେଶ ପରିଡା, ଶ୍ରୀ ବାଇଧର ବାଗ, ଶ୍ରୀ ଦିବାକର ଦେଉରି, ଶ୍ରୀମତୀ ରାଧାମଣୀ ବାଗ, ଶ୍ରୀମତୀ ମାଳତୀ ଦାସ, ଶ୍ରୀମତୀ ବାସନ୍ତୀ ବେହେରା, ଶ୍ରୀମତୀ ଯଶୋଦା ପରିଡା, ଶ୍ରୀ ଲକ୍ଷ୍ମୀକାନ୍ତ ପରିଡା , ଶ୍ରୀମତୀ ଗୌରୀମଣି ପରିଡା ଓ ଅନ୍ୟାନ୍ୟ ସଭ୍ୟ/ସଭ୍ୟା ମାନେ ପରିଚାଳନା କରିଥିଲେ।

# କ୍ୟାପିଟାଲ ଇଞ୍ଜିନିୟରିଂ କଲେଜର ସ୍ପନ୍ଦନଶୀଳ ସାଂସ୍କୃତିକ କାର୍ଯ୍ୟକ୍ରମ 'କ୍ୟାପକ୍ରେଷ୍ଟ-୨୦୨୬' ଅନୁଷ୍ଠିତ




ଖୋରଧା, ୧୬/୫ (ନି.ପ୍ର): ଖୋରଧା ନିକଟବର୍ତ୍ତୀ ମହତାପଲ୍ଲୀ ଠାରେ ଅବସ୍ଥିତ କ୍ୟାପିଟାଲ ଇଞ୍ଜିନିୟରିଂ କଲେଜ ର ସାଂସ୍କୃତିକ କାର୍ଯ୍ୟକ୍ରମ'କ୍ୟାପକ୍ରେଷ୍ଟ '-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ସାଂସ୍କୃତିକ ମହୋତ୍ସବ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ବିଷୟଗୁଡ଼ିକରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ। କଲେଜ ର ଅଧକ୍ଷ ଡକ୍ଟର ଚିନ୍ମୟ ରଞ୍ଜନ ପଟ୍ଟନାୟକ ତାଙ୍କ ସ୍ୱାଗତ ଭାଷଣରେ ଶିକ୍ଷାଗତ ଏବଂ ସହ-ପାଠ୍ୟକ୍ରମ ସଫଳତା ଉପରେ ଆଲୋକପାତ କରିବା ସହିତ ଏକ ସଫଳ ସହାୟକ ପରିବେଶ ସୁନିଶ୍ଚିତ କରିବା ପାଇଁ ବ୍ୟକ୍ତିଗତ ଅଭିବୃଦ୍ଧି, ସ୍ଥିରତା ଏବଂ ପିତାମାତାଙ୍କ ସହିତ ସହଭାଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଦେଶକ, ସି.ଇ.ସି. ଡକ୍ଟର ସୌମ୍ୟ ଦର୍ଶନ ମହାନ୍ତି ତାଙ୍କ ବକ୍ତବ୍ୟ ରେ ବିଗତ ବର୍ଷର ସଫଳତା ଉପରେ ଆଲୋକପାତ କରିବା ସହିତ , କଲେଜ ଛାତ୍ର ଛାତ୍ରୀ ମାନଙ୍କର ପାସ ପ୍ରତିଶତ, ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ର ଏବଂ ଛାତ୍ରବୃତ୍ତି ପୁରସ୍କାର ବିଷୟରେ ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା, ମହାନଦୀ କୋଲଫିଲ୍ଡ ଲିମିଟେଡ୍ ର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ତାଙ୍କ ପ୍ରେରଣାଦାୟକ ଭାଷଣରେ ଇଞ୍ଜିନିୟରିଂ କିପରି ପ୍ରତିବନ୍ଧକ ବିଜ୍ଞାନକୁ ବାସ୍ତବତାରେ ପରିଣତ କରେ ତାହା ସାମାଜିକ ପ୍ରଗତିକୁ ଆଗେଇ ନେବା, ଆଧୁନିକ ଭିତ୍ତିଭୂମି ନିର୍ମାଣ କରିବା ଏବଂ ବିଶ୍ୱ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଏବଂ ପ୍ରସିଦ୍ଧ ସ୍ନାୟୁ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ମହାପାତ୍ର ତାଙ୍କ ଭାଷଣରେ ଅତ୍ୟାଧୁନିକ ଚିକିତ୍ସା ପ୍ରଯୁକ୍ତିବିଦ୍ୟାକୁ କରୁଣାପୂର୍ଣ୍ଣ, ରୋଗୀ-ପ୍ରଥମେ ଯତ୍ନ ସହିତ ସନ୍ତୁଳିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଡାକ୍ତର ମାନେ ଆର୍ଥିକ ଲାଭ ଅପେକ୍ଷା ରୋଗୀ କୁ ବଞ୍ଚେଇ ରଖିବା ଏବଂ ସାନ୍ତ୍ୱନାକୁ ପ୍ରାଥମିକତା ଦେବା ଉଚିତ ବୋଲି କହିଛନ୍ତି । ତାଙ୍କ ବକ୍ତବ୍ୟ ରେ ସେ ଭୁବନେଶ୍ୱର ଠାରେ ଥିବା ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଏବଂ ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ଆୟ ପରିବାରଗୁଡ଼ିକୁ ସେବା କରିବା ମଧ୍ୟରେ ସନ୍ତୁଳନ ବଜାୟ ରଖିବା ପାଇଁ କହିଥିଲେ। ଯମଜ ଜଗା ଏବଂ ବଳିଆ ଙ୍କ ଐତିହାସିକ ପୃଥକୀକରଣ ଅସ୍ତ୍ରୋପଚାର ତାଙ୍କ ଜୀବନ ର ଏକ ଐତିହାସିକ ମୁହୂର୍ତ୍ତ ଥିଲା ବୋଲି ସେ କହିବା ସହିତ ଜଟିଳ ଶିଶୁ ନ୍ୟୁରୋସର୍ଜରୀର ମୁକାବିଲା ପାଇଁ ଅଟଳ ସାହସ, ସୂକ୍ଷ୍ମ ଯୋଜନା ଏବଂ ଦୃଢ଼ ବହୁବିଧ ଦଳଗତ କାର୍ଯ୍ୟ ଆବଶ୍ୟକତା ଅଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଇସିର ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ରାଉତ, ସିଇଓ, ବାଟୋଇ, ସିଷ୍ଟମ ଆଇଟିଡି, ଡ. ଅଶ୍ୱିନୀ କୁମାର ରଥ,ସିଇସିର ପ୍ରତିଷ୍ଠାତା ସୁବାଷ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ସ୍ନାତକ ଇଞ୍ଜିନିୟର ମାନଙ୍କୁ ଡିଗ୍ରୀ ପ୍ରମାଣପତ୍ର ସହିତ ସମ୍ମାନିତ କରିଥିଲେ ଏବଂ ସିଇସିର ବାର୍ଷିକ ପତ୍ରିକା 'ଦି କ୍ୟାପିଟାଲ କ୍ରେସେଣ୍ଟ ୨୦୨୬' କୁ ଉନ୍ମୋଚନ କରିଥିଲେ ଏବଂ କ୍ରୀଡ଼ା କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ସଂଯୋଜକ ଅଚ୍ୟୁତାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସାମାଜିକ ସୁରକ୍ଷାରୁ ବଂଚିତ ଟେମ୍ପା ହେମ୍ବ୍ରମ

ଉଦଳା, ୧୬/୫ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ଘୁଂଟିବଣି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଥଳ ହେମ୍ବ୍ରମଙ୍କର ପୁତ୍ର ଟେମ୍ପା ହେମ୍ବ୍ରମ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଟେମ୍ପା ବର୍ତମାନ ୬୫ ବର୍ଷ ବୟସରଙ୍କ ପଦାର୍ପଣ କଲେ । ତେବେ ତାଙ୍କୁ ଭତା ଯୋଗାଇଦେବାକୁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଟେମ୍ପାଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତା ଯୋଗାଇ ଦେବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି ।

# ନୀଳଗିରିରେ ବଢ଼ିଚାଲିଛି ଡକାୟତି: ଝରକା ଭାଙ୍ଗି ଲୁଟିନେଲେ ୧୦ଲକ୍ଷ ଟଙ୍କାର ସୁନାଗହଣା



ନୀଳଗିରି , ୧୬/୫ (ନି.ପ୍ର): ସତେକି ନୀଳଗିରି ପାଲଟିଛି କି ଡକାୟତ ଓ ଲୁଟେରାମାନଙ୍କ ଚରା ଭୂମି? କାହିଁକି ଏମାନଙ୍କୁ ଆୟତ୍ତ କରାଯାଇପାରୁନାହିଁ। ବର୍ଷତମାମ କଉଠି ନା କଉଠି ଚୋରୀ ରାହାଜାନୀ ଡ଼କାୟତି ଭଳି ଘଟଣା ଦେଖିବାକୁ ମିଳୁଛି। ପୋଲିସର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନବାଚୀ ଉଠିଛି। ଉଠିବା ସ୍ୱାଭାବିକ। ନୀଳଗିରି ସହରର ୭ନଂ ୱାର୍ଡ ବାଲିଗୋହିରୀ ସାଇରାମ କଲୋନୀରେ ଅବସ୍ଥାନ କରୁଥିବା ପରମାନନ୍ଦ ସାହୁଙ୍କ ବାସଭବନରୁ ଗତ ୧୫ତାରିଖ ରାତିରେ ପଛପଟ ଝରକାଗ୍ରିଲ ଭାଙ୍ଗି ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ଏବଂ ନଗଦ ୪୦ହଜାର ଟଙ୍କା ଚୋରି ହୋଇଥିବା ନେଇ ପରମାନନ୍ଦଙ୍କ ପୁଅ କାହ୍ନୁଚରଣ ସାହୁ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଶ୍ରୀଯୁକ୍ତ ସାହୁ ହାତ ଅପରେସନ ପାଇଁ ନିଜ ସ୍ତ୍ରୀଙ୍କ ସହିତ କଟକ ଯାଇଥିବା ଏବଂ ପୁଅ କାହ୍ନୁ ସମ୍ବଲପୁର ଯାଇଥିବାର ସୁଯୋଗନେଇ ଡକାୟତମାନେ ଝରକାଗ୍ରିଲ୍ ଭାଙ୍ଗି ଶୋଇବାଘର ଚାବିଭାଙ୍ଗି ସୁନାର ଚିକହାର(୧), ଚେନ୍(୨ଟା), କାନଫୁଲ (୩ହଳ), ମୁଦି(୪ଟା), ମଙ୍ଗଳସୂତ୍ର (୧),ପାଲା(୧), ଲକେଟ୍ (୩ଟା) ସହିତ ରୂପା ପାଉଁଜି, ରୂପା ପଦକ ସମେତ ୪୦ହଜାର ନଗଦ ଲୁଟି ନେଇଥିବା କାହ୍ନୁଚରଣ ଆଜି ନୀଳଗିରି ଥାନାରେ ଅଭିଯୋଗ କରିବାସହିତ ସାଇଣ୍ଟିଫିକ ଟିମ୍ ର ସହାୟତାନେଇ ତଦନ୍ତକରିବାକୁ ଅନୁରୋଧ କରିଛନ୍ତି। ତେବେ କେବେ ନୀଳଗିରି ଅଞ୍ଚଳବାସୀଙ୍କ ଧନଜୀବନ ସୁରକ୍ଷିତ ରହିବ ତାକୁ ସମସ୍ତଙ୍କର ଅପେକ୍ଷା।

## ଅଜଣା ଗାଡି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବସ୍ତା,୧୬।୫(ନିପ୍ର):ବସ୍ତା ନିର୍ବାଚନ ମଣ୍ଡଳୀର ବୋଲଙ୍ଗ ଚକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କର ପ୍ରାଣହାନି ଘଟିଛି।ସୂଚନାରୁ ପ୍ରକାଶ ଯେ ଗତକାଲି ରାତିରେ ବୋଲଙ୍ଗ ଗାଁର ଝାମୁଡି ସୋରେନ( ୬୫) ରାସ୍ତାରେ ଯାଉଥିବା ବେଳେ ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିଲା। ଗାଡି ଧକ୍କାରେ ଆହତ ହୋଇ ଘଟଣା ସ୍ଥଳରେ ବୃଦ୍ଧଟିର ପ୍ରାଣ ବାୟୁ ଉଡି ଯାଇଥିଲା। ଖବର ପାଇ ସିଂଲା ଥାନା ପୁଲିସ ମୃତ ଦେହକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଆଜି ଶବ ବ୍ୟବଚ୍ଛେଦ କରିଛି।

# ଯୋଗାଣ ବିଭାଗର ବିଭିନ୍ନ ସ୍ଥାନରେ ଚଢ଼ାଉ: ୫୦୫ ଲିଟର ଡିଜେଲ ଜବତ

ମାନ୍ୟବର ଯୋଗାଣ ମନ୍ତ୍ରୀ,ଯୋଗାଣ ସଚିବ ଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲାପାଳ, ଶ୍ରୀ ଅମ୍ରିତ୍ ଋତୁରାଜ ଜିଲ୍ଲା ଯୋଗାଣ ଅଧିକାରୀ,ଭୁବନେଶ୍ୱର ସହକାରୀ ଯୋଗାଣ ଅଧିକାରୀ,ବାଲିଅନ୍ତା ଓ ବାଲିପାଟଣା ଯୋଗାଣ ନିରୀକ୍ଷକ ଙ୍କୁ ନେଇ ଏକ ଟିମ୍ ଗଠନ କରି ଭୁବନେଶ୍ୱର ଉପକଣ୍ଠ ର ବିଭିନ୍ନ ପେଟ୍ରୋଲ ପମ୍ପ ଏବଂ ଅବୈଧ ସ୍ଥାନ ରେ ଥିବା ପେଟ୍ରୋଲ ଓ ଡିଜେଲ ଗଚ୍ଛିତ କେନ୍ଦ୍ର ମାନଙ୍କରେ ଚଢ଼ାଉ କରିଥିଲେ।ଏହି ଚଢ଼ାଉ ରେ ୧ ନିରଞ୍ଜନ ନାୟକ,ହୀରାପୁର ୨ ବୁଲୁ ପ୍ରଧାନ,ପୂରଣ ପଧାନ ୩ ସୁଶାନ୍ତ କୁମାର ଚୌଧୁରୀ, ଧାନହରା ୪ ତପନ କୁମାର ସାହୁ,ନୂଆପାଟଣା ଏବଂ ୫ ଅଜୟ ସାହୁ, ବନ ମାଳିପୂର୍ ଙ୍କ ଠାରୁ ୫୦୫ ଲିଟର ଅବୈଧ ଗଚ୍ଛିତ ଡିଜେଲ ଜବତ କରାଯାଇଥିଲା।ସେମାନଙ୍କ ପାଖରେ କୌଣସି ବିତରକ ଲାଇସେନ୍ସ କିମ୍ବା ଅଗ୍ନିଶମ ବିଭାଗ ର ସର୍ଟିଫିକେଟ ନଥିଲା।ଜନଗହଳି ପୂର୍ଣ୍ଣ ସ୍ଥାନ ରେ ଲାଭଖୋର ମନବୃତ୍ତି ରଖି ଲିଟର ପିଛା ୧୪୦ ଟଙ୍କା ଦର ରେ ବିକ୍ରୟ କରୁଥିଲେ।ଏଥି ସହିତ ସେମାନେ ବ୍ୟବହାର କରୁଥିବା ପଳା,କାହାଲୀ ଆଦି ମଧ ଜବତ କରାଯାଇଛି।ପରିଦର୍ଶନ କରାଯାଇଥିବା କେତେଗୁଡ଼ିଏ ପେଟ୍ରୋଲ ପମ୍ପ ରେ ତେଲ ନଥିବା ରୁ,ସେମାନଙ୍କୁ ତେଲ ଆଣି ବିକ୍ରୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।ସେମାନଙ୍କ ପାଖରେ ପରିଲିଖିତ ହୋଇଥିବା ତ୍ରୁଟି ସମ୍ବନ୍ଧ ରେ ସେମାନଙ୍କ ବିତରକ କମ୍ପାନୀ ଗୁଡିକୁ କାର୍ଯ୍ୟନୁଷ୍ଠାନ ନିମନ୍ତେ ସୁପାରିସ କରାଯାଇଥିଲା।ଚଢ଼ାଉ ସମୟରେ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର ,ସହାୟକ ଯୋଗାଣ ଅଧିକାରୀ ସୁନୀତା ବେହେରା,ବାଲିଅନ୍ତା ଯୋଗାଣ ନିରୀକ୍ଷକ ଅଳକାରଣି ମଲିକ୍,ଏବଂ ବାଲିପାଟଣା ଯୋଗାଣ ନିରୀକ୍ଷକ ନେତ୍ରାନନ୍ଦ ବେହେରା ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ




ବାରିପଦା, ୧୬/୫ (ନି.ପ୍ର): ଜିଲ୍ଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ମୟୂରଭଞ୍ଜ ପକ୍ଷରୁ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭି.ବି.ଡି.) ଡା. ବିଜୟ କୁମାର ଦାସ ଅଧକ୍ଷତା କରିଥିଲେ । ଏହି ଅବସରରେ ଡା. ଦାସ ଡେଙ୍ଗୁ ରୋଗର ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଜ୍ୱର ସହିତ ହାତ, ଗଣ୍ଠି ଓ ଆଖି ବିନ୍ଧିବା, ଶରୀରରେ ଲାଲ ଦାଗ ଦେଖାଯିବା ଇତ୍ୟାଦି ଡେଙ୍ଗୁର ପ୍ରମୁଖ ଲକ୍ଷଣ । ଏହାର ନିୟନ୍ତ୍ରଣ ପାଇଁ ସଠିକ ସମୟରେ ରକ୍ତ ପରୀକ୍ଷା କରାଇବା, ନିୟମିତ ମଶାରୀ ବ୍ୟବହାର କରିବା, ଘର ଓ ଘର ଚାରିପାଖ ସଫା-ସୁତୁରା ରଖିବା, ପୂର୍ଣ୍ଣ ଶରୀର ଆବୃତ ହେବା ପରି ପୋଷାକ ପରିଧାନ କରିବା ଏବଂ ଘରେ ଘରେ ଜ୍ୱର ରୋଗୀଙ୍କ ଚିହ୍ନଟ କରି ସେମାନଙ୍କର ଡେଙ୍ଗୁ ପରୀକ୍ଷା କରାଇବା ଆବଶ୍ୟକ । ସେହିପରି ପଇଡ଼ ଖୋଳପା, ପୁରୁଣା ଟାୟାର ଓ ଅନ୍ୟାନ୍ୟ ପାତ୍ରରେ ପାଣି ଜମି ନ ରହିବା ପାଇଁ ସଚେତନ ରହିବାକୁ ସେ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ନାୟକ କହିଥିଲେ ଯେ, ଡେଙ୍ଗୁ ରୋଗ ମାଇ ଏଡିସ ମଶା ଦ୍ୱାରା ସଂକ୍ରମିତ ହୁଏ । ତେଣୁ ଚା କପ, ପାଣି ଟାଙ୍କି, ଏୟାର କୁଲର, ଫୁଲ ଡାନି ଓ ଅନ୍ୟାନ୍ୟ ପାଣି ଜମିପାରୁଥିବା ସାମଗ୍ରୀକୁ ଅନ୍ତତଃ ୩ ରୁ ୪ ଦିନ ମଧ୍ୟରେ ଥରେ ସଫା କରିବା ଆବଶ୍ୟକ । ଜ୍ୱର ହେଲେ ତୁରନ୍ତ ରକ୍ତ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ ନେବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଏ.ଏନ୍.ଏମ୍.ଟି.ସି.ର ପ୍ରିନ୍ସିପାଲ ଭାରତୀ ଅନୁକ୍ଷା ଡେଙ୍ଗୁ ରୋଗର ଭୟାବହତା ଏବଂ ସମୂହ ସଚେତନତାର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ । ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଶ୍ରୀ ତପନ କୁମାର ସାହୁ ଆଶା କର୍ମୀମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ, ଘରେ ଘରେ ଯାଇ ସଚେତନତା ସୃଷ୍ଟି କରିବା ସହ ଜ୍ୱର ହେଲାମାତ୍ରେ ସି.ବି.ସି. ପରୀକ୍ଷା ସହ ଆବଶ୍ୟକ ରକ୍ତ ପରୀକ୍ଷା କରାଇବା ଏବଂ ମଶାର ଉତ୍ପତ୍ତିସ୍ଥଳକୁ ନଷ୍ଟ କରିବା ଉପରେ ଗୁରୁତ୍ୱ ଦେବା ଦରକାର । କାର୍ଯ୍ୟକ୍ରମରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶ୍ରୀ ଧନୁରାମ ମୁର୍ମୁ, ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ଶ୍ରୀ ଗଣେଶ୍ୱର ମହାନ୍ତି, ଏଫ୍.ଏଲ୍.ଏ. ଶ୍ରୀ ଗୋପବନ୍ଧୁ ଗିରି, ଫାଇଲେରିଆ ପରିଦର୍ଶକ ଶ୍ରୀ ଦୁର୍ଗା ଦାସ ଓ ଶ୍ରୀ ଅମୂଲ୍ୟ ଦାସ, ବାରିପଦା ସହରାଞ୍ଚଳର ସମସ୍ତ ଆଶା କର୍ମୀ, ସୁପେରିଅର୍ କ୍ଷେତ୍ର ଅଧିକାରୀ ଶ୍ରୀ ବଳରାମ ବେହେରା ଏବଂ ଏ.ଏନ୍.ଏମ୍. ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀମାନେ ଉପସ୍ଥିତ ଥିଲେ ।

# ଜିଲ୍ଲା ସ୍ତରୀୟ ସୁନାମୀ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ




ବାଲେଶ୍ୱର, ୧୬/୫ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହିଡ଼ିଗାଁ ଗ୍ରାମ ପଂଚାୟତର ହିଡ଼ିଗାଁ ଓ ଗୁଡୁପାହି ଗ୍ରାମ ପଂଚାୟତର ଗୁଡୁପାହି ଗ୍ରାମଠାରେ ଜିଲ୍ଲାସ୍ତରୀୟ, ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି ।ଗୁଡୁପାହି ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା ଉଦଘାଟନ କରିଥିଲେ । ସୁନାମି ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା ଗୁରୁତ୍ୱାରୋପ କରିଥିଲେ । ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ବାଲେଶ୍ୱର ଜିଲ୍ଲା ର ସଦର ବ୍ଲକର ଦୁଇଗୋଟି ଗ୍ରାମ ଯଥା ଗୁଡୁପାହି ଓ ହିଡିଗାଁ ଗ୍ରାମରେ ମକଡ୍ରିଲ ଅନୁଷ୍ଠିତ ହୋଇଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଇଛି । ଗୁଡୁପାହି ଓ ହିଡ଼ିଗାଁବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲରେ ଏନ.ଡି.ଆର.ଏଫ., ଓ.ଡ୍ରା.ଫ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା । ଏନ.ଡି.ଆର.ଏଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ । ଓସଡାମା ସହଯୋଗରେ ଅନୁଷ୍ଠିତ ଏହି ମକଡ୍ରିଲରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଓସଡାମା କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଓ କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ମେଘନାଦ ବେହେରା ଉପସ୍ଥିତ ରହି ନିଜର ପ୍ରତିକ୍ରିୟା ରଖିଥିଲେ । ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ , ହିଡ଼ିଗାଁ ଓ ଗୁଡୁ ଗ୍ରାମ ପଂଚାୟତର ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସରପଞ୍ଚ, ଅତିରିକ୍ତ ଗୋଷ୍ଠୀ ଉନୟନ୍ନ ଅଧିକାରୀ, ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବାଲେଶ୍ୱର , ଶ୍ରୀ ସାଇ କୃଷ୍ଣ ଜେନା, ଏନ.ଡି.ଆର.ଏଫ. ଟିମ କମାଣ୍ଡର, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କ ର ସମ୍ପାଦକ ଶ୍ରୀ ପ୍ରଦୀପ ଜେନା ଉପସ୍ଥିତ ରହି ମକଡ୍ରିଲ ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଶ୍ରୀ ଅବନୀକାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

# ଜନ୍ମମାଟିରେ ସଂଗୀତ ସୁଧାକରଙ୍କ ୧୦୩ ଜନ୍ମ ଜୟନ୍ତି ପାଳନ



ବାଲକାଟି , ୧୬/୫ (ନି.ପ୍ର): ଜନ୍ମମାଟି ବାଲକାଟିରେ ଓଡ଼ିଶୀ ସଙ୍ଗୀତର ପ୍ରବାଦ ପୁରୁଷ ସଂଗୀତ ସୁଧାକରଙ୍କ ଶହେତିନିତମ ଜନ୍ମ ଜୟନ୍ତି ପାଳିତ ହୋଇଯାଇଛି । ସଂଗୀତ ସୁଧାକରଙ୍କ ଗ୍ରାମ ବସନ୍ତପେଡ଼ି ରୁ ସଙ୍କୀର୍ତ୍ତନ ଶୋଭାଯାତ୍ରା ବାହାରି କଲେଜ ପଡ଼ିଆ ସନ୍ନିକଟ ବାଳକୃଷ୍ଣ ମଣ୍ଡପ ଯାଏଁ ଯାଇଥିଲା। ବାଲକାଟି ଛକରେ ଥିବା ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା । ପ୍ରାରମ୍ଭରେ ସଂସଦ ସମ୍ପାଦକ ଜଗନ୍ନାଥ ଶତପଥୀ ସୂଚନା ପ୍ରଦାନ କରିଥିଲେ । ଚିତ୍ତାକର୍ଷକ ସମରକଳା, ଓଡ଼ିଶୀ ନୃତ୍ୟ, ଭଜନ, ଲୋକସଙ୍ଗୀତ ପରିବେଷଣ ହୋଇଥିଲା। ସଭାପତିତ୍ୱ କରିଥଲେ ଅନୁଷ୍ଠାନର ସଭାପତି ଡ ରଜନୀ ରଞ୍ଜନ ଦାଶ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା କୁନ୍ ମୁନ ଲେଙ୍କା, ସ୍ଥାନୀୟ ନେତା ପବିତ୍ର ବେହେରା, ଗଙ୍ଗାଧର ମାହାରୀ, ରବୀନ୍ଦ୍ର ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଓଡିଶୀ ସଙ୍ଗୀତ ଗୁରୁ ଫକୀର ଚରଣ ଜେନାଙ୍କୁ ଚଳିତ ବର୍ଷର ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟାନ୍ୟଙ୍କ ମଧ୍ୟରେ ଗବେଷିକା ପୂଜା ରାଣୀ ପାଣି, ଡ. ସୁଧାଂଶୁ ଦାଶ ବସନ୍ତ ଦାଶ ବକ୍ତବ୍ୟ ରଖିଥିଲେ। ଧନ୍ୟବାଦ୍ ଅର୍ପଣ କରିଥିଲେ ରାମ ମୋହନ ତ୍ରିପାଠୀ।

## ଇଭିକୁ ଆପଣେଇବ ବିଏମ୍ସି

ଭୁବନେଶ୍ୱର , ୧୬/୫ (ନି.ପ୍ର): ପରିବେଶ ସ୍ୱଚ୍ଛତା, ଜଳବାୟୁ ପରିବର୍ତ୍ତନ ଏବଂ ସାମ୍ପ୍ରତିକ ପରିସ୍ଥିତି ତଥା ସରକାରଙ୍କ ଉପଦେଶକୁ ମାନି ପେଟ୍ରୋଲ ଓ ଡିଜେଲ ବ୍ୟବହାର କମ୍ କରିବା, ଇଲେକ୍ଟ୍ରିକ୍ ଯାନ ବା ଇଭିର ବ୍ୟବହାର କରିବା ପାଇଁ ପଦକ୍ଷେପ ନେଇଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) । ବିଭିନ୍ନ ଅଧିକାରୀ, କର୍ମଚାରୀଙ୍କ ଯାତାୟାତ ନିମନ୍ତେ ବ୍ୟାଟେରୀ ଚାଳିତ ଗାଡି ବ୍ୟବହାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସଂପ୍ରତି ପ୍ରଶାସନିକ ଅଧିକାରୀ, ଇଂଜିନିୟରିଂ ଉପବିଭାଗ, ବିଦ୍ୟୁତ୍ ଉପବିଭାଗ, ପରିମଳ ଉପବିଭାଗ, ଜୋନ୍ ଅଫିସ୍, ବିବିଧ କ୍ଷେତ୍ର ପ୍ରକଳ୍ପ ନିମନ୍ତେ ଡିଜେଲ ଚାଳିତ ଗାଡି ବ୍ୟବହୃତ ହେଉଅଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida